

୨୦୨୭ରେ 'କ୍ରିସ୍-୪'
ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-78 THURSDAY 11 SEPTEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୭୮ ଗୁରୁବାର ୧୧ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ତୃତୀୟ ଦିନରେ ଥମିଲା ଆନ୍ଦୋଳନ

# ସେନା କବ୍‌ଜାରେ ନେପାଳ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ନିଷିଦ୍ଧ ଏବଂ ଦୁର୍ନୀତି ବିରୋଧରେ ନେପାଳରେ ଆରମ୍ଭ ହୋଇଥିବା 'ଜେନ୍ ଜେଡ୍' ଆନ୍ଦୋଳନ ସରକାର ଭୁଶୁଡ଼ାଇବା ପରେ ତୃତୀୟ ଦିନରେ କ୍ରମଶଃ ଶିଥିଳ ହୋଇଛି। ତେବେ ହିଂସା ୩୦ ଜଣଙ୍କ ଜୀବନ ନେଇଛି। ୧୦୩୩ରୁ ଅଧିକ ଆହତ ହୋଇଛନ୍ତି। ହିଂସ୍ର ପ୍ରଦର୍ଶନ ଯୋଗୁଁ ସାରା ଦେଶ ସେନା ନିୟନ୍ତ୍ରଣରେ ରହିଛି। ଅନ୍ତରୀଣ ସରକାର ଗଠନ ପାଇଁ ସେନା ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ୬ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଛି।

ନେପାଳ ହିଂସା ଅନେକ ନିରୀହଙ୍କ ଜୀବନ ନେଇଛି। ଏହାକୁ ନେଇ ବୁଧବାର ଅନେକ ଖବର ସାମ୍ନାକୁ ଆସିଛି। ସିପିଏନ ଅଧ୍ୟକ୍ଷ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ଝିଅ ଗଙ୍ଗା ଦହଲଙ୍କ ମୃତଦେହକୁ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ପ୍ରଚଣ୍ଡ ଏବଂ ତାଙ୍କ ସ୍ତ୍ରୀକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆନ୍ଦୋଳନକାରୀ ତାଙ୍କ ଘର ଉପରେ ଆକ୍ରମଣ କରି ▶ପୃଷ୍ଠା-୭

**ସମ୍ବିଧାନ ସଂଶୋଧନ ଦାବିକଲେ ଆନ୍ଦୋଳନକାରୀ**

**୩ ଦଶନ୍ଧି କରାଯାଇଥିବା ଲୁଟ୍‌ର ତଦନ୍ତ ଦାବି**

**ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଝିଅର ମୃତଦେହ ଉଦ୍ଧାର**

**ଜେଲ୍‌ରୁ ଚମ୍ପଟମାରିଲେ ୧୧ ହଜାର କଏଦୀ**

**ନେପାଳରେ ଫସିଛନ୍ତି ୨୦୦ ଭାରତୀୟ ଡ୍ରାଇଭର**

## ସୁଶୀଳା କାର୍କି ହେବେ କାମଚଳା ପ୍ରଧାନମନ୍ତ୍ରୀ



■ କାଠମାଣ୍ଡୁ, ୧୦।୯ (ଏଜେନ୍ସି): ଦେଶର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଁ ଜେନ୍ ଜେଡ୍ ଆନ୍ଦୋଳନକାରୀ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। ସେନା ଏବଂ ଅନ୍ୟ ପ୍ରମୁଖ ଆନ୍ଦୋଳନକାରୀଙ୍କ ମଧ୍ୟରେ ଦୀର୍ଘ ୬ ଘଣ୍ଟାର ଅନ୍‌ଲାଇନ ଚର୍ଚ୍ଚା ପରେ ତାଙ୍କ ନାମରେ ମୋହର ବାଜିଛି। ଏହି ଭର୍ଚୁଆଲ ବୈଠକରେ ପ୍ରାୟ ୫ ହଜାର ଆନ୍ଦୋଳନକାରୀ ସାମିଲ ହୋଇଥିଲେ। କୌଣସି ଯୁବଗୋଷ୍ଠୀ ରାଜନୈତିକ ଦଳରେ ସାମିଲ ହୋଇ ସରକାର ଗଠନ ନିମନ୍ତେ ପ୍ରୟାସ କରିବେ ନାହିଁ ବୋଲି ଆନ୍ଦୋଳନକାରୀ ନିଷ୍ପତ୍ତି ନେଇଛନ୍ତି। କାର୍କି କୌଣସି ରାଜନୈତିକ ଭିତ୍ତିଭୂମିରୁ ଆସି ନାହାନ୍ତି। ସ୍ୱଚ୍ଛତା ଏବଂ ସମାନତା ପାଇଁ ତାଙ୍କୁ ବଛାଯାଇଛି। ସେ ନେପାଳ ସୁପ୍ରିମକୋର୍ଟର ପ୍ରଥମ ମହିଳା ପ୍ରଧାନ ବିଚାରପତି ଥିଲେ। ସେ ମଧ୍ୟ ନେତୃତ୍ୱ ନେବାକୁ ରାଜି ହୋଇଛନ୍ତି। ନାମ ପ୍ରସ୍ତାବ ଦେବା ପରେ ସୁଶୀଳା ସେନା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେନା ସହମତ ହେଲେ ସୁଶୀଳା ଦେଶର ନେତୃତ୍ୱ ନେବେ।

୧୯୫୨ ଜୁନ୍ ୭ରେ ଜନ୍ମିତ ସୁଶୀଳା ବନାରସ ହିନ୍ଦୁ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର୍ସ କରିଥିଲେ। ସେ ୧୯୭୯ରେ ଓକିଲାତିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୬ ଜୁଲାଇ ୧୧ରୁ ୨୦୧୭ ଜୁନ୍ ୬ ପର୍ଯ୍ୟନ୍ତ ନେପାଳର ପ୍ରଧାନ ବିଚାରପତି ଥିଲେ। କାର୍ଯ୍ୟପାଳିକାରେ ହସ୍ତକ୍ଷେପ ଅଭିଯୋଗରେ ୨୦୧୭ରେ ତାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇଥିଲା।

## ଅକ୍ଟୋବରରୁ ସାରା ଦେଶରେ ଏସ୍‌ଆଇଆର୍

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ଅକ୍ଟୋବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହୋଇପାରେ। ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ବୈଠକରେ ହୋଇଥିବା ଆଲୋଚନାରୁ ଏଭଳି ସୂଚନା ମିଳିଛି। ସରକାରୀ ଭାବେ ତାରିଖ ଘୋଷଣା କରାଯାଇନଥିଲେ ମଧ୍ୟ ଏଥିଲାଗି ପ୍ରସ୍ତୁତ ରହିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭାରତର ନିର୍ବାଚନ କମିସନ। ବିହାରରେ ଏସ୍‌ଆଇଆର୍‌କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଏବେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ବିପୁଳ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ହଟାଇବା ଲାଗି କମିସନ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିବା ବେଳେ କମିସନ ଏହା ସପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି।

ଦେଶବ୍ୟାପୀ ଏସ୍‌ଆଇଆର୍ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିବା ବେଳେ ଆଜି ଏଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ହୋଇଥିଲା। ବୈଠକରେ କେବଳ ଏସ୍‌ଆଇଆର୍ ପ୍ରସଙ୍ଗରେ ହିଁ ଆଲୋଚନା କରାଯାଇଛି। ସାଢ଼େ ତିନି ଘଣ୍ଟା ଧରି ହୋଇଥିବା ବୈଠକରେ ନିର୍ବାଚନ ଅଧିକାରୀମାନେ ସେମାନଙ୍କ ରାଜ୍ୟ ସଂପର୍କରେ ବିଭିନ୍ନ ତଥ୍ୟ ଉପସସ୍ଥାପନ କରିଥିଲେ। ଏସ୍‌ଆଇଆର୍ ପାଇଁ ସେମାନେ ପ୍ରସ୍ତୁତ ବୋଲି କହିଥିଲେ। ନିର୍ବାଚନ କମିସନ ଏହି ପ୍ରସ୍ତୁତିର ସମୀକ୍ଷା କରିବା ସହିତ ବୁଥ ସ୍ତରରେ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କୁ ଆବଶ୍ୟକ ତାଲିମ ଦେବାପାଇଁ କହିଥିଲେ। ନିଜ ନିଜ ରାଜ୍ୟରେ ଥିବା ଭୋଟରଙ୍କ ସଂଖ୍ୟା, ତାଲିକାରେ ନୂଆ ଭୋଟର ସାମିଲ ପାଇଁ ଏସ୍‌ଆଇଆର୍ ଯୋଗ୍ୟତା ତାରିଖ ଏବଂ ତାଲିକାର ଡିଜିଟାଇଜେସନ ଓ ଅପଲୋଡିଂ ସଂପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଗୋଟିଏ ପୋଲିଂ ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ରୁ ଅଧିକ ହେବା ଉଚିତ ନୁହେଁ ବୋଲି ନିର୍ବାଚନ ଅଧିକାରୀ ମତ ଦେଇଥିଲେ।

ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱତନ୍ତ୍ର ଉପସ୍ଥାପନ କରିଥିଲେ। ରାଜ୍ୟରେ ଏସ୍‌ଆଇଆର୍ ବେଳେ ଅଧିକାରୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଏବଂ ଏହାର କିପରି ମୁକାବିଲା କରାଯାଇଥିଲା, ସେସଂପର୍କରେ କହିଥିଲେ। ଏହି ଅବସରରେ ନିର୍ବାଚନ କମିସନ କହିଥିଲେ ଯେ ବିହାରରେ ଏସ୍‌ଆଇଆର୍ ପାଇଁ ଗତବର୍ଷ ଜୁନ୍ ୨୪ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଦେଶର ଅବଶିଷ୍ଟ ଅଞ୍ଚଳ ପାଇଁ ▶ପୃଷ୍ଠା-୭

**ପ୍ରସ୍ତୁତ ରହିବା ଲାଗି ସମସ୍ତ ନିର୍ବାଚନ ଅଧିକାରୀଙ୍କୁ କମିସନଙ୍କ ନିର୍ଦ୍ଦେଶ**

## ୧୫ ମାସ ପରେ ବି ୬ ମନ୍ତ୍ରୀ ପଦ ଖାଲି

### ଠିକ୍ ସମୟରେ ନିଆଯିବ ସଠିକ୍ ନିଷ୍ପତ୍ତି: ମନମୋହନ

■ ଭୁବନେଶ୍ୱର,୧୦।୯(ସମିସ): ଦିନକ ପରେ ସରକାରକୁ ପୂରିବ ୧୫ ମାସ। ମାତ୍ର ପୂରଣ ହୋଇ ପାରିନାହିଁ ମନ୍ତ୍ରୀ ପରିଷଦରେ ଖାଲିଥିବା ୬ ମନ୍ତ୍ରୀ ପଦ ସହ ନିଗମ, ବୋର୍ଡ, ଏକାଡ଼େମୀରେ ଖାଲିଥିବା ପଦ। ଏପରି ଅହେତୁକ ବିଳମ୍ବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ସରକାର ଓ ସଙ୍ଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଶାସକ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗତ କିଛିମାସ ହେଲା ପ୍ରାୟତଃ ଏକ ସମୟରେ ଦିଲ୍ଲୀ ଗସ୍ତ ଦଳର ମନ୍ତ୍ରୀ ଆଶାୟୀଙ୍କ ମନରେ ସୃଷ୍ଟି କରୁଥିବା ଆଶା ପରବର୍ତ୍ତୀ ସମୟରେ ନିରାଶାରେ ପରିଣତ ହେଉଛି। ଏହି ସମୟରେ ରାଜ୍ୟରେ ସପ୍ତାହେ ଧରି ଉତ୍ସାହିତ ମନ୍ତ୍ରୀ ଆଶାୟୀଙ୍କ ଆଶାରେ ପାଣି ଢ଼ାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଆଜି ଦିଲ୍ଲୀରୁ ଫେରିବା ପରେ ଶ୍ରୀ ସାମଲ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଠିକ୍ ସମୟରେ ହେବ ବୋଲି ହାଲୁକା ମନ୍ତବ୍ୟ ଦେବା ଅନେକଙ୍କୁ ନିରାଶ କରିଛି।

ମନମୋହନ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନେଇ କୌଣସି ଆଲୋଚନା ହୋଇନାହିଁ। ଏନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ । ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋର୍ଡ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି ।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିଶନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶ ମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ ହୋଇପଡ଼ିଲେଣି। ସେହିପରି ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଏହା ଗୁରୁତର ଭାବେ ପ୍ରଭାବ ପକାଉଛି। ଯେଉଁଥିପାଇଁ ସମ୍ପ୍ରସାରଣ ଏକାନ୍ତ ଜରୁରୀ ହୋଇ ▶ପୃଷ୍ଠା-୭

**ଏକାଧିକ ବିଭାଗର ମନ୍ତ୍ରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ**

**ନିଗମ ଓ ବୋର୍ଡରେ ନିଯୁକ୍ତି ଆଶାୟୀଙ୍କ ଅସନ୍ତୋଷ ବଢୁଛି**

**ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ଉନ୍ନୟନ କାମ ବାଧାପ୍ରାପ୍ତ**

## ରକ୍ତ ଭଣ୍ଡାରରେ ଚିହ୍ନଟ ହୋଇପାରୁନି ଏଚ୍‌ଆଇଭି

### ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ



■ କଟକ, ୧୦।୯ (ସମିସ): ରାଜ୍ୟର ସମସ୍ତ ୫୫ଟି ରକ୍ତଭଣ୍ଡାରରେ ଆଇଡି-ଏନ୍‌ଏଟି (ଇଣ୍ଡିଭିଜୁଆଲ ଡୋନର୍ ନ୍ୟୁକ୍ଲିକ୍ ଏସିଡ୍ ଆମ୍ପ୍ଲିଫିକେସନ୍ ଟେକ୍ନୋଲୋଜି) ପରୀକ୍ଷା ସୁବିଧା ନଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ହେଉଥିବା ଏଚ୍‌ଆଇଭି, ଏଚ୍‌ସିଭି ଭଳି ମାରାତ୍ମକ ସଂକ୍ରମିତ ରକ୍ତର ଚିହ୍ନଟ ହୋଇପାରୁନାହିଁ। ଫଳରେ ଏଡ୍‌ସ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଚିକିତ୍ସା ବିଜ୍ଞାନୀ ଡା. ଅମରେନ୍ଦ୍ର ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତର ପୁରୁଣା ଏଲିସା ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଥିବା ବେଳେ ଏହି ପଦ୍ଧତିରେ ଏଚ୍‌ଆଇଭି ଭଳି ଭୂତାଣୁ ସଂକ୍ରମଣ ନିର୍ଦ୍ଦିଷ୍ଟ ଅବଧିରେ ଜଣାପଡୁନଥିଲା। ହାଇକୋର୍ଟରେ ରୁଜୁ ଆଉ ଏକ ଜନସ୍ୱାର୍ଥ ମାମଲାରେ ନିର୍ଦ୍ଦେଶାନୁସାରେ ସରକାର ଏନଏଟି-ପିସିଆର୍ ଟେଷ୍ଟ କେତେକ ରକ୍ତଭଣ୍ଡାରରେ ଉପଲବ୍ଧ କରାଇଲେଣି। ହେଲେ ଏହି ପ୍ରକ୍ରିୟାରେ ମଧ୍ୟ ଏଚ୍‌ଆଇଭିର ବିଭିନ୍ନ ଭାରିଆଣ୍ଟ ଓ ହେପାଟାଇଟିସି ବି' ଭଳି ମାରାତ୍ମକ ସଂକ୍ରମଣ ୱିଣ୍ଡୋ ପିରିୟଡ୍‌ରେ ଜଣାପଡ଼ିବ ନାହିଁ। ଏଣୁ ଓଏସଏମସିଏଲକୁ ସମସ୍ତ ରକ୍ତଭଣ୍ଡାରରେ ଅତ୍ୟାଧୁନିକ ଆଇଡି-ଏନଏଟି ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

୨୦୨୩ ନଭେମ୍ବର ୧୧ରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସମସ୍ତ ରକ୍ତ ଭଣ୍ଡାରରେ ଏନଏଟି-ପିସିଆର ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୧୧ ରକ୍ତଭଣ୍ଡାରରେ ଏହି ସୁବିଧା ରହିଛି ଓ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଅବଶିଷ୍ଟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ସୁବିଧା ଉପଲବ୍ଧ ହେବ ବୋଲି ସରକାର ଜବାବ ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୧୫କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟସୁନ୍ଦର କାନୁନଗୋ ମାମଲା ପରିଚାଳନା କରୁଛନ୍ତି।

**ଆଇଡି-ଏନଏଟି ପରୀକ୍ଷା ସୁବିଧା ନ ଥିବାରୁ ହୋଇପାରୁନି ଏଚ୍‌ଆଇଭି, ଏଚ୍‌ସିଭି ରକ୍ତ ସଂକ୍ରମଣ ଚିହ୍ନଟ**

## ଲା-ନିନା ସକ୍ରିୟ: ବଢୁଛି ବାତ୍ୟା ଭୟ

■ ଭୁବନେଶ୍ୱର, ୧୦।୯ (ସମିସ): ଆଉ ଦିନ କେଇଟା ପରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହେବ। ଏହି ସମୟରେ କିଛି କାରକ ଚଳିତ ବର୍ଷ ବାତ୍ୟା ଆଶଙ୍କା ସହ ବାତ୍ୟା ବାତାବରଣକୁ ଅନୁକୂଳ କରିଛି। ନେଗେଟିଭ୍ ଆଇଓଡି ଓ ଲା-ନିନା ସକ୍ରିୟ ରହିଲେ ବାତ୍ୟା ସୃଷ୍ଟି ନିମନ୍ତେ ପରିବେଶକୁ ଅନୁକୂଳ କରିଥାଏ। ସାମୁଦ୍ରିକ ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ରହିଲେ ଏହା ମଧ୍ୟ ବାତ୍ୟା ସୃଷ୍ଟି ସାଙ୍ଗକୁ ବାତ୍ୟାକୁ ଅଧିକ ଘନୀଭୂତ କରାଏ। ଚଳିତ ବର୍ଷ ଏହି ସବୁ ସ୍ଥିତି ଅନୁକୂଳ ରହୁଥିବାରୁ ବାତ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିଶ୍ୱ ପାଣିପାଗ ସଂସ୍ଥା ସହ ଅନେକ ପାଣିପାଗ ବିଜ୍ଞାନୀ ଭାରତର ପୂର୍ବ ଉପକୂଳ ଓ ବିଶେଷ କରି ଆନ୍ଧ୍ରରୁ ପଶ୍ଚିମବଙ୍ଗ ଅଞ୍ଚଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଯାହା ଓଡ଼ିଶା ପାଇଁ ଚିନ୍ତା ବଢ଼ାଇଛି ଓ ଅକ୍ଟୋବର ୧ରୁ ବାତ୍ୟା ଋତୁ ଓଡ଼ିଶା ପାଇଁ ବିପଦ ଆଣିପାରେ ବୋଲି କୁହାଯାଉଛି ।

ସାଧାରଣତଃ ଜଳବାୟୁ ପ୍ରକ୍ରିୟା ଲା-ନିନା ପରିସ୍ଥିତି ସଂଘଠିତ ହେଲେ ବଙ୍ଗୋପସାଗରରେ ସାମୁଦ୍ରିକ ଝଡ଼ ବା ବାତ୍ୟାକୁ ବଳ ଯୋଗାଇଥାଏ ଓ ଏହାର ତୀବ୍ରତାକୁ ବୃଦ୍ଧିରେ ସହାୟକ ହୋଇଥାଏ। ଜଳବାୟୁ ପ୍ରକ୍ରିୟା ଲା-ନିନା ପ୍ରଭାବରେ ଉଚ୍ଚ ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ହେତୁ ପଶ୍ଚିମ ପ୍ରଶାନ୍ତ ମହାସାଗର ତଥା ଚାଇନା ସାଗର ଅଞ୍ଚଳରେ ସୃଷ୍ଟି ହେଉଥିବା ବାତ୍ୟାଗୁଡିକର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ପ୍ରବେଶ କରିଥାଏ। ଏହା ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ।

ବିଶେଷ କରି ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ବଙ୍ଗୋପସାଗର ଅଞ୍ଚଳକୁ ପ୍ରବେଶ କରୁଥିବା ଅବଶିଷ୍ଟାଂଶ ଗୁଡ଼ିକ ମୁଖ୍ୟତଃ ଆଣ୍ଡାମାନ ସାଗର ଅଞ୍ଚଳରେ ପ୍ରବେଶ କରିଥାଏ। ଯେହେତୁ ଏହା ଏକ ଦ୍ୱୀପାଞ୍ଚଳ, ତେଣୁ ଏଠାରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଅଧିକ ରହିଥାଏ ଓ ବାତ୍ୟା ଏଠାରେ ମାଡ଼ ହେବା ପରେ ସାମୁଦ୍ରିକ ଆଭ୍ୟନ୍ତରୀଣ ତରଙ୍ଗ ସୃଷ୍ଟି କରିବା ସହ ଅଧିକ ଶକ୍ତିଶାଳୀ ହୋଇ ଆଗକୁ ବଢ଼ିଥାଏ। ▶ପୃଷ୍ଠା-୭

**ପୂର୍ବରୁ ଲା-ନିନା ଆଣିଛି ଏକାଧିକ ବଡ଼ ବାତ୍ୟା**

**ଅକ୍ଟୋବରରୁ ଡିସେମ୍ବର ସ୍ଥିତି ସମ୍ବେଦନଶୀଳ**

## ଦରଦାମ୍ ତାଡିରେ ଶଢୁଛନ୍ତି ଭାରତୀୟ

**ୱାର୍ଲ୍ଡ ପ୍ୟାନେଲ୍ ଇଣ୍ଡିଆ ସର୍ଭେ ରିପୋର୍ଟ**

### ୩ ବର୍ଷରେ ୩୩% ବଢ଼ିଗଲାଣି ପାରିବାରିକ ଖର୍ଚ୍ଚ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ବଜାର ଦରର ମହଙ୍ଗା ମାଡ଼ରେ ଖାଉଟି ନୟାନ୍ତ। ଗାଁ ଠାରୁ ସହର ପର୍ଯ୍ୟନ୍ତ ସାଧାରଣ ଲୋକ ଦରଦାମରେ ଅତିଷ୍ଠ। ଖାଦ୍ୟପାନୀୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଶିକ୍ଷା ସବୁ କ୍ଷେତ୍ରରେ ବଢ଼ି ଚାଲିଥିବା ଖର୍ଚ୍ଚକୁ ନେଇ ସାଧାରଣ ଉପଭୋକ୍ତା ତ୍ରାହିତ୍ରାହି ଡାକୁଛନ୍ତି। ଗରିବ ଲୋକମାନଙ୍କୁ ସରକାର ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିଲେ ହେଁ ଆନୁଷଙ୍ଗୀକ ଖର୍ଚ୍ଚ ଯୋଗାଡ଼ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଛି। ଉଚ୍ଚ ବଜାର ଦର ଯୋଗୁଁ ୩ ବର୍ଷରେ ଭାରତୀୟଙ୍କ ପାରିବାରିକ ଖର୍ଚ୍ଚ ୩୩ ପ୍ରତିଶତ ବୃଦ୍ଧି ପାଇଛି ଓ ୪୫% ଭାରତୀୟ ପରିବାର ଘର ଚଳାଇବାକୁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ମୂଲ୍ୟ ବୃଦ୍ଧିଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ମଧ୍ୟବିତ୍ତ ପରିବାରଗୁଡ଼ିକ ଖର୍ଚ୍ଚକାଟ କରୁଛନ୍ତି ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ସଞ୍ଚୟ ହ୍ରାସ ପାଇଛି। ଜୁନ୍ ୨୦୨୨ରେ ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ହାରାହାରି ସାପ୍ତାହିକ ଖର୍ଚ୍ଚ ୫୨୭୧୧ ଟଙ୍କା ଥିବାବେଳେ ୨୦୨୫ ମାର୍ଚ୍ଚ ମାସରେ ଏହା ବୃଦ୍ଧି ପାଇ ୭୩୫୭୯ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାରାହାରି ସାପ୍ତାହି ଖର୍ଚ୍ଚ ଜୁନ୍ ୨୦୨୨ରେ ୩୬୧୦୪ ଟଙ୍କା ଥିବାବେଳେ ମାର୍ଚ୍ଚ ୨୦୨୫ରେ ଏହା ୪୬୬୨୩ ଟଙ୍କାରେ ପହଞ୍ଚିଛି। ପାରିବାରିକ ଖର୍ଚ୍ଚକୁ ନେଇ ୱାର୍ଲ୍ଡ ପ୍ୟାନେଲ ସର୍ଭେ ପ୍ରକାଶ କରିଛି ଏପରି ତଥ୍ୟ।

'ୱାର୍ଲ୍ଡପ୍ୟାନେଲ୍ ବାଇ ନ୍ୟୁମେରେଟର୍' ରିପୋର୍ଟ ଅନୁସାରେ ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଦୃଷ୍ଟାନ୍ତମୂଳକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟ ପରିବାରଗୁଡିକର ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଥିଲେ ହେଁ ସେମାନେ ଏହାକୁ ଏଡ଼ାଇବାକୁ ବିଳାସପୂର୍ଣ୍ଣ ସାମଗ୍ରୀ ଓ ପ୍ରିମିୟମ ଉତ୍ପାଦଗୁଡ଼ିକରେ କରୁଥିବା ବ୍ୟୟକୁ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଯାହାର ନକରାତ୍ମକ ପ୍ରଭାବ ବଜାର ଉପରେ ପଡୁଛି ।

ପାରିବାରିକ ଖର୍ଚ୍ଚ ବୃଦ୍ଧି ଲୋକଙ୍କ ଗ୍ରାହକ ବା ଉପଭୋକ୍ତା ଭାବନାକୁ ଦୁର୍ବଳ କରିଛି। ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଗ୍ରାହକ ଆତ୍ମବିଶ୍ୱାସ ସୂଚକାଙ୍କ ଗତ ଏକ ବର୍ଷ ମଧ୍ୟରେ ୩%ରୁ ଉଦ୍ଧର୍ ହ୍ରାସ ପାଇଛି। ୨୦୨୪ ମାର୍ଚ୍ଚରେ ଦେଶରେ ▶ପୃଷ୍ଠା-୭

**ଘର ଚଳାଇବାକୁ ସଂଘର୍ଷ କରୁଛନ୍ତି ୪୫% ପରିବାର**

**ବର୍ଷକ ମଧ୍ୟରେ ଉପଭୋକ୍ତା ଆତ୍ମବିଶ୍ୱାସ ୩% ହ୍ରାସ**

**ଦେଶରେ ସ୍ୱଚ୍ଛନ୍ଦ ଜୀବନ କାଟୁଛନ୍ତି ମାତ୍ର ୧୭%**

## ଆଜିର ଦିନରେ

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।
- ୧୮୯୫- ଭୂଦାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ ।
- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା ।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣକ ମୃତ୍ୟୁ ହୋଇଥିଲା ।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା ।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା । ଏଥିରେ ୨୯୯୬ ଜଣକର ମୃତ୍ୟୁ ହୋଇଥିଲା ।

# ୨୦୨୭ରେ 'କ୍ରିସ୍ ୪'



ହ୍ରିତିକ୍ ରୋଶନ ଚଳିତବର୍ଷ ବଲିଉଡ୍‌ରେ ୨୫ ବର୍ଷ ପୂରଣ କରିଛନ୍ତି । ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି । ରାକେଶ ରୋଶନଙ୍କ ବଦଳରେ ନିଜେ ଏଥିରେ ହ୍ରିତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି । ନିକଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ର କାହାଣୀ ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ । ବଜେଟ୍ ପାଇଁ ଆମେ ଚାପରେ ଅଛୁ । ଆମେ ଏକ ସୀମିତ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ । ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ । ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜ୍‌ର ଚତୁର୍ଥ ଫିଲ୍ମ ହେବ । ଏହାର ପ୍ରଥମ ଫିଲ୍ମ 'କୋଇ ମିଲ ଗୟା(୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩) ରେ ଆସିଥିଲା । ହ୍ରିତିକ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ । ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, କିଆରା ଆଡଭାନୀ ଲିଡ୍ ରୋଲରେ ନଜର ଆସିଥିଲେ । ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା । ଏହି କାରଣରୁ ହ୍ରିତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି ।

# ଶ୍ରମିକଙ୍କ କାମ କରିବ ରୋବଟ୍

## ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି । ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି । ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଲୋକେ ବାହୁବଳି ରୋବଟ୍ କହୁଛନ୍ତି । କାରଣ ଏହା ୨୫୦ କେଜି ଓଜନର ଜିନିଷକୁ ବେଶ୍ ସହଜରେ ଉଠାଇ ଦେଉଛି । ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଚୀନ୍‌ର ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ବିକଶିତ କରିଛି । ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ । ଏହି ରୋବଟ୍‌ର ଏକ ଭିଡିଓ ଜାରି କରାଯାଇଛି । ତେବେ ଆଗାମୀ ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି । ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୭୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି । ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୭ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା । ଅବଶ୍ୟ ରୋବଟ୍‌ଟି କେବଳ ଶକ୍ତିଶାଳୀ ନୁହେଁ, ବରଂ ଏକାଧିକ କାର୍ଯ୍ୟ ମଧ୍ୟ କରିବାକୁ ସକ୍ଷମ । ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି । ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍ । ଏହା ଜିନିଷ ଉଠାଇବା ସହ ପରୀକ୍ଷା କରିବା, ସ୍କାନିଂ କରିବା ସହିତ ଗୋଦାମରେ ମଧ୍ୟ କାମ କରିପାରିବ । କେବଳ ସେତିକି ନୁହେଁ, ଏହା ପୋଷାକ ସଫା କରିବା, ପିଲାଙ୍କ ପାଇଁ ରୋଷେଇ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତକତାର ସହ ରଖିଥାଏ । ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲଟ୍ରାସୋନିକ ସେନସର୍ ଲାଗିଛି । ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ଦୌଡ଼ାଦୌଡ଼ି କରିଥାଏ । ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ । ଏହି ରୋବଟ୍ ଏଆଇ ଇଞ୍ଜିନ୍‌ର ବ୍ୟବହାର କରିଥାଏ । ଯାହାକି ଏହାକୁ ନୂଆ କାମ ଶିଖିବାରେ ସାହାଯ୍ୟ କରେ । ଅନ୍ୟପଟେ ଏହାକୁ ଚୀନ୍‌ର କିଛି କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି ।

# ବୟସ ୧୫, ଉଚ୍ଚତା ୭ ଫୁଟ

ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଥାଆନ୍ତି । ଏହି କ୍ରମରେ ବିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ । ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢୁଛନ୍ତି । ଭବିଷ୍ୟତରେ ସେ ପୁଲିସ ଚାକିରିରେ ଯୋଗଦେବାକୁ ଆଶା ରଖିଛନ୍ତି । ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଥିବାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି । ସେହିପରି ହରିଓମ୍‌ଙ୍କ ବାପା ପୁଅର ଉଚ୍ଚତାକୁ ଦୃଷ୍ଟିରେ ରଖି ତାଙ୍କ ଘରକୁ ତିଆରି କରିଛନ୍ତି । ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତାକୁ ସାଢ଼େ ସାତଫୁଟ ରଖିଛନ୍ତି । ଯଦ୍ୱାରା ହରିଓମ୍ ଘର ମଧ୍ୟରେ ଆରାମରେ ଆତଯାତ କରିପାରିବେ । ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ବଢ଼ିବା ସହ ବଢ଼ି ଚାଲିଥିଲା । ଏହାକୁ ନେଇ ତାଙ୍କର କୌଣସି ସମସ୍ୟା ମଧ୍ୟ ହୋଉ ନ ଥିଲା । ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି । ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।





# ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ

ସ୍ୱାମୀ ଓ ସ୍ତ୍ରୀର ସମ୍ପର୍କ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି । ପତି ପତ୍ନୀଙ୍କ ମଧ୍ୟରୁ ଜଣକର କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାକୁ ପ୍ରତି ମୁହୂର୍ତ୍ତରେ ଝୁରି ହେଉଥାଏ । ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି । ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଡେକ୍ସି ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ । ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଜେ ପିଲାଦିନର ବନ୍ଧୁ ଥିଲେ । ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ସେମାନଙ୍କର ପ୍ରେଷ୍ଟନ ନାମକ ୧୦ ବର୍ଷର ପୁଅ ଅଛି । ୫୫ ବର୍ଷ ବୟସରେ ଟିଜେଙ୍କର ଅଚାନକ ମୃତ୍ୟୁ ହୋଇଯାଇଥିଲା । ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୂରା ଭାଙ୍ଗି ପଡ଼ିଥିଲେ । ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଉଁଟି ରଖିବାକୁ ଇଚ୍ଛା କରିଥିଲେ । ଟିଜେଙ୍କ ଶରୀରରେ ୭୦ରୁ ଅଧିକ ଟାଟୁ ଥିଲା । ଏଞ୍ଜେଲିକା ଟିଜେଙ୍କ ହାତରେ ଥିବା ପିଟ୍‌ସବର୍ଗ ଷ୍ଟିଲର୍ସ ହେଲମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ । ଖପୁରୀ ଆକୃତିର ଏହି ଟାଟୁଟି ଟିଜେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା । ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ । ତେଣୁ ଅନ୍ତିମସଂସ୍କାର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ । ଏହାପରେ ଟିଜେଙ୍କର ସେହି ଅଂଶକୁ କଟାଯାଇ ସେଭ୍ ମାଇଁ ଇଙ୍କ୍ ଫରଏଭର ନାମକ କମ୍ପାନି ନିକଟକୁ ପଠାଇ ଦିଆଯାଇଥିଲା । ଏହି କମ୍ପାନି ଚର୍ମରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ । ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା । ଶେଷରେ କମ୍ପାନି ପକ୍ଷରୁ ଟିଜେଙ୍କ ଟାଟୁଟିକୁ କାଠ ଓ କାଚ ଯୁକ୍ତ ଫ୍ରେମରେ ବନ୍ଦ କରି ପଠାଯାଇଥିଲା । ଏହି ଫ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ । ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା । ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଜେଙ୍କୁ ମନେ ପକାନ୍ତି, ଏହି ଫ୍ରେମ୍‌କୁ ଆଲିଙ୍ଗନ କରନ୍ତି । ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ସେ ସିରିଏଲ୍ କିଲର୍‌ଙ୍କ ଭଳି କାମ କରିଥିବା କହିଛନ୍ତି ।

# ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏବେ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି । ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ନିକଟରେ ଇଜିପ୍ଟର ଜଣେ ୧୩ ବର୍ଷର ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା । ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ । ହେଲେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା । ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ । ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ । ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବ୍ଲକ୍ ହେବା ଆଶଙ୍କା ଥାଏ । ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମ୍‌ରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ । ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ । ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ । ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ । କେବଳ ସେତିକି ନୁହେଁ ଏହା ହୃତ୍‌ପିଣ୍ଡ ଓ ବୃକକ୍ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ । ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିକି ଖାଇବା ଉଚିତ ।



# ଗୁମ୍ଫାରେ ପାଠାଗାର

ଚୀନ୍‌ର ଗୁଆନ୍ସି ଅଞ୍ଚଳରେ ଥିବା ମିୟାଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି । ମେ ମାସରେ ଏହି ପାଠାଗାର ଖୋଲିବା ପରେ ଚୀନ୍ ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି । ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି । ଏହି ଲାଇବ୍ରେରୀ ଏକ ପାହାଡ଼ ଚଟ୍ଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁଜିମା ଭରି ରହିଛି । ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ । ଏହି ପାଠାଗାରକୁ ଚାଲି ଚାଲି ଯିବାକୁ ହୋଇଥାଏ । ସେହିପରି ପାଠାଗାରକୁ ଯିବା ନିମନ୍ତେ ଉଦ୍ଦିଷ୍ଟ କାଠ ନିର୍ମିତ ରାସ୍ତା ଓ ଝୁଲନ୍ତା ବାଲକୋନୀ ସଭିଙ୍କ ମନ ଜିଣିଥାଏ । ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ସଂଖ୍ୟକ ବହିକୁ ସଜାଇ ରଖାଯାଇଛି । ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ଏହି ସ୍ଥାନ ଉଭୟ ପୁସ୍ତକପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ସ୍ୱର୍ଗ ଭାବେ ଜଣାଯାଏ । ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପାଇପାରନ୍ତି । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ରହିବ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ମାନ ସମ୍ମାନ ବୃଦ୍ଧି ପାଇବ ।

**କର୍କଟ:** ପରିବାର ସହିତ ହସଖୁସିର ସମୟ ବିତାଇବେ । ରାଜନେତାଙ୍କ ପାଇଁ ଦିନଟି ଭଲ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ । କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ । ଦାନ ଧର୍ମ କରନ୍ତୁ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।



ନେପାଳରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ସ୍ତ୍ରୀ ଓ ପ୍ରେମିକକୁ ଅର୍ଦ୍ଧଉଲଗ୍ନ କରି ରାସ୍ତାରେ ଚଲାଇଲେ

■ ପରକୀୟା ପ୍ରୀତି ସନ୍ଦେହ
■ ସ୍ୱାମୀ ଓ ସହଯୋଗୀ ଗିରଫ

ନିମାପଡ଼ା, ୧୦।୯ (ସମିସ): ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଗତ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିମାପଡ଼ା ଥାନା ନିକଟ ଅମଲାପଡ଼ାଠାରେ ଘରଭଡ଼ା ନେଇ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ସ୍ୱାମୀ ଓ ସାଙ୍ଗମାନେ ମିଶି ତାଙ୍କର ଜଣେ ସମ୍ପର୍କୀୟ ଶିକ୍ଷକଙ୍କ ସହ ହାତ, ଗୋଡ଼ ବାନ୍ଧି ମାଡ଼ମାରି ଅର୍ଦ୍ଧ ଉଲଗ୍ନ କରି ବେକରେ ଫୁଲମାଳ ପକାଇ ଜନଗହଳିପୂର୍ଣ୍ଣ ରାସ୍ତାରେ ଚଲାଇ ଚଲାଇ ନିମାପଡ଼ା ଥାନାକୁ ନେବା ଘଟଣା ନିମାପଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଧ୍ୟାପକ ଥିବା ସ୍ୱାମୀ କାକଟପୁର ଥାନା ଅଞ୍ଚଳର ଗିରିଧାରୀ ଖଟୁଆ ଓ ତାଙ୍କ ସହଯୋଗୀ ସୁବ୍ରତ ପଡ଼ିଆରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ନିଆଳି ବ୍ଲକ୍ ଅଞ୍ଚଳରେ ଶିକ୍ଷୟିତ୍ରୀ ଥିବା ମହିଳାଜଣଙ୍କ ନିମାପଡ଼ା ଅମଲାପଡ଼ାଠାରେ ଭଡ଼ା ଘର ନେଇ ରହିଆସୁଛନ୍ତି। ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଗିରିଧାରୀ ଖଟୁଆ ଜଗତସିଂହପୁର ନାଉଗାଁ ଅଞ୍ଚଳରେ ଏକ ଘରୋଇ କଲେଜରେ ଅଧ୍ୟାପକ ଥିବା ଜଣାପଡ଼ିଛି। କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ରହିଥିଲା। ମଙ୍ଗଳବାର ରାତିରେ ଅଧ୍ୟାପକ ଗିରିଧାରୀ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀ ଓ ଜଣେ ସମ୍ପର୍କୀୟ ଶିକ୍ଷକଙ୍କୁ ଅର୍ଦ୍ଧଉଲଗ୍ନ କରିବା ସହ ମାଡ଼ ମାରି, ବେକରେ ଫୁଲମାଳ ପକାଇ, ହାତବାନ୍ଧି ଦୁହିଁଙ୍କୁ ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ନେଇଥିଲେ। ଏହି ଘଟଣା ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟ କରିବା ସହ ନିମାପଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ସବୁ କୁଆଡ଼େ ହଜିଗଲା ବୋଲି ଦେଖଣାହାରୀଙ୍କଠାରୁ ଶୁଣିବାକୁ ମିଳିଛି। ଶିକ୍ଷୟିତ୍ରୀ ପତ୍ନୀଙ୍କ ସହ ଶିକ୍ଷକ ନେତାଙ୍କ ଖରାପ ସମ୍ପର୍କ ଥିବା ନେଇ ତାଙ୍କ ସ୍ୱାମୀ କହୁଥିବା ଶୁଣିବାକୁ ମିଳିଛି। ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀଜଣଙ୍କ ତାଙ୍କ ସ୍ୱାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରେ ଏକୁଟିଆ ଥିବା ବେଳେ ହଠାତ୍ ତାଙ୍କ ସ୍ୱାମୀ ଗିରିଧାରୀ ଓ ଶିକ୍ଷକଜଣଙ୍କ ଘରକୁ ଆସିଥିଲେ। ଶିକ୍ଷକଜଣଙ୍କ ଘର ଭିତରକୁ ପଶିବା କ୍ଷଣି ସ୍ୱାମୀ ଓ ତାଙ୍କ ସହିତ ଆସିଥିବା ଅନ୍ୟ ଜଣେ ସହଯୋଗୀ ସୁବ୍ରତ ପଡ଼ିଆରୀ ମିଶି ପତ୍ନୀ ଓ ଶିକ୍ଷକଜଣଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଉଲଗ୍ନ କରି ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ଥାନା ପର୍ଯ୍ୟନ୍ତ ଆଣିଥିଲେ। ପତ୍ନୀଙ୍କ ଅଭିଯୋଗକ୍ରମେ ପୁଲିସ ସ୍ୱାମୀ ଗିରିଧାରୀ ଓ ତାଙ୍କ ସହଯୋଗୀ ସୁବ୍ରତଙ୍କ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି।



### ସିଂହଦ୍ୱାରରେ ଅଭାବନୀୟ ଦୃଶ୍ୟ

## ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଯୁବକଙ୍କ ଜିଦ୍

ପୁରୀ, ୧୦।୯ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ କରିବା ପାଇଁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ସୂଚନାନୁଯାୟୀ, ଯୁବକଜଣଙ୍କ ହାତରେ ଏକ ବାଡ଼ି ଧରି ବାଇକ୍‌ରେ ଆସିଥିଲେ। ରାଧାବଲ୍ଲଭ ମଠ ବାହାରେ ଦୁଇ ଚକିଆ ଯାନ ପାର୍କିଂ କରିଥିଲେ। ଭୋର୍ ସମୟରେ ଭକ୍ତମାନଙ୍କ ପାଇଁ ସିଂହଦ୍ୱାର ଖୋଲିବା ପୂର୍ବରୁ ମନ୍ଦିର ଭିତରକୁ ଚପଲ ପିନ୍ଧି ପଶିବାକୁ ଉଦ୍ୟମ କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଜେଟିପି ତାଙ୍କୁ ଅଟକାଇବା ବେଳେ ଯୁବକଜଣଙ୍କ ଶୁଣି ନଥିଲେ। ଶେଷରେ ସୁରକ୍ଷାକର୍ମୀ ଓ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ। ତାଙ୍କର ଏବେ ଚିକିତ୍ସା ଚାଲିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୧୦।୯ (ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ମାମଲାର ବିଚାର କରି ଆଜି ରାୟ ଶୁଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାଞ୍ଚଳର ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନ (୩୨)କୁ ଦଫା ୩୬୩/୩୬୬/୩୭୬/(୨)(ଏନ୍)ଓ ପୋକ୍ସୋ ଧାରା ୬ ଅନୁସାରେ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

୨୦୨୩ ଏପ୍ରିଲ ୧୧ ତାରିଖରେ ୧୭ ବର୍ଷୀୟା ଜଣେ ନାବାଳିକା କଲେଜକୁ ପରୀକ୍ଷା ଦେବାକୁ ଯାଇଥିବା ବେଳେ ଶୁଭେନ୍ଦୁ ତାକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ କେନ୍ଦୁଝର ଜିଲ୍ଲା ପାଟଣା ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ପୀଡ଼ିତାକୁ ବେଙ୍ଗାଲୁରୁରୁ ଉଦ୍ଧାର କରିଥିଲା। କିନ୍ତୁ ଶୁଭେନ୍ଦୁ ସେତେବେଳେ ଚମ୍ପଟ ମାରିଥିଲା। ପରେ ଭୁବନେଶ୍ୱର ରେଳଷ୍ଟେସନ ନିକଟରୁ ପୁଲିସ୍ ତାକୁ ଗିରଫ କରିଥିଲା। ପୀଡ଼ିତା ଅଭିଯୁକ୍ତ ଦ୍ୱାରା ବିଭିନ୍ନ ସ୍ଥାନରେ ବାରମ୍ବାର ଦୁଷ୍କର୍ମର ଶିକାର ହେବା ସହ ନିର୍ଯାତିତ ହୋଇଥିବା ପୁଲିସ ବୟାନ ରେକର୍ଡ କରିଥିଲା। ବୁଧବାର କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏହି ମାମଲାରେ ୧୫ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଶୁଭେନ୍ଦୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେସାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ବିଇଓଙ୍କୁ ମିଳିବ ସରକାରୀ ଗାଡ଼ି

ଭୁବନେଶ୍ୱର, ୧୦।୯ (ସମିସ): ବିଦ୍ୟାଳୟ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ତୃଣମୂଳସ୍ତରରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଏଣିକି ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ବିଦ୍ୟାଳୟ ବୁଲିବେ। ଶିକ୍ଷାଦାନ ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯିବ। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଇଛି ଯେ ବିଇଓମାନଙ୍କୁ ଗାଡ଼ି ଯୋଗାଇବାକୁ ସରକାର ଆବଶ୍ୟକ ମନେ କରୁଛନ୍ତି। ଏଣୁ କେତେ ସଂଖ୍ୟାରେ ଗାଡ଼ି ଆବଶ୍ୟକ ତା'ର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫଳରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତଦାରଖ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ।

## ଭିଜିଲାନ୍ସ ଜାଲରେ କିରାଣି

### ପେନସନ୍ କରାଇଦେବାକୁ ୩୦ ହଜାର ଲାଞ୍ଚ ନେଉଥିଲେ

ଚମ୍ପୁଆ, ୧୦।୯ (ସମିସ): ଭିଜିଲାନ୍ସ ଜାଲରେ କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ନିକୋଲସନ୍ ବନ ବିଦ୍ୟାଳୟର କନିଷ୍ଠ କିରାଣି ରୂପଚାନ୍ଦ ନାଏକ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନସନ୍ ଆବେଦନ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି।

ସୂଚନାନୁସାରେ, ସ୍କୁଲରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ୨୦୨୪ରୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କର ପେନସନ୍ ପାଇବା ପାଇଁ ଏଚ୍‌ଆର୍‌ଏମ୍‌ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପଲୋଡ୍ କରିବା ପାଇଁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଶ୍ରୀ ନାଏକ। ଏ ସଂପର୍କରେ ସେ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି କିରାଣି ଶ୍ରୀ ନାଏକ ତାଙ୍କ କାର୍ଯ୍ୟାଳୟରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଭାବେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଚଢ଼ଉ କରାଯାଇଥିଲା।

କିରାଣି ଶ୍ରୀ ନାଏକ ଏହି ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୦୪ରୁ କାର୍ଯ୍ୟ କରି ଆସୁଛନ୍ତି। ଚଢ଼ଉ ଦଳରେ କେନ୍ଦୁଝର ଭିଜିଲାନ୍ସ



ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନସପେକ୍ଟର୍ ଉଲପି ବେହେରା, ସବଇନ୍ସପେକ୍ଟର୍ ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନେଷ୍ଟବଳ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଭିଜିଲାନ୍ସ ନମ୍ବର ୯/୨୫ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଥିବା ଡିଏସ୍‌ପି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

### ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

## ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୯ (ସମିସ): ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ରାଜ୍ୟ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା- ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଏପରି ପୋଷ୍ଟ କରି ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଛନ୍ତି।

ଉକ୍ତ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି, ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ସରକାରଙ୍କ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖଦୁର୍ଦ୍ଦଶା ଦେଇଥାଏ। ଆଜିର ଦିନରେ ଆଉ ଥରେ ସଂକଳ୍ପ ନେବା ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

## ଚଳିତ ମାସରେ ନୂଆ ଅବକାରୀ ନୀତି

### ଆସନ୍ତା ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହ ହେବ ସବିଶେଷ ଆଲୋଚନା

ଭୁବନେଶ୍ୱର, ୧୦।୯ (ସମିସ): ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିବା ପାଇଁ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦିନେ ଦୁଇଦିନ ଭିତରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦଶହରା ପୂର୍ବରୁ ନୂଆ ନୀତି ପ୍ରଣୟନ ପ୍ରକ୍ରିୟା ସରିବ। ଇତିମଧ୍ୟରେ ଅବକାରୀ ବିଭାଗର ପ୍ରତିନିଧି ଦଳ ଦୁଇ ରାଜ୍ୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ସେଠାରେ ପ୍ରଚଳିତ ଅବକାରୀ ନୀତି ଶ୍ରେଷ୍ଠ ଦିଗକୁ ପ୍ରତିନିଧିଦଳ ଅନୁଧ୍ୟାନ କରିଥିବା ବେଳେ ତାହା ନୂଆ ନୀତିରେ ବିନିଯୋଗ କରାଯାଇଛି। ନୂଆ ନୀତିରେ ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ।

ସେହିପରି ବର୍ତ୍ତମାନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ଉ ଜୋରଦାର କରାଯାଇଛି। ଯେଉଁମାନେ ଚୋରା କାରବାରରେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଆସନ୍ତା ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀଜୟନ୍ତୀରୁ ରାଜ୍ୟ ସରକାର ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମାସେ ବ୍ୟାପୀ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

## ଅଧ୍ୟାପକଙ୍କୁ ୨୦ ବର୍ଷ ଜେଲ୍

ବାରିପଦା, ୧୦।୯ (ସମିସ): ମୟୂରଭଞ୍ଜ ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଜଣେ କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ଅଧ୍ୟାପକ ମାନସ ରଞ୍ଜନ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ୍ ଓ ୨ଲକ୍ଷ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାନସଙ୍କ ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବୁଢ଼ୀମୁହାଁଣ ଅମର୍ଦ୍ଦା ଗ୍ରାମରେ। ସେ ଉଦଳାସ୍ଥିତ ସାଇସାଧନା ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଅପରପକ୍ଷେ, ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, କଲେଜରେ ପାଠ ପଢ଼ାଇବା ବେଳେ ମାନସ ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ବିଭିନ୍ନ ସମୟରେ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଗୋଚରରେ ଉକ୍ତ ସମୟର ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ରଖିଥିଲେ। ତେବେ ନାବାଳିକାଜଣଙ୍କ ତାଙ୍କ ସହ ସଂପର୍କ ଭାଙ୍ଗିଦେବାରୁ ପରବର୍ତ୍ତୀ ସମୟରେ ମାନସ ସମସ୍ତ ଅଶ୍ଳୀଳ ଭିଡିଓ ଓ ଫଟୋକୁ ଭାଇରାଲ କରିଦେଇଥିଲେ। ଏ ବାବଦରେ ପୀଡ଼ିତାଙ୍କ ପରିବାରଲୋକେ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

### ୪ କୋଟିର ସାଇବର୍ ଠକେଇ


## ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

ଭୁବନେଶ୍ୱର, ୧୦।୯ (ସମିସ): ପଶ୍ଚିମବଙ୍ଗରେ ଠକେଇ କରି ଓଡ଼ିଶାରେ ଆତ୍ମଗୋପନ କରିଥିବା ଏକ ଠକକୁ ଉଠାଇନେଇଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିହର ମହାପାତ୍ର। ମିଳିଥିବା ସୂଚନା ଅନୁସାରେ, ହରିହର ଟ୍ରେଡିଂ କରିବା ପାଇଁ ବିଭିନ୍ନ ଲୋକଙ୍କୁ ପ୍ରବର୍ତ୍ତାଇଥିଲା। ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକମାନେ ସେହି ଆପରେ ଟଙ୍କା ବିନିଯୋଗ କରିଥିଲେ। ହେଲେ ଲାଭ କଥା ଦୂରରେ ଥାଉ, ମୂଳ ମଧ୍ୟ ମିଳିନଥିଲା। ଏହିପରି ଉପାୟରେ ହରିହର ପ୍ରାୟ ୪ କୋଟି ଟଙ୍କା ଠକି ନେଇଥିଲା। ଏନେଇ ପଶ୍ଚିମବଙ୍ଗର ପ୍ରଗତି ମଇଦାନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ହରିହର ପଶ୍ଚିମବଙ୍ଗ ଛାଡ଼ି ଓଡ଼ିଶା ପଳାଇ ଆସିଥିଲା। ଦୁଇ ଦିନ ପୂର୍ବେ ଖଣ୍ଡଗିରି ଥାନା ଅଧିନସ୍ଥ ଏକ ତାରକା ହୋଟେଲରେ ଆସି ଆତ୍ମଗୋପନ କରିଥିଲା। ହରିହରକୁ ଧରିବାକୁ ପଶ୍ଚିମବଙ୍ଗ ପୁଲିସ କାଲିଠାରୁ ଭୁବନେଶ୍ୱରରେ ଡେରା ପକାଇଥିଲା। ଫୋନ୍ ଟ୍ରାକିଂ ଜରିଆରେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ତାରକା ହୋଟେଲରେ ଥିବା ଜାଣିବାକୁ ପାଇଥିଲା। ବୁଧବାର ଭୋରରୁ ଖଣ୍ଡଗିରି ଥାନା ପୁଲିସ ସହାୟତାରେ ଉକ୍ତ ତାରକା ହୋଟେଲରେ ଚଢ଼ଉ କରିଥିଲା। ସେଠାରୁ ହରିହରକୁ ଗିରଫ କରି ପଶ୍ଚିମବଙ୍ଗ ନେଇଛି।

## ଖରସ୍ରୋତାରେ ଭାସିଗଲେ ମହିଳା

### ଉଦ୍ଧାର କଲେ ଗ୍ରାମବାସୀ

ଗୋବିନ୍ଦପୁର, ୧୦।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଗ୍ରାମର ସମୀର ଦାସଙ୍କ ପତ୍ନୀ ସ୍ନିଗ୍ଧା ସରିତା ଦାସ(୩୫) ଆଜି ସାଢ଼େ ୧୦ଟା ବେଳେ ନଦୀକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଦୀର୍ଘ ସମୟ ପରେ ନଦୀରେ ମହିଳାଜଣଙ୍କ ଭାସି ଯାଉଥିବା ଦେଖି ଗ୍ରାମର କିଛି ସାହସୀ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀ ମଧ୍ୟକୁ ଡେଇଁଥିଲେ। ବନ୍ୟାର ପ୍ରଖରସ୍ରୋତ ସତ୍ତ୍ୱେ ସାହସୀ ଯୁବକ ଅମରେଶ ଦାସ, ରବୀନ୍ଦ୍ର ଧଳ, ରଞ୍ଜିଆ ଦାସ, ସୁଶାନ୍ତ ଦାସ, ବ୍ରଜକିଶୋର ମହାନ୍ତି ଓ



ଗ୍ରାମବାସୀଙ୍କ ସହଯୋଗରେ ସ୍ନିଗ୍ଧାଙ୍କୁ ନଦୀରୁ ଉଦ୍ଧାର କରାଯାଇଛି। ତାଙ୍କୁ ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଶୁଭାରମ୍ଭ

### ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା, ବାରଣାସୀ ଯାତ୍ରା

ଭୁବନେଶ୍ୱର,୧୦।୯ (ସମିସ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍‌ର ଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ୨୦୨୫–୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮୦୦୦ ବରିଷ୍ଠ ନାଗରିକମାନଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।



ଆଜି ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲଓ୍ୱେ କ୍ୟାଟରିଙ୍ଗ, ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଅଯୋଧ୍ୟା– ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ୬ଟି ଜିଲ୍ଲାରୁ ୭୭୫ଜଣ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ପୁରୀରୁ ୧୨୭ ଜଣ, କଟକରୁ ୧୯୭ଜଣ, ଜଗତସିଂହପୁର ୮୫ଜଣ, କେନ୍ଦ୍ରାପଡ଼ାରୁ ୮୯ଜଣ, ଢେଙ୍କାନାଳରୁ ୧୦୮ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କୁ ଦର୍ଶନ କରିବା ସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରି ପବିତ୍ର ଗଙ୍ଗା ଆରତୀ କରିବେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସଙ୍କ ସମେତ ବିଧାୟକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଥମ ଟ୍ରେନ ଯାତ୍ରା ପାଇଁ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଥିଲେ।

### ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ

## ହାତଗୋଡ଼ ବାନ୍ଧି ହତ୍ୟା କରି ଫିଙ୍ଗିଦେଲା

### ଅଭିଯୁକ୍ତ ଅଟକ, ପୁଲିସ ତନାଘନା ଜାରି

ରାମଚନ୍ଦ୍ରପୁର, ୧୦।୯ (ସମିସ): ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ। ସ୍ୱାମୀଙ୍କଠାରୁ ଅଧିକ ବିଶ୍ୱାସ କରିଥିଲେ, ସେ ହିଁ ବଇରୀ ସାଜିଲା। ହତ୍ୟା କରି ହାତଗୋଡ଼ ବାନ୍ଧି ବୁଦାମୂଳକୁ ଫିଙ୍ଗିଦେଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଆଜି ଏପରି ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ଅଭିଯୁକ୍ତକୁ ଧରିଛି। ମୃତ ମହିଳା ହେଲେ, ଅଳତି ପଞ୍ଚାୟତ ଜନାର୍ଦ୍ଦନପୁର-ପାଟଣା ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତୀ ଦାସ (୫୦)। ଆଜି ଗାଁ ନିକଟ ଏକ ପରିତ୍ୟକ୍ତ ନାଳ ନିକଟ ବେଣାବୁଦା ମୂଳରୁ



ପୁଲିସ ତାଙ୍କ ହାତଗୋଡ଼ବନ୍ଧା ଗଳିତ ଶବ ଜବତ କରିଛି। ସେ ୪ ଦିନ ହେଲା ନିଖୋଜ ଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ କୃପାସିନ୍ଧୁ ଦାସ(୫୨)କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ତାକୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇବା ପରେ କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ସୁକାନ୍ତୀଙ୍କ ସହ କୃପାସିନ୍ଧୁର ପ୍ରେମସଂପର୍କ ଥିଲା। କିନ୍ତୁ କୌଣସି କଥାକୁ ନେଇ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି, ସୁକାନ୍ତୀ ମାସେ ତଳେ କୃପାସିନ୍ଧୁ ବିରୋଧରେ ଥାନାରେ ଏତଲା ଦେବାରୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୭ ଦିନ ତଳେ ସେ ଜାମିନରେ ଆସିଥିଲା। ତେବେ ଗତ ରବିବାର ରାତିରୁ ହଠାତ୍ ସୁକାନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ପରିବାରଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଗାଁ ନାଳ ନିକଟରେ ଏକ କୋଦାଳ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ।



ପୁଲିସ ପହଞ୍ଚି ସରଜମିନ ତଦନ୍ତ କରିଥିଲା। କିନ୍ତୁ ମହିଳାଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରିନଥିଲା। ଆଜି ଗାଁ ନିକଟ ସେହି ନାଳ କୂଳରେ ଥିବା ବେଣାବୁଦା ମୂଳରୁ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି କରିବାରୁ ସୁକାନ୍ତୀଙ୍କ ଗଳିତ ମୃତଦେହ ଠାବ କରାଯାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମହିଳାଙ୍କ ହାତଗୋଡ଼ ବନ୍ଧା ହୋଇଥିବା ଦେଖିଥିଲା।

# ବିଡିଓଙ୍କୁ ଜିପିଏଲଏଫ କର୍ମୀଙ୍କ ଦାବିପତ୍ର ପ୍ରଦାନ



ମହୁଲଡିହା/ଠାକୁରମୁଣ୍ଡା, ୧୦।୯ (ସମିସ): ଠାକୁରମୁଣ୍ଡା ବ୍ଲକରେ କାର୍ଯ୍ୟରତ ସିଆରପି, ଏମବିକେ, ବ୍ୟାଙ୍କମିତ୍ର ତଥା ଅନ୍ୟ କର୍ମୀମାନେ ସୋମବାର ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ପଦବୀ ଅନୁସାରେ ମିଳୁଥିବା ଦରମା ଜାରି ରଖିବା ପାଇଁ ଦାବି କରିଛନ୍ତି। ବର୍ତ୍ତମାନ ସରକାର ଦାୟିତ୍ୱ ସମ୍ପାଦନ ଆଧାରରେ ଅର୍ଥ ପ୍ରଦାନ ବ୍ୟବସ୍ଥା କରିଥିବାରୁ ଏହାକୁ କର୍ମୀମାନେ ବିରୋଧ କରିଛନ୍ତି। ଏହାକୁ ବିରୋଧ କରି କେହି ଚଳିତ ମାସର ପରଫର୍ମାନ୍ସ ସିଟ ପୂରଣ କରିନଥିବା ଦର୍ଶାଇଛନ୍ତି। ପରଫର୍ମାନ୍ସ ଆଧାରରେ ସମସ୍ତଙ୍କୁ ପଦବୀ ଆଧାରରେ ଦରମା ମିଳିବ ନାହିଁ। କାର୍ଯ୍ୟ ସମ୍ପାଦନ ପେମେଣ୍ଟ ଆଧାର କରାଯାଇଥିବାରୁ ଏହାକୁ ସାମୂହିକ ବିରୋଧ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ମିଶନ ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୟୂରଭଞ୍ଜ ଜିଲାପାଳ, ଡିପିଏମ, ଡିପିସି, କମିଶନର ମିଶନ ଶକ୍ତି ସମେତ ବିଭିନ୍ନ ଅଧିକାରୀଙ୍କୁ ଦିଆଯାଇଛି।

### ୧୭ରୁ ସୁସ୍ଥ ନାରୀ ଓ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଭିଯାନ

# ସମାଜର ସବୁ ବର୍ଗଙ୍କୁ କରାଯିବ ସାମିଲ



ବାରିପଦା, ୧୦।୯ (ସମିସ): ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ସମ୍ପର୍କିତ ଏକ ବିଭିନ୍ନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କ ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଯକ୍ଷ୍ମା ରୋଗର ପରୀକ୍ଷା, ଟିକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ ଓ ଥାଲାସେମିଆ ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା'ମାନଙ୍କ ଅଂଶ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ଏହି ଅଭିଯାନ ସମୟରେ ପିଏଚସି, ସିଏଚସି ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ଓ ବୟୋବନ୍ଦନା ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ମଧ କରାଯିବ। ଏହାର ଶତ ପ୍ରତିଶତ ସଂତୃପ୍ତି ହାସଲ ପାଇଁ ଦାୟିତ୍ୱର ସହ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. କିଶୋର କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହିତ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଅଣସଂକ୍ରାମକ ରୋଗ ବିଭାଗର ନିହାର ରଞ୍ଜନ ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଜରାଟରେ ଶ୍ରମିକଙ୍କୁ ପଥର ଛେଚି ହତ୍ୟାକଲା ନାବାଳକ; ନୀଳଗିରିରୁ ଅଭିଯୁକ୍ତ ଗିରଫ

ବୈଶିଙ୍ଗା, ୧୦।୯।(ସମିସ): ବୈଶିଙ୍ଗା ଥାନା ଅଧୀନ କଣ୍ଟିପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ସାନପୁଅ ଉତ୍ତମ ବିକାଶ ଗୁଜରାଟ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ଜଣେ ନାବାଳକ ତାଙ୍କ ମୁଣ୍ଡ ଉପରେ ପଥର ଛେଚି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏ ନେଇ ଟିଭିରେ ଖବର ପ୍ରକାଶ ହେବା ପରେ ପରିବାର ଲୋକେ ଗୁଜରାଟ ଯାଇ ମୃତଦେହ ଆଣିବାକୁ ବିଧାୟକ ଏବଂ ପ୍ରଶାସନ ସବୁ ବ୍ୟବସ୍ଥା କରିଥିଲେ; ହେଲେ ସେଠାରେ ଯାଇ ପହଞ୍ଚିଲା ବେଳକୁ ଶବ ସଢ଼ିବା ଆରମ୍ଭ ହୋଇଯାଇଥିଲା। ପୁଣି ସେଠାରୁ ଆସିବାକୁ ଆହୁରି ୩ଦିନ ଲାଗିଥାନ୍ତା। ତେଣୁକରି ମୃତକଙ୍କ ବଡଭାଇ ବାଧହୋଇ ସେଠାକାର ପୁଲିସ ସହାୟତାରେ ଶବ ସତ୍କାର କଲେ। ଏବେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ସୂଚନା ଅନୁଯାଇ ଗୁଜରାଟ ମୋରବି ଜିଲ୍ଲାର ୱାଙ୍କନେର ତାଲୁକା ପୁଲିସ ଅଧୀନରେ ଥିବା ଏକ ଘରୋଇ ଟାଇଲ କମ୍ପାନୀରେ ରହି କାମ କରୁଥିଲେ ଉତ୍ତମ। ପରେ ତାଙ୍କ ନିକଟରେ ବାଲେଶ୍ୱର ନୀଳଗିରି ଅଞ୍ଚଳର ୧୬ ବର୍ଷୀୟ ନାବାଳକ ରହୁଥିଲା। ତେବେ କୌଣସି କଥାକୁ ନେଇ ରବିବାର ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଉତ୍ତମ ଉକ୍ତ ନାବାଳକକୁ ଚାପୁଡା ମାରିଥିଲେ। ଏଥିରେ ନାବାଳକ ଜଣକ ପ୍ରତିଶୋଧ ପରାୟଣ ହୋଇ ରାତିରେ ଏକ ପଥର ଉତ୍ତମଙ୍କ ମୁଣ୍ଡରେ ଚେଛି ଦେଇଥିଲା। ଫଳରେ ଉତ୍ତମଙ୍କ ମୃତ୍ୟୁ ଘଟିଥିଲା। ପରେ ପାଖ ବୁଦା ମୂଳକୁ ଫିଙ୍ଗି ଦେଇଥିଲା ଶବକୁ। ତେବେ ତାଲୁକା ପୁଲିସ ଅଧିକାରୀ ଏଚ କେ ଜାଡେଜା ଶବ ବ୍ୟବଚ୍ଛେଦ କରାଇବା ପରେ ତଦନ୍ତ ଆରମ୍ଭ କରିଥିଲେ। ପରେ ନୀଳଗିରି ଅଞ୍ଚଳର ନାବାଳକକୁ ଗିରଫ କରିଥିଲେ। ନାବାଳକ ପୁଲିସ ସମ୍ମୁଖରେ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲା।

# ୩୮ ଲିଟର ମଦ ଜବତ; ୨ ମହିଳା ଗିରଫ

କୁଆମରା, ୧୦।୯ (ସମିସ): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୨ଜଣ ମହିଳାଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୩୮ ଲିଟର ଦେଶୀ ମଦ ଜବତ ହୋଇଛି। ଚତୁର୍ଶିଳା ଗ୍ରାମର କୁମତି ବେହେରା (୪୧)ଙ୍କଠାରୁ ୨୦ ଲିଟର ଓ ରାଣୀବନ୍ଧ ଗ୍ରାମର ଫୁଲମଣୀ ମାରାଣ୍ଡି (୩୬)ଙ୍କ ଠାରୁ ୧୮ ଲିଟର ଜବତ ହୋଇଥିବା ବେଳେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିବେକାନନ୍ଦ କେନ୍ଦ୍ରରେ ବିଶ୍ୱ ଭାତୃତ୍ୱ ଦିବସ ପାଳିତ

ବାରିପଦା, ୧୦।୯ (ସମିସ): ବାରିପଦା ବିବେକାନନ୍ଦ କେନ୍ଦ୍ର ଶାଖା ଆନୁକୂଲ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନଗର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର ଅଖିଳ ଭାରତୀୟ ମହାସଚିବ ଭାନୁଦାସ ଧାକ୍ରାସ ମୁଖ୍ୟଅତିଥି ରୂପେ ଯୋଗଦେଇ ସନାତନ ବୈଦିକ ଧର୍ମ ଓ ମହାନ ମିଳିତ ଭାରତୀୟ ସଂସ୍କୃତି ଉପରେ ଆଧାରିତ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନ, ଦର୍ଶନ ଓ ବିଚାରଧାରା କିପରି ବିଶ୍ୱ ଐକ୍ୟ ଓ ଭାଇଚାରାର ମଞ୍ଜି ବପନ କରିଥିଲା ସେ ନେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ଓଡ଼ିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବାରିପଦା ଶାଖାର ନଗର ପ୍ରମୁଖ ଶିବଶଙ୍କର ଗିରି ମଞ୍ଚ ସଞ୍ଚାଳନ ଓ କାର୍ଯ୍ୟାଳୟ ପ୍ରମୁଖ ଡ଼ଃ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାମୀଜୀଙ୍କ ଚିକାଗୋ ବିଶ୍ୱଧର୍ମ ମହାସମ୍ମିଳନୀରେ ପ୍ରଦତ୍ତ କାଳଜୟୀ ଉଦ୍‌ଘାଟନୀ ବକ୍ତୃତା ଏବଂ ବିବେକ ବାଣୀ ଉପସ୍ଥାପନ କରିଥିଲେ। ବାରିପଦା ସ୍ନାତକ ମହାବିଦ୍ୟାଳୟ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେତନଟୀ ମହାବିଦ୍ୟାଳୟ, ବାଇଗଣବାଡିଆ ମହାବିଦ୍ୟାଳୟ ଓ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ୱାଧ୍ୟାୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବକୁ ଶାଖାର ସହନଗର ପ୍ରମୁଖ ଡ. ସିଦ୍ଧେଶ୍ୱର ପଣ୍ଡା ଓ ସଙ୍ଗୀତା ଦାଶ ପରିଚାଳନା କରିଥିଲେ। ରବୀନ୍ଦ୍ର ମହାପାତ୍ର, କ୍ଷଣପ୍ରଭା ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ଡ଼ଃ ଅଞ୍ଜଳି ପଣ୍ଡା, ସଂଯୁକ୍ତା ଚାନ୍ଦ, ମାନସ କୁମାର ନାୟକ, ଡ. ରମାକାନ୍ତ ମହାନ୍ତ, ଅନୁକୂଳ ପଟ୍ଟନାୟକ, ଡ଼ଃ ସମର ପାତ୍ରୀ, କରମଚାନ୍ଦ ବୈଠା ଓ ଦୀପକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ସାନ୍ତାଳୀ ପରମ୍ପରା ଓ ସାମାଜିକ ସଚେତନତା ଶିବିର

ବହଳଦା, ୧୦।୯ (ସମିସ): ତିରିଂ ବ୍ଲକ ଅନ୍ତର୍ଗତ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟର ଏକ ସାମାଜିକ ଓ ସାନ୍ତାଳୀ ପରମ୍ପରା ଶୀର୍ଷକ ଦୁଇ ଦିବସୀୟ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ସାନ୍ତାଳ ସମାଜରେ ବିଭିନ୍ନ ରୋଗ ବ୍ୟାଧିର ଉପଚାର ସାମାଜିକ ପରମ୍ପରା ମାଧ୍ୟମର ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ସାମାଜିକ ଚଳଣୀ ଏବଂ ସରଳ ଉପଚାର ମାଧ୍ୟମରେ ନିରାକରଣ ପାଇଁ ସଚେତନତା ଉପରେ ଆଲୋଚନା ହୋଇଥିଲା। ଏହା ଦିଶମ ହାପଲାମ୍ ବୀରଗାଳ, ରାମଗଡ଼, ଝାରଖଣ୍ଡ ଏବଂ ଆସେକା ଓଡ଼ିଶା ତିରିଂ ଶାଖାର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ତିରିଂ ଆସେକାର ସଭାପତି ଛୋଟରାୟ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଝାଡ଼ଖଣ୍ଡର ଦୁମକା ଜିଲ୍ଲା, ଗ‡। ଜିଲ୍ଲା, ସିଂହଭୂମ ଜିଲ୍ଲା ତଥା ଦିଲ୍ଲୀ, ପଶ୍ଚିମବଙ୍ଗର ପୁରୁଲିଆ, ଝାଡଗ୍ରାମ, ମିଦିନାପୁର ଏବଂ ଓଡ଼ିଶାର ଭୁବନେଶ୍ୱର, ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତିନିଧି ଯୋଗ ଦେଇଥିଲେ। ସାନ୍ତାଳ ସମାଜର ପାରମ୍ପରିକ ବ୍ୟବସ୍ଥା ଏବଂ ଚଳଣୀ ଦ୍ୱାରା ଅନ୍ଧ ବିଶ୍ୱାସର କୁପରିଣତିକୁ କିପରି ଏଡାଇ ଦିଆଯାଇପାରିବ ସେ ନେଇ ଶ୍ରୀ ଲାଖାଇ ଟୁଡୁ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ସଭାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୈତନ୍ୟପ୍ରସାଦ ମାଝୀ (ଆବାହକ ଭାରତୀୟ ସାନ୍ତାଳୀ ଭାଷା ବିଭାଗ), ବିନ୍ଦେ ସୋରେନ୍ (ସମାଜ ମୁଖ୍ୟ, କଦମା, ଝାରଖଣ୍ଡ)ଙ୍କ ସମେତ ବହୁ ମୁଖ୍ୟ ଯୋଗଦେଇଥିଲେ। ଶେଷରେ ରାମରାୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର



ବାରିପଦା, ୧୦।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୁଳପତି ପ୍ରଫେସର ଡ଼ଃ ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ କଲେଜରୁ ୨୪ଜଣ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୪ ଜଣ ସ୍ୱେଚ୍ଛାସେବୀ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ ଚୟନ ଶିବିର ନିମନ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଶିବିର ପରିଚାଳନା କରିଥିଲେ। ପଞ୍ଚମ ବାଟାଲିୟନର ଇନିସପେକ୍ଟର(ଏ) ଅସିତ କୁମାର ପତି, ହାବିଲଦାର କୋମଳ ବାହାଦୂର ପାଉଦେଲ ଏବଂ ସିପାହୀ ଅରୁଣ କୁମାର ମହାନ୍ତ ଶିବିରକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ଉଷା ଶତପଥୀ, ସୀମାନ୍ତ ମହାବିଦ୍ୟାଳୟ ପୋଗ୍ରାମ ଅଫିସର ଆରତୀ ହୋ, ଉତ୍କଳ ବନାନୀ ମହାବିଦ୍ୟାଳୟ ପୋଗ୍ରାମ ଅଫିସର ହରମୋହନ ମହାନ୍ତ, ସ୍ନାତକୋତ୍ତର ପୋଗ୍ରାମ ଅଫିସର ଡଃ ବିଷ୍ଣୁପ୍ରିୟା ହାଁସଦା ଏବଂ ବରିଷ୍ଠ ସହାୟକ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା, ୧୦।୯ (ସମିସ): ବୈଶିଙ୍ଗାରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ୩ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏଏସଆଇ ସୁବ୍ରତ କୁମାର ସାହୁ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ରଙ୍ଗାମାଟିଆ ଛକ ନିକଟରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଦା ଘାଟରୁ ଚୋରା ବାଲି ନେଇ ଏକ ଟ୍ରାକ୍ଟର ଆସୁଥିବା ବେଳେ ପୁଲିସ ଜବତ କରି ଥାନାକୁ ଆଣିଥିଲା। ସେହିପରି ପାଟଳିପୁରା ଘାଟରୁ ଅନ୍ୟ ଏକ ଟ୍ରାକ୍ଟର ବାଲି ନେଇ ଆସୁଥିବା ବେଳେ ମୋହନପୁର ଛକ ନିକଟରେ ଗାଡିକୁ ଅଟକାଇ ପୁଲିସ ଡ୍ରାଇଭରକୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଥିଲା। ଅନୁରୂପ ଭାବେ ବେଲାଣପୁରା ଘାଟରୁ ଟ୍ରାକ୍ଟର ଚୋରା ବାଲି ବୋଝେଇ କରି ବୈଶିଙ୍ଗା ପଟକୁ ଆସୁଥିବା ବେଳେ ବଡାମ ଛକ ନିକଟରୁ ଡ୍ରାଇଭରକୁ ଗିରଫ କରିବା ସହ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି ପୁଲିସ।

# ସହିଦ ବାଘାଯତୀନଙ୍କ ବଳିଦାନ ଦିବସ ପାଳିତ




କପ୍ତିପଦା, ୧୦।୯ (ସମିସ): ମହୁଲଡିହାଠାରେ ବୁଧବାର ସହିଦ ବାଘାଯତୀନ ସ୍ମୃତି ପୀଠରେ ୧୧୦ତମ ବଳିଦାନ ଦିବସ ଓ ସହିଦ ସ୍ମାରକୀ ସମାରୋହ ପାଳିତ ହୋଇଯାଇଛି। ସକାଳ ସାଢେ ୭ଟାରେ ଶୋଭାଯାତ୍ରାରେ କେଦାର କୁଟୀର ପରିଦର୍ଶନ, ୮ଘଟିକାରେ ସ୍ମୃତି ବେଦୀରେ ଜାତୀୟ ପତାକା ଉତ୍ତୋଳନ, ପୂର୍ବାହ୍ନ ୧୦ଘଟିକାରେ ସହିଦ ସ୍ମାରକୀ ଶୋଭାଯାତ୍ରାରେ ନଗର ପରିକ୍ରମା ଓ ୧୧ଘଟିକା ସମୟରେ ସହିଦ ସ୍ମାରକୀ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ତଥା ମୁଖ୍ୟ ଅତିଥି ଭାସ୍କର ମଢ଼େଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଉପଖଣ୍ଡ ଉପ ଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯୋଗଦେଇ ବର୍ବର ଇଂରେଜ ସାଶନ ବିରୋଧରେ ଲଢେଇ କରି ସହିଦ ହୋଇଥିବା ବାଘାଯତୀନଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଭଳି ନିର୍ଭୀକ ଓ ସାହସୀ ହେବାପାଇଁ ଆଗାମୀ ପିଢ଼ିକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଆଶିଷ କୁମାରମହାପାତ୍ର, ବିଡ଼ିଓ ରେଶମା ଟେଟେ ଯୋଗଦେଇଥିଲେ। ଏହି ଅବସରରେ କବି ବିଷ୍ଣୁ ଶତପଥୀ, ସାରସ୍ୱତ ସାଧକ ଭାଗବତ ପଣ୍ଡା ଓ ବର୍ଷିଆନ ସମାଜସେବୀ ମାଧବ ଚନ୍ଦ୍ର ସାହୁ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ନବୀନ କୁମାର ପାତ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ କୃଷି ଉପ ନିର୍ଦ୍ଦେଶକ ପରେଶ୍ କୁମାର ସାହୁଙ୍କ ଦ୍ୱାରା ରଚିତ 'ପୁନଶ୍ଚ ପୃଥିବୀ ଓ ରସାତଳର ପୃଥିବୀ'ପୁସ୍ତକ ଲୋକାର୍ପଣ ହୋଇଥିଲା ଏହି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# 'ଗେଟ୍' ପରୀକ୍ଷା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୦।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗେଟ୍ ପରୀକ୍ଷା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ୍‌ଫ ଓ ଆଇଆଇଟି ଖଡଗପୁର ଜୋନାଲ୍ ଅଫିସ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଟି ଖଡଗପୁରର ପ୍ରଫେସର ଅଜୟ ସିଦ୍‌ପାରା ଛାତ୍ରଛାତ୍ରୀଙ୍କୁ ଗେଟ୍ ପରୀକ୍ଷାର ପ୍ରକ୍ରିୟା, ପରୀକ୍ଷା ପଦ୍ଧତି ଓ ସର୍ବୋପରି ଗେଟ୍ ପରୀକ୍ଷାର ଫଳାଫଳ ବା ଗେଟ୍ ସ୍କୋର୍‌ର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ସିଦ୍‌ପାରା ଗେଟ୍ ସ୍କୋର ଦ୍ୱାରା କେବଳ ବିଭିନ୍ନ ଶ୍ରେଷ୍ଠ ପ୍ରତିଷ୍ଠାନରେ ଉଚ୍ଚଶିକ୍ଷା ନୁହେଁ ବରଂ ବିଭିନ୍ନ ନିଯୁକ୍ତି, ଫେଲୋସିପ, ସ୍କଲାରସିପ୍, ବାହାର ଦେଶରେ ଯେଉଁ ଉଚ୍ଚଶିକ୍ଷାର ସୁଯୋଗ ରହିଛି ସେ ନେଇ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜୈବପ୍ରଯୁକ୍ତି ବିଭାଗର ପ୍ରଫେସର ବିଶ୍ୱଜିତ ରଥ ଏବଂ ଗବେଷଣା ଓ ବିକାଶ ସେଲ୍‌ଫର ସଦସ୍ୟ ଡ. ସ୍ୱରୂପାନନ୍ଦ ବିଷୋୟୀ ପରିଚାଳନା କରିଥିଲେ।




# ପାଞ୍ଚପିଢ଼ ମହିଳା ଡିଗ୍ରୀ କଲେଜରେ ପ୍ରବେଶ ଉତ୍ସବ



କରଞ୍ଜିଆ, ୧୦।୯ (ସମିସ): କରଞ୍ଜିଆ ସହରରେ ଥିବା ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷର ପ୍ରଥମ ବାର୍ଷିକ ଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅଧ୍ୟକ୍ଷା ପ୍ରଣତୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ସେବତୀ ପୃଷ୍ଟି ନବଗତ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟ ନୀତି ଓ ନିୟମ, ବିକାଶ ଓ ଇତିହାସ ସମ୍ପର୍କରେ ଅବଗତ କରିଥିଲେ। ପରେ ବରିଷ୍ଠ ଅଧ୍ୟାପକ ଅନିଲ ଚାରୁଦର୍ଶୀ ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପିକା ଏନ୍‌ଏସ ପାୟଲ ନୂତନ ଛାତ୍ରୀଙ୍କୁ ମହାବିଦ୍ୟାଳୟର ନିୟମ ମାନି ଶୃଙ୍ଖଳିତ ହେବକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଘଣା ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଢଉ ନାଁରେ ନିର୍ଦ୍ଦୋଷଙ୍କୁ ଗିରଫ କରୁଛି ଅବକାରୀ ବିଭାଗ

ବହଳଦା, ୧୦।୯ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ସୋମବାର ତିରିଂ ଥାନା ଅନ୍ତର୍ଗତ ଟୁଡୁକାମ, ଜୋଟା, ପୋଖରିଆ ଏବଂ ପାଣ୍ଡୁପାଣି, ଗ୍ରାମରେ ଚଢଉ କରିଥିଲେ। ଚଢଉ ସମୟରେ ବିପୁଳ ଦେଶୀ ରନ୍ଧା ମଦ ଓ ମହୁଲ ପୋଚ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଚଢଉରେ ଡୁଡୁକାମ ଗ୍ରାମରୁ ଗିରଫ ହୋଇଥିବା ଲାଲୁ ସୋରେନ୍ ମଦ ପିଇବାକୁ ଯାଇଥିବାବେଳେ ତାଙ୍କୁ ଗିରଫ କରାଯାଇଥିବାନେଇ ଅଭିଯୋଗ କରିଛନ୍ତି ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ। ସେ ଅଭିଯୁକ୍ତ ନୁହନ୍ତି ବୋଲି ଜଣାଇଲା ପରେ ବି ତାଙ୍କୁ ଗିରଫ କରାଯାଇଥିଲା। ପରେ ବହଳଦା ଅବକାରୀ ଥାନାରେ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କୁ ଜାମିନରେ ନେବାକୁ କହିଥିଲେ। ତେବେ ସେ ଅଭିଯୁକ୍ତ ହୋଇ ନ ଥିବାରୁ ତାଙ୍କୁ କାହିଁକି ଜାମିନରେ ନେବୁ ବୋଲି ସେ କହିଥିଲେ। ଫଳରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ବହଳଦା ଅବକାରୀ ଅଧିକାରୀ ରଣଜୀତ ସବରଙ୍କୁ ଯୋଗାଯୋଗ କରିବାରୁ ଅବକାରୀ ବିଭାଗ ଟିମ୍ ପକ୍ଷରୁ ଚଢଉ କରାଯିବା ବେଳେ ସେ ଘଟଣା ସ୍ଥଳରୁ ଦୌଡି ପଳାଉଥିବାରୁ ତାକୁ ଗୋଡାଇ ଧରିଥିଲେ କର୍ମଚାରୀ। ଏହାପରେ ସେ ନିଜେ ଅଭିଯୁକ୍ତ ପରି ଜବତ ଦେଶୀ ମଦ ଘରୁ କାଢି ବାହାର କରି ଗାଡିରେ ରଖିଥିଲେ ଏବଂ ସେ ଅଭିଯୁକ୍ତ ନୁହନ୍ତି ବୋଲି କିଛି କହି ନ ଥିଲେ। ଫଳରେ ଅଭିଯୁକ୍ତ ଭାବେ ଲାଲୁଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରକୃତ ଦୋଷୀଙ୍କୁ ଧରିବା ପରିବର୍ତ୍ତେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରି ମାମଲା ରୁଜୁ କରାଯିବା ଅନ୍ୟାୟ ବୋଲି ଶ୍ରୀ ସାମାଡ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିରେ ସମ୍ପୃକ୍ତ ଅବକାରୀ ଅଧିକାରୀଙ୍କ ବିରୋଧରେ ନ୍ୟାୟାଳୟରେ ମାମଲା ରୁଜୁ କରିବେ ବୋଲି ସେ କହିଛନ୍ତି।

# ପ୍ରସବ ପରେ ଯନ୍ତ୍ରଣା ସହି ନ ପାରି ଏଏନଏମଙ୍କ ଆତ୍ମହତ୍ୟା

ଶୁଳିଆପଦା, ୧୦।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ବାରିଗାଁ ଗ୍ରାମରେ ଜଣେ ଏଏନଏମ୍ ପ୍ରସବ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। କଣ୍ଟିସାହି ପଞ୍ଚାୟତ ବାରିଗାଁର ସ୍ୱର୍ଗତ ପଣ୍ଡୁଚରଣ ଧଳଙ୍କ ଝିଅ ବନିତା ଧଳ (୨୯) କାଲଟିଆ ସେଣ୍ଟରରେ ଏଏନଏମଭାବେ ଚାକିରି କରୁଥିଲେ। ଗତ ୩ବର୍ଷ ପୂର୍ବରୁ ପାକଟିଆ ଗ୍ରାମର ଲୋକନାଥ ସିଂଙ୍କ ପୁଅ ମହୋହର ସିଂଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବନିତା ଗର୍ଭବତୀ ଥିବାବେଳେ ଗତମାସ ୨୯ ତାରିଖରେ ବାରିପଦା ପିଆରଏମ ମେଡିକାଲରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ପ୍ରସବ ସମୟରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଘରକୁ ଫେରିବା ପରେ କୌଣସି କାରଣରୁ ଅସ୍ତ୍ରୋପଚାର କରାଯାଇଥିବା ଷ୍ଟିଚ ଖୋଲିଯାଇଥିଲା। ଫଳରେ ସେହି ସ୍ଥାନରେ ପୂଜ ଜମାଟ ବାନ୍ଧିଥିଲା। ଘରୋଇଭାବରେ ତାଙ୍କୁ ପ୍ରତିଦିନ ଡ୍ରେସିଂ ହେବାକୁ ପଡୁଥିଲା; ହେଲେ ଧୀରେ ଧୀରେ କ୍ଷତ ଅଧିକ ହେବା ସହିତ ତାଙ୍କୁ ଭୀଷଣ କଷ୍ଟ ସହିବାକୁ ପଡୁଥିଲା। ଫଳରେ ଯନ୍ତ୍ରଣା ସହି ନ ପାରି ଶେଷରେ ଚରମ ନିଷ୍ପତ୍ତି ନେଇ ୧୨ଦିନର ନବଜାତକ ଶିଶୁକୁ ଛାଡିଦେଇ ବାପଘର ବାଡି ପଛ ପଣସ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘର ଲୋକେ ମଙ୍ଗଳବାର ଭୋର ୪ଟାରେ ବନିତାଙ୍କୁ ବିଛଣାରେ ନ ପାଇ ଖୋଜିଥିଲେ। ପରେ ଝୁଲନ୍ତା ଅବସ୍ଥାରେ ଦେଖି ଶୁଳିଆପଦା ଥାନାକୁ ଖବର ଦେଇଥିଲେ। ଖବର ପାଇ ଏଏସଆଇ ସନ୍ତୋଷ କୁମାର ନାୟକ ପହଞ୍ଚି ଶୁଳିଆପଦା ତହସିଲଦାର ନାରାନ ମାଝୀଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ବନିତାଙ୍କ ଏକ ହାତଲେଖା ସୁଇସାଇଡ ନୋଟ ଜବତ କରିଥିବା ବେଳେ ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ କାହାରିକୁ ଦାୟୀ କରିନାହାନ୍ତି। କେବଳ ଯନ୍ତ୍ରଣା ସହି ନ ପାରିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଚିଠିରେ ଉଲ୍ଲିଖିତ ରହିଛି। ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ପ୍ରକାଶ କରିଛନ୍ତି।

## ସେନା ବାହିନୀର ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପିତ

# ୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ବାରିପଦା, ୧୦।୯(ସମିସ): ଭାରତୀୟ ସ୍ଥଳ ସେନା ବାହିନୀର ଷ୍ଟେସନ ହେଡ୍‌କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ବିବାହ ମଣ୍ଡପଠାରେ ଚାଲିଥିବା ୩ଦିନିଆ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଉଦଯାପିତ ହୋଇଯାଇଛି। ତିନି ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବୀର ନାରୀ, ବୀର ମାତା, ବିଧବା ପତ୍ନୀ ଓ ପୂର୍ବତନ ସେନା କର୍ମଚାରୀଙ୍କ ପରିବାରର ପାଖାପାଖି ୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଶିବିରରେ ବିଶେଷ କରି ସ୍ନାୟୁ ରୋଗୀ, ହୃଦରୋଗୀ, ଯକୃତ ରୋଗୀ, କିଡ଼ନୀ ରୋଗୀ, ଚର୍ମ ରୋଗୀ, ମାନସିକ ରୋଗୀ ଇତ୍ୟାଦି ମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ହାଇଟେକ ହସ୍ପିଟାଲର ଡାକ୍ତର ଓ ବିଶେଷଜ୍ଞଙ୍କ ପାଖରୁ ଡାକ୍ତରୀ ପରାମର୍ଶ ନେବା ସହିତ ମାଗଣାରେ ଔଷଧ ପାଇଛନ୍ତି। ଏଥିସହିତ ଅବସରକାଳୀନ ଭତ୍ତା ମଞ୍ଜୁରୀ, ସ୍ୱର୍ଣ୍ଣ, ଇସିଏଚଏସ ସମ୍ପର୍କିତ ଆଇନଗତ ପରାମର୍ଶ ଗ୍ରହଣ କରିଛନ୍ତି। ଏପରି ଶିବିର ପ୍ରଥମ କରି ଅନୁଷ୍ଠିତ ହୋଇଥିବାରୁ ଏହାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ସେନାବାହିନୀ ପକ୍ଷରୁ ସ୍ୱତନ୍ତ୍ର ଅତିଥି ଭାବେ ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ, ପିଭିଏସଏମ, ଏଭିଏସଏମ, ଜିଓସି, ମଧ୍ୟପ୍ରଦେଶ ଭାରତ ଅଞ୍ଚଳ, ମିସେସ କୁକୀ ବାୱା ଓ ବ୍ରିଗେଡ଼ିଅର ତେଜିନ୍ଦର ସିଂ ବାୱା, କମାଣ୍ଡର ଛାତିଶଗଡ ଓ ଓଡିଶା ସବ ଏରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିରକ୍ଷା ବିଭାଗର ପୂର୍ବତନ କର୍ମଚାରୀଙ୍କ ବ୍ୟତୀତ ଉକ୍ତ ଶିବିରରେ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ହୋଇଥିଲା ବୋଲି ପ୍ରତିରକ୍ଷା ବିଭାଗର ଷ୍ଟେସନ ହେଡ୍‌କ୍ୱାଟର, ବାଲେଶ୍ୱର (ଚାନ୍ଦିପୁର-ଅନ-ସି)ର ପ୍ରଶାସନିକ କମାଣ୍ଡାଣ୍ଟ ସନ୍ତୋଷ କୁମାର ପଣ୍ଡା କହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଙ୍ଘର ସଭାପତି, ସମ୍ପାଦକ ସହ ସମସ୍ତ ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜରେ ବାଟ ହୁଡୁଛି ମନରେଗା 'ଯୁକ୍ତଧାରା' ପୋର୍ଟାଲ


# ଚାଲୁଛି କମ୍; ଝୁଣ୍ଟୁଛି ବେଶି

ବାରିପଦା,୧୦।୯(ସମିସ):

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)ରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ ଓ ପରିଚାଳନା କରିବାକୁ ୨୦୨୧ ମସିହା ଅଗଷ୍ଟ ମାସରେ କେନ୍ଦ୍ର ସରକାର 'ଯୁକ୍ତଧାରା' ପୋର୍ଟାଲ ଆରମ୍ଭ କରିଥିଲେ। ଅନ୍ତରୀକ୍ଷରୁ

### ଅଟକି ରହିଛି ଗ୍ରାମୀଣ ଜୀବିକା ଓ ଭିତ୍ତିଭୂମି ନିର୍ମାଣ

ରିମୋଟ ସେନସିଂ ବା ଦୂରାନୁଭୂତି ସହଯୋଗରେ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ଇସ୍ରୋ)ର ଭୁବନ ପ୍ଲାଟଫର୍ମ ଅଧୀନରେ ଜିଲ୍ଲାର ସବୁ କାର୍ଯ୍ୟକୁ ଦେଖିବ। ଏହି ପୋର୍ଟାଲରେ ସାଟେଲାଇଟ ଡାଟା ଏବଂ ଜିଆଇଏସ ମ୍ୟାପିଂ ବା ଭୌଗୋଳିକ ସୂଚନା ପ୍ରଣାଳୀ ଜରିଆରେ ଗ୍ରାମାଞ୍ଚଳରେ ମନରେଗା ଅଧୀନରେ ଉନ୍ନତ ଯୋଜନା, ସ୍ୱଚ୍ଛତା ଏବଂ ଗ୍ରାମୀଣ ଆବଶ୍ୟକତା ଅନୁଯାୟୀ ସମାପନ କରିବାକୁ ବ୍ୟବସ୍ଥା ହୋଇଥିଲା; କିନ୍ତୁ ମୟୂରଭଞ୍ଜ ଜିଲ୍ଲାରେ ୩ ବର୍ଷ ପରେ ବି ଏହି ଯୋଜନା ବାଟ ହୁଡୁଛି। ମାନବ ସମ୍ବଳର ଅଭାବ ଓ ଅନ୍ୟ ସମସ୍ୟା ଯୋଗୁଁ ଜିଲ୍ଲାରେ ନିରାଶାଜନକ ଚିତ୍ର ସମ୍ମୁଖକୁ ଆସିଛି। ତଥ୍ୟ ଅନୁସାରେ, ସାମ୍ପ୍ରତିକ ଆର ୩୪.୧ ଯୁକ୍ତଧାରା ପର୍ଯ୍ୟବେକ୍ଷଣ ରିପୋର୍ଟ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଚିହ୍ନିତ ୨୬ଟି




ବ୍ଲକରେ ୪୦୪ଟି ମନରେଗା କାର୍ଯ୍ୟକୁ 'ଯୁକ୍ତଧାରା' ପୋର୍ଟାଲ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରିବାକୁ ଇସ୍ରୋକୁ ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ରିମୋଟ ସେନସିଂ ବା ଦୂରାନୁଭୂତି ଦ୍ୱାରା ପର୍ଯ୍ୟବେକ୍ଷଣ କରିବାକୁ ଇସ୍ରୋର ଭୁବନ ପ୍ଲାଟଫର୍ମକୁ ୪୦୪ଟି କାର୍ଯ୍ୟ ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର ଯୁକ୍ତଧାରା ମନିଟରିଂ ରିପୋର୍ଟ ଅନୁଯାୟୀ, ୨୬ଟି ବ୍ଲକରେ ୪୦୪ଟି ରାଜସ୍ୱ ଗ୍ରାମ ପଞ୍ଚାୟତ ରହିଛି। ଯେଉଁଥିରେ ପ୍ରଥମ ପର୍ଯ୍ୟାୟରେ ୨୬ଟି ଗ୍ରାମ ପଞ୍ଚାୟତ ଚିହ୍ନିତ ହୋଇ 'ଯୁକ୍ତଧାରା' ପୋର୍ଟାଲ ମାଧ୍ୟମରେ ୪୦୪ଟି କାର୍ଯ୍ୟ ପ୍ଲାନ ହୋଇଛି। କିନ୍ତୁ ନରେଗାସଫ୍ଟରେ ମାତ୍ର ୨୮୫ଟି କାର୍ଯ୍ୟ ନଥିଭୁକ୍ତ ହୋଇଛି। ସେଥିରୁ ମାତ୍ର ୨୦ଟି ଅର୍ଥାତ ୭% କାର୍ଯ୍ୟ ଚାଲୁଛି। ୨୬୨ଟି ଅର୍ଥାତ ୯୩% ଆରମ୍ଭ ହୋଇନାହିଁ। ବଡ଼ସାହି ବ୍ଲକରେ ୬୩ଟି କାର୍ଯ୍ୟ ପ୍ଲାନ ହୋଇଥିବା ବେଳେ ୫୩ଟି ଏଥିରେ ନଥିଭୁକ୍ତ ହୋଇ ଥିବାବେଳେ ମାତ୍ର ୨ଟି ଚାଲୁ ଓ ୫୦ଟି ଅଟକି ରହିଛି। କପ୍ତିପଦାରେ ୪୪ଟି କାର୍ଯ୍ୟ ମଧ୍ୟରୁ ୩୧ଟି ନଥିଭୁକ୍ତ, କିନ୍ତୁ ୩୦ଟି ଆରମ୍ଭ ହୋଇନାହିଁ। ଖୁଣ୍ଟାରେ ୩୯ଟି କାର୍ଯ୍ୟ ପ୍ଲାନ ହୋଇଥିବା ବେଳେ ୨୪ଟି ନଥିଭୁକ୍ତ ଥିବାବେଳେ ୨୩ଟି ଅଟକି ରହିଛି। ରାଇରଙ୍ଗପୁର ସବୁଠାରୁ ଭଲ ପ୍ରଦର୍ଶନ କରିଛି। ଯେଉଁଠି ୨୪ଟି କାର୍ଯ୍ୟ ମଧ୍ୟରୁ ୧୯ଟି ନଥିଭୁକ୍ତ ଓ ୯ଟି ଚାଲୁଛି। ବହଳଦାରେ ୧୬ଟି କାର୍ଯ୍ୟ ମଧ୍ୟରୁ ୧୪ଟି ନଥିଭୁକ୍ତ, ୫ଟି ଚାଲୁ ଓ ୯ଟି ଅଟକି ରହିଛି। କୁଳିଅଣାରେ ୨୩ଟି କାର୍ଯ୍ୟ ମଧ୍ୟରୁ ୨୦ଟି ନଥିଭୁକ୍ତ, ୪ଟି ଚାଲୁ ଓ ୧୬ଟି ଅଟକି ରହିଛି। ବାରିପଦାରେ ୨୭ଟି କାର୍ଯ୍ୟ ପ୍ଲାନ ହୋଇଥିବା ବେଳେ ୮ଟି ନଥିଭୁକ୍ତ, କିନ୍ତୁ କୌଣସି କାର୍ଯ୍ୟ ଚାଲୁ ନାହିଁ। ଅନ୍ୟ ବ୍ଲକଗୁଡ଼ିକ ଯଥା ବାଙ୍ଗିରିପୋଷି (୮ଟି ପ୍ଲାନ, ୫ଟି ଅଟକି), ବେତନଟୀ (୨ଟି ପ୍ଲାନ, ଗୋଟିଏ ବି ଚାଲିନି), ବିଜାତଳା (୧୫ଟି ପ୍ଲାନ, ୧୪ଟି ଅଟକିଛି), ବିଶୋଇ (୧୩ଟି ପ୍ଲାନ, ୨ଟି ଅଟକିଛି), ଗୋପବନ୍ଧୁନଗର (୭ଟି ପ୍ଲାନ, ୬ଟି ଅଟକିଛି), ଜାମଦା, ଯଶିପୁର, କାରଞ୍ଜିଆ, କୁସୁମୀ, ରରୁଆଁ, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ସାରସକଣା, ଶୁକ୍ଳି, ଶୁଳିଆପଦା, ଠାକୁରମୁଣ୍ଡା, ତିରିଂ ଓ ଉଦଳାରେ ଅଧିକାଂଶ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ୨ଟି କାର୍ଯ୍ୟ ଚାଲୁ ରହିଛି। ତେବେ ବିଳମ୍ବର ମୁଖ୍ୟ କାରଣ ହେଉଛି 'ଯୁକ୍ତଧାରା' ପୋର୍ଟାଲ ଓ ନରେଗାସଫ୍ଟ ମଧ୍ୟରେ ସମନ୍ୱୟର ଅଭାବ, କର୍ମଚାରୀ ଅଭାବ, ନେଟୱାର୍କ ସମସ୍ୟା ଓ ଲଜିଷ୍ଟିକ ବାଧା ବୋଲି କୁହାଯାଇଛି। ଫଳରେ ଗ୍ରାମୀଣ ଜୀବିକା ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଯଥା ପୋଖରୀ, ବୃକ୍ଷରୋପଣ ଓ ଚେକ୍‌ଡ୍ୟାମ ନିର୍ମାଣ ଅଟକି ରହି ଗ୍ରାମବାସୀଙ୍କ ପାଇଁ ପ୍ରତିଶ୍ରୁତି ଅଧୁରା ରହୁଛି। ଜିଲ୍ଲାପାଳ ହେମକାନ୍ତ ସଏ ଏହି ଅସଙ୍ଗତିକୁ ସ୍ୱୀକାର କରି କହିଛନ୍ତି ଯେ, ଆମେ 'ଯୁକ୍ତଧାରା' କାର୍ଯ୍ୟର ଅଗ୍ରଗତି ନିୟମିତ ନିରୀକ୍ଷଣ କରୁଛୁ। କିନ୍ତୁ ଦୂରବର୍ତ୍ତୀ ଅଞ୍ଚଳରେ ନେଟୱାର୍କ ସଂଯୋଗର ଅଭାବ ଏବଂ ଲଜିଷ୍ଟିକ ବିଳମ୍ବ ଭଳି କ୍ଷେତ୍ର-ସ୍ତରୀୟ ସମସ୍ୟା ମନେରଗା ସଫ୍ଟ ସହ ସମନ୍ୱୟକୁ ବିଳମ୍ବ ହେଉଛି। ଏହାକୁ ପର୍ଯ୍ୟାୟ କ୍ରମେ ସମାଧାନ କରୁଛୁ ବୋଲି କହିଛନ୍ତି।

# କଙ୍କାକାଳିଆ ଛକରେ ରେଳ ଓଭରବ୍ରିଜ ନିର୍ମାଣ ଦାବି

ବେତନଟୀ,୧୦।୯(ସମିସ): ବେତନଟୀ-ବଡ଼ସାହି ରାସ୍ତାର କଙ୍କାକାଳିଆ ଛକ ଲେଭଲ କ୍ରସିଂ ନିକଟରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏହାକୁ ଦୃଷ୍ଟିରେ ରଖି ବେତନଟୀ ବ୍ଲକର ପୂର୍ବତନ ମଣ୍ଡଳ ସଭାପତି ରାଜକିଶୋର ସାହା ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦରଖାସ୍ତ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ଶତାଧିକ



ଅଞ୍ଚଳବାସୀଙ୍କ ସମ୍ମିଳିତ ଦସ୍ତଖତକୁ ଶ୍ରୀ ସାହା ଦିଲ୍ଲୀଯାଇ ସେଠାରେ ବାଲେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ଓଭରବ୍ରିଜ ସମ୍ପର୍କିତ ସମସ୍ୟା ଅବଗତ କରିଥିଲେ। ଏହାକୁ କେନ୍ଦ୍ରକରି ସାଂସଦ ପ୍ରତାପ ଷଡ଼ଙ୍ଗୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି କରିଥିବା ଶ୍ରୀ ସାହା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୬ନଂ. ଗେଟ ଦେଇ ପ୍ରତିଦିନ ରୁପ୍ସା ବାଙ୍ଗରିପୋଷି, ବାଙ୍ଗରିପୋଷି-ବାଲେଶ୍ୱର, ଲୋକାଲ ଟ୍ରେନ ଚଳାଚଳ କରୁଛି। ସେହିପରି ବାଙ୍ଗରିପୋଷି- ଭୁବନେଶ୍ୱର, ଡଂଜପୁର-ପୁରୀ, ଡଂଜପୁର-ସାଲିମାର ଟ୍ରେନ ମଧ୍ୟ ଯିବାଆସିବା କରୁଛି। ବାରମ୍ବାର ଟ୍ରେନ ଚଳାଚଳ କରିବା ଫଳରେ ଦୀର୍ଘ ସମୟ ଧରି ଗେଟ୍ ପଡିରହୁଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଗାଡି ବସ, ଟ୍ରକ, କାର, ଅଫିସ କର୍ମଚାରୀ, ସ୍କୁଲ ପିଲା, ଆମ୍ବୁଲାନ୍ସ ଓ ଦମକଳ ଗାଡି, ସରକାରୀ ଗାଡି ଯିବାଆସିବା କରୁଛି। ତେଣୁ ଏଠାରେ ରେଳ ଓଭରବ୍ରିଜ ନିର୍ମାଣ ହେଲେ ଅଞ୍ଚଳବାସୀ ଉପକୃତ ହେବେ। ତେଣୁ ଏଠାରେ ତୁରନ୍ତ ଏକ ଓଭରବ୍ରିଜ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ

ବାରିପଦା, ୧୦।୯(ସମିସ): ରାଣୀଭୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗଣିତ ଶିକ୍ଷକ ଦେବବ୍ରତ ବାରିକଙ୍କ ଆବାହକତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କୁ ନେଇ ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଦେବବ୍ରତ ବାରିକ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ରୂପେ ନନ୍ଦିତା ସାଓ ଓ ସମ୍ମାନିତ ଅତିଥି ଭାବେ ଦୀପକ କୁମାର ସେଠୀ ଯୋଗଦେଇ ଆତ୍ମହତ୍ୟା କାରଣର ବିଭିନ୍ନ ଦିଗ, ଏହାଦ୍ୱାରା ପରିବାର, ଗୋଷ୍ଠୀ ଓ ସମାଜ କିପରି ପ୍ରଭାବିତ ହୋଇଥାଏ ସେ ନେଇ ଆଲୋକପାତ କରିଥିଲେ। ଗୁରୁଜନ ଓ ହିତାକାଂକ୍ଷୀ ମାନଙ୍କର ସହାୟତା ନେଇ ସେଥିରୁ ମୁକୁଳିବାକୁ ଚେଷ୍ଟା କରିବାକୁ ସହକାରୀ ଶିକ୍ଷକ ମନୋରଞ୍ଜନ ନାୟକ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀମାନଙ୍କ ଦ୍ୱାରା ଜୀବନରେ କେବେବି ଆତ୍ମହତ୍ୟା କରିବେ ନାହିଁ ବୋଲି ସମୂହ ଶପଥ ପାଠ କରାଯାଇଥିଲା। ଏପରିକି ନିଜ ସାଙ୍ଗସାଥୀଙ୍କୁ ଆତ୍ମହତ୍ୟା ଭଳିପନ୍ଥା ଗ୍ରହଣ ନ କରିବାକୁ ସଚେତନ



କରିବେ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୋନାଲିସା ଚକ୍ରବର୍ତ୍ତୀ, ସୁପ୍ରଭା ବେରା, ନିବେଦିତା ମହାନ୍ତି, ମନ୍ଦାକିନୀ ପରିଡା, ସଞ୍ଜୁଲତା ମହାନ୍ତ, ଇତି ଭଞ୍ଜଦେଓ, ସମୀର ଜେନା, ନରେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## କବି ହରନାରାୟଣ ମିତ୍ରଙ୍କ ଜୟନ୍ତୀ ପାଳିତ

ବାରିପଦା, ୧୦।୯(ସମିସ): ବରିଷ୍ଠ ସାରସ୍ୱ?ତ ସାଧକ ତଥା କବି ହରନାରାୟଣ ମିଶ୍ରଙ୍କ ୯୩ତମ ଜନ୍ମଦିନ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ ପାଳିତ ହୋଇଯାଇଛି। ଏକାଡେମୀର ସଭାପତି ପ୍ରଫେସର ଡ. ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି



ଅମିତାଭ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ହରନାରାୟଣ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ଭଞ୍ଜଦେଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉପସ୍ଥିତ ସାହିତ୍ୟିକ ବୃନ୍ଦ କବିତା ମାଧ୍ୟମରେ ଶ୍ରୀ ମିଶ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଶୋକ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ମୋରଡା/ରାସଗୋବିନ୍ଦପୁର,୧୦।୯(ସମିସ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଚିଞ୍ଚଳଗଡିଆ ଗ୍ରାମର ହରେନ୍ଦ୍ର ସିଂଙ୍କ ସ୍ତ୍ରୀ ପୁଷ୍ପା ସିଂ ଦୁଇ ଦିନ ପୂର୍ବେ ପାରିବାରିକ କଳହ କାରଣରୁ ବିଷ ପିଇ ଦେଇଥିଲେ। ଫଳରେ ସେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଡାକ୍ତରଖାନା ପରେ ବାରିପଦା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଜମି ବିବାଦରୁ ଗୁଳିମାଡ; ୫ ଗିରଫ, ବନ୍ଧୁକ ଜବତ

ମୋରଡା/ରାସଗୋବିନ୍ଦପୁର,୧୦।୯(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ସେପ୍ଟେମ୍ବର ୬ ତାରିଖ ଶନିବାର ରାତିରେ ଜମି ବିବାଦକୁ ନେଇ ଦିଲୀପ କୁମାର ଗିରିଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ବୁଧବାର ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଅସନଖାଳି ଗ୍ରାମର ରଜନୀକାନ୍ତ ପଲେଇ, ମାଣିକପୁର ଗ୍ରାମର ରଞ୍ଜନ କୁମାର ଗିରି, ପିଣ୍ଟୁ ଗିରି, ଗୋକୁଳାନନ୍ଦ ଗିରି ଏବଂ ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମର ସୁବ୍ରତ କୁମାର ଦଳେଇ। ପୁଲିସ ଏହି ଘଟଣାରେ ବ୍ୟବହୃତ ହୋଇଥିବା ବନ୍ଧୁକ ମଧ୍ୟ ଜବତ କରିଛି।

# ବରିଷ୍ଠ ନାଗରିକ ବିକାଶ ମଞ୍ଚର ପ୍ରତିଷ୍ଠା ଉତ୍ସବ

ବୈଶିଙ୍ଗା, ୧୦। ୯ (ସମିସ): ବୈଶିଙ୍ଗା ସ୍ଥିତ ରୟାଲ ବଗିଚା କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ବିକାଶ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ୭୫ବର୍ଷ ବୟସ ଅତିକ୍ରମ କଲା ପରେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଭଳି ୨୪ଘଣ୍ଟା ଧରି ନିଜକୁ ଦେଶ ସେବାରେ ନିୟୋଜିତ କରିଛନ୍ତି ତାହାର ଉଦାହରଣ ଦେଇଥିଲେ। ସେହିଭଳି ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଯୋଗଦେଇ ବରିଷ୍ଠ ନାଗରିକ ଦେଶ ଦଶ ଓ ସମାଜ ପାଇଁ ଅମୂଲ୍ୟ ସଂପଦ ତଥା ସେମାନଙ୍କ ସମ୍ମିଳିତ ଜ୍ଞାନଦେଶକୁ ପ୍ରଗତିପଥରେ ଆଗେଇନେବ ବରିଷ୍ଠ ନାଗରିକ ଦେଶ ଦଶ ଓ ସମାଜ ପାଇଁ ଅମୂଲ୍ୟ ସଂପଦ ବୋଲି କହିଥିଲେ। ସେମାନଙ୍କ ସମ୍ମିଳିତ ଜ୍ଞାନ ଦେଶକୁ ପ୍ରଗତିପଥରେ ଆଗେଇନେବ ତଥା ବରିଷ୍ଠ ନାଗରିକ ଦେଶ ଦଶ



ଓ ସମାଜ ପାଇଁ ଅମୂଲ୍ୟ ସଂପଦ ବୋଲି କହିଥିଲେ। ସମ୍ମାନିତ ଅତିଥି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମ୍ମିଳିତ ଜ୍ଞାନ ଦେଶକୁ ପ୍ରଗତିପଥରେ ଆଗେଇନେବ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତାନାଥ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠନାଗରିକ ସମିତି ବାରିପଦାର ସମ୍ପାଦକ ଡ଼ଃ ଶ୍ୟାମସୁନ୍ଦର ଦାସ ଓ ସମ୍ମାନିତ ଅତିଥି ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ମଞ୍ଚାସିନ ଥିଲେ। ସେହିଭଳି ଅବସରପ୍ରାପ୍ତ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ମଞ୍ଚର ସାଧାରଣ ସମ୍ପାଦକ ଅଶ୍ୱିନୀ ମହାରଣା ବିବରଣୀ ପାଠ କରିଥିଲେ। ପରିଶେଷରେ ବରିଷ୍ଠ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ପଣ୍ଡା, ମନ୍ମଥ ପ୍ରମାଣିକ, ସୁରଥ ପ୍ରଧାନ, ପରେଶ ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ସୈନିକ ବ୍ରଜ କୁମାର ଦାସ ଏବଂ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ମଞ୍ଚରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେଅବସର ପ୍ରାପ୍ତ ଅଧକ୍ଷ ମନରଞ୍ଜନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଜରୁରୀ ଆମ୍ବୁଲାନ୍ସ ସେବା

# ରୋଗୀ ହନ୍ତସନ୍ତ; ତେଜୁଛି ଅସନ୍ତୋଷ

ବେତନଟୀ,୧୦।୯(ସମିସ):

ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ ଆମ୍ବୁଲାନ୍ସ ନଥିବା ଯୋଗୁଁ ରୋଗୀଙ୍କ ମହଲରେ ଅସନ୍ତୋଷ ବଢୁଛି। ଏହି ଡାକ୍ତରଖାନା ଜାତୀୟରାଜପଥ କଡରେ ଥିବାରୁ ପ୍ରତିଦିନ ବିଭିନ୍ନ ରୋଗୀ ଆସୁଛନ୍ତି। ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ବହୁ ଗୁରୁତର ରୋଗୀଙ୍କ ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିବାରୁ ସେମାନେ ବେତନଟୀରୁ ବାରିପଦା ନେବା ପାଇଁ ଆମ୍ବୁଲାନ୍ସ ସେବାକୁ ଭରସା କରି ରହୁଛନ୍ତି। ୧୦୮ ଆମ୍ବୁଲାନ୍ସ ପାଇଁ ଅଧିକାଂଶ ସମୟରେ ଗୁରୁତର ରୋଗୀଙ୍କୁ ମଧ୍ୟ ଏ ଦୁଇ ଘଣ୍ଟା ବିଳମ୍ବ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ବେଳେ ଗୁରୁତର ରୋଗୀ ଅଧିକ ବିଳମ୍ବ ହେଲେ ଜୀବନ ବଞ୍ଚେଇବା ପାଇଁ କଷ୍ଟକର ହୋଇପଡୁଛି। କେତେକ କ୍ଷେତ୍ରରେ ଆମ୍ବୁଲାନ୍ସକୁ ଅପେକ୍ଷା କରି ଶେଷ ମୁହୂର୍ତ୍ତରେ ଅତିଗରିବ ଲୋକ ମଧ୍ୟ ଗୁରୁତର ରୋଗୀଙ୍କୁ ଭଡା ଗାଡ଼ିରେ ବେତନଟୀରୁ ବାରିପଦା ମେଡିକାଲ ନେଉଛନ୍ତି। ଗରିବ ଲୋକଙ୍କୁ ଭଗବାନ





ଭରସା ଭଳି ଘଟଣା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ବୁଧବାର ବେତନଟୀ ନିକଟସ୍ଥ ଡିଙ୍ଗିରା - ବର୍ତ୍ତନା ଗ୍ରାମର ଦର୍ଗା ମୁର୍ମୁଙ୍କ ନାବାଳିକା ଝିଅ ଗୁରୁବାରୀ ମୁର୍ମୁ (୧୬)ଙ୍କୁ ମଙ୍ଗଳବାର ପ୍ରାୟ ରାତି ୧ଟା ସମୟରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ବିଳମ୍ବ ରାତିରେ ଆମ୍ବୁଲାନ୍ସ ସେବା ପାଇ ନ ପାରି ଗୁରୁତର ଗୁରୁବାରୀଙ୍କୁ ବୁଧବାର ସକାଳ ୫ ସମୟରେ ଭଡା କରି ଅଟୋ ସାହାଯ୍ୟରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତାଙ୍କର ଅବସ୍ଥା ଅଧିକ ସଂକଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ଦେଇ ସଙ୍ଗେ ସଙ୍ଗେ ବେତନଟୀରୁ ବାରିପଦାକୁ ରେଫର କରାଯାଇଥିଲା। ବାରିପଦା ଯିବାପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ଦେଢ଼ ଘଣ୍ଟାରୁ ଦୁଇ ଘଣ୍ଟା ବିଳମ୍ବ ହେବା ଜାଣି ଗୁରିବାରୀଙ୍କ ପରିବାର ବର୍ଗ ବାଧ୍ୟ ହୋଇ ଏକ ଭଡା ଗାଡିରେ ବାରିପଦା ନେଇଥିଲେ। ସୂଚନାଯୋଗ୍ୟ ୧୦୮ଆମ୍ବୁଲାନ୍ସ ଅଧିକାଂଶ ସମୟରେ ଗୁରୁତର ରୋଗୀମାନଙ୍କୁ ବେତନଟୀରୁ ବାରିପଦାକୁ ନେବାପାଇଁ ବିଳମ୍ବ ହେଉଛି। ସେଥିପାଇଁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜରୁରୀ ଥିବା ଗୁରୁତର ରୋଗୀଙ୍କୁ ବାରିପଦା ସ୍ଥାନାନ୍ତର ପାଇଁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଦିଆଯିବା ନେଇ ବେତନଟୀ ବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ମାତ୍ର ଜିଲ୍ଲା ପ୍ରଶାସନ ବା ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ଏଭଳି ଘଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାରମ୍ବାର ଘଟୁଥିବାରୁ ପ୍ରାୟ ଏକ ମାସ ପୂର୍ବରୁ ବେତନଟୀର ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଖବରମାନ ପ୍ରକାଶ ପାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ବେତନଟୀବାସୀ ଅଭିଯୋଗ କରିଛନ୍ତି।

## ଖୋ-ଖୋରେ ମୋରଡା ଚାମ୍ପିଅନ; ରାଜ୍ୟସ୍ତରକୁ ୩ ମନୋନୀତ



ମୋରଡା,୧୦।୯(ସମିସ): ଜିଲାସ୍ତରୀୟ ପ୍ରତିଯୋଗିତାରେ ମୋରଡା ବ୍ଲକକୁ ସଫଳତା ମିଳିଛି। ବିଶୋଇ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ସେପ୍ଟେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଫୁଟବଲ,କବାଡି ଓ ଖୋ-ଖୋ ପ୍ରତିଯୋଗିତା ହୋଇଥିଲା। ବାଳିକା ବିଭାଗରେ ଖୋ-ଖୋରେ ମୋରଡା ବ୍ଲକରୁ ସର୍ବାଧିକ ୩ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଉକ୍ତ ବ୍ଲକ ଖୋ-ଖୋ ଖେଳର ବାଳିକା ବିଭାଗରେ ଚମ୍ପିୟାନ ହୋଇଥିଲା। ମନୋନୀତ ହୋଇଥିବା ୩ଜଣ ଛାତ୍ରୀ ହେଲେ ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଆରାଧ୍ୟା ସିଂ, ସୁଭଦ୍ରା ସିଂ ଏବଂ ତପସ୍ୱିନୀ ସିଂ। ଉକ୍ତ ୩ଜଣ ଛାତ୍ରୀ ରାଜ୍ୟସ୍ତରୀୟ ହେବାକୁ ଥିବା ଖୋ-ଖୋ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବିଇଓ ବିଜୟକୁମାର ପାଣିଗ୍ରାହୀ ଉକ୍ତ ୩ଜଣ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତା ପାଇଁ ଛାତ୍ରୀମାନେ ମୋରଡା ବ୍ଲକ ଖେଳ ଶିକ୍ଷକ ଅଫିସର ସୁନୀଲ ମହାନ୍ତ, କୋଚ ଭାରତୀ ମହାନ୍ତ ଏବଂ ବିଦ୍ୟାଳୟର ଖେଳ ଶିକ୍ଷକ ହେମନ୍ତ କୁମାର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।
-ଡ. ଏ ପି ଜେ ଅବଦୁଲ୍ କାଲାମ୍

ସକାଳ THE SAKALA

## ବିଡ଼ମ୍ବିତ ନେତୃତ୍ୱ

ପୁରୁଷଙ୍କ ସହ ମହିଳାଙ୍କୁ ସମାନ ଅଧିକାର ପ୍ରସଙ୍ଗ ଆଜିର ନୁହେଁ। ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ସକାଶେ ସଂରକ୍ଷଣ ସୁବିଧା ପ୍ରଦାନ ବିଲ ସଂସଦରେ ଅନୁମୋଦନ ଲାଭ କରିଥିଲେ ମଧ୍ୟ ତାହା ଏବେ ମଧ୍ୟ ଆଇନଗତ ସ୍ୱୀକୃତି ଅପେକ୍ଷାରେ। ଯେତେଦୂର ସମ୍ଭବ ଆଗାମୀ ଜନଗଣନା ପରେ ସରକାର ଏହି ସଂରକ୍ଷଣ ସୁବିଧା କାର୍ଯ୍ୟକାରୀ କରିବେ। ତେବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରପାଳିକାରେ ମହିଳାମାନେ ଏହି ସୁବିଧା ପାଇଛନ୍ତି। ବିଜୁବାବୁଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ପଞ୍ଚାୟତ ଓ ପୌର ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ଆଇନଗତ ସ୍ୱୀକୃତି ଦେଇଥିଲା।

ଆମ ଦେଶରେ ରାଜନୈତିକ ସ୍ତରରେ ପୁରୁଷଙ୍କ ସମକକ୍ଷ ହେବା ଭଳି ମହିଳାଙ୍କ ଦକ୍ଷତା ଓ ଯୋଗ୍ୟତା କିଛି କମ ନୁହେଁ। କିନ୍ତୁ ସେମାନଙ୍କ ପ୍ରାର୍ଥିତ୍ୱ ମନୋନୟନରେ ପୁରୁଷପ୍ରଧାନ ଦଳୀୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ଅଯୋଗ୍ୟ ପୁରୁଷ ପ୍ରାର୍ଥୀ କ୍ଷମତାକୁ ଆସୁଛନ୍ତି। ଅଥଚ ଯୋଗ୍ୟ ମହିଳା ପ୍ରାର୍ଥୀ ମୁଖ୍ୟସ୍ରୋତରୁ ବଞ୍ଚିତ ହେଉଛନ୍ତି। ତେବେ ଯେଉଁ କେତେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଠାରେ ମଧ୍ୟ ପୁରୁଷ ପ୍ରାଧାନ୍ୟ ମାନସିକତାର ଛାପ ରହୁଛି। ବିଶେଷକରି ପଞ୍ଚାୟତ ଓ ପୌରପାଳିକା ସ୍ତରରେ କ୍ଷମତା ଓ ଦାୟିତ୍ୱ ପରିଚାଳନାରେ ମହିଳା ଜନପ୍ରତିନିଧିଙ୍କ ସ୍ୱାମୀଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପ ଓ ପ୍ରତ୍ୟକ୍ଷ ସହଯୋଗ ଏକ ବ୍ୟବସ୍ଥାରେ ପରିଣତ ହୋଇସାରିଛି। ମହାନଗର ନିଗମ ସ୍ତରରେ ମଧ୍ୟ ମହିଳା କର୍ପୋରେଟରଙ୍କ ସ୍ୱାମୀମାନେ ସରକାରୀ ସ୍ତରରେ କର୍ପୋରେଟରଙ୍କ ସ୍ୱୀକୃତ ପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସତେଯେପରି ସବୁସ୍ତରରେ ଏହା ଗ୍ରହଣଯୋଗ୍ୟ ହୋଇଯାଇଛି। କିନ୍ତୁ ରାଜନୀତିରେ ଉଚ୍ଚତର ସୋପାନରେ ସାଧାରଣତଃ ମହିଳା ପଦାଧିକାରୀ ସ୍ୱୟଂସଂପୂର୍ଣ୍ଣ ଓ ସୁଦକ୍ଷ। ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କଠାରୁ ମଧ୍ୟ ଅତି ନିପୁଣତାର ସହ ଦାୟିତ୍ୱ ତୁଲାଇ ସମସ୍ତଙ୍କ ପ୍ରଶଂସାଭାଜନ ହୋଇପାରିଥିବାର ସ୍ୱର୍ଣ୍ଣିମ ଇତିହାସ ଆମ ଦେଶରେ ରହିଛି। ଅଥଚ ନିକଟରେ ଏହାର ଏକ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ପ୍ରେକ୍ଷାପଟ୍ଟରେ ଆମେ ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ। ଗତ ଶନିବାର ଦିନ ଶାଲିମାରବାଗ୍ ସ୍ଥିତ ଜନସେବା ସଦନରେ ଅନୁଷ୍ଠିତ ସରକାରୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟବସାୟୀ ସ୍ୱାମୀ ମନୀଷ ଗୁପ୍ତାଙ୍କ ଯୋଗଦାନ ଓ ସରକାରୀ ପଦାଧିକାରୀଙ୍କ ସହ ତାଙ୍କର ମତବିନିମୟ ପ୍ରତିପକ୍ଷକୁ ଆଲୋଚନାର ଖୋରାକ୍ ଯୋଗାଇଛି। ପଞ୍ଚାୟତ ସ୍ତରରେ ପରିଲକ୍ଷିତ ଦୃଶ୍ୟପଟ୍ଟ ରାଜ୍ୟ ନେତୃତ୍ୱ କ୍ଷେତ୍ରରେ ପୁନରାବୃତ୍ତି ଘଟିବା ଅସମୀଚୀନ। ଏହି ଘଟଣାକୁ ଦିଲ୍ଲୀର ଆପ ନେତା ସୌରଭ ଭରଦ୍ୱାଜ କଡ଼ା ସମାଲୋଚନା କରିବା ସହ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଆକ୍ଷେପ କରିଛନ୍ତି। କ୍ଷମତା ରାଜନୀତିରେ ସରକାରୀ ଓ ବିରୋଧୀ ପକ୍ଷ ମଧ୍ୟରେ ଏପ୍ରକାର ଆରୋପ ଓ ପ୍ରତିଆରୋପ ନୂଆକଥା ନହେଲେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତାଙ୍କ ପାରଦର୍ଶିତା ସନ୍ଦେହ ଘେରକୁ ଆସିଯାଇଛି।

ରେଖାଗୁପ୍ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ ଓ ଶୀଲା ଦୀକ୍ଷିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ରହି ମହିଳା ସଶକ୍ତୀକରଣ ଓ କାର୍ଯ୍ୟଦକ୍ଷତାର ଛାପ ସମଗ୍ର ଦେଶରେ ଛାଡ଼ି ଯାଇଛନ୍ତି। ଶୀର୍ଷସ୍ତରରେ ମହିଳାଙ୍କ ନେତୃତ୍ୱ ସଂପର୍କରେ ଉଲ୍ଲେଖ କଲାବେଳେ ଇନ୍ଦିରା ଗାନ୍ଧୀ ଓ ମାର୍ଗରେଟ ଥାଚରଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଭାବୀ ଭୂମିକା ପ୍ରତି ବିଶ୍ୱ ନେତୃତ୍ୱବର୍ଗଙ୍କ ଥିବା ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ମାନ ସାମ୍ନାକୁ ଆସିଯାଏ। ବ୍ୟବସ୍ଥାପିକା ସଂସ୍ଥାରେ ପ୍ରତିନିଧିତ୍ୱ କରି ଆଇନ ପ୍ରଣୟନକାରୀ ଭୂମିକା ତୁଲାଇବାରେ ଆମ ଦେଶର ମହିଳାମାନେ ବେଶ ଯୋଗ୍ୟ ଓ ସମର୍ଥ। ତେଣୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ସବୁସ୍ତରରେ ସ୍ୱାଗତ କରାଯାଉଛି। ତେବେ ଏକ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ଜରୁରୀ। ଆମ ଜନସଂଖ୍ୟାର ଆପାତତଃ ୫୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ବାଛବିଚାର ମୁକ୍ତ ସହଯୋଗ ମିଳିଲେ ସୁସ୍ଥ ସାମାଜିକ ବ୍ୟବସ୍ଥା ଗଠନ ସମ୍ଭବ ହେବ।

## ଆକାଂକ୍ଷିତ ବିଜୟ

ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏନଡିଏ ପ୍ରାର୍ଥୀ ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଆଶା କରାଯାଉଥିବା ଭୋଟଠାରୁ ଯଥେଷ୍ଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି। ଏନଡିଏର ଲୋକସଭା ଓ ରାଜ୍ୟସଭା ସଦସ୍ୟ ସଂଖ୍ୟା ୪୨୫ ଥିବା ବେଳେ ସେ ପାଇଛନ୍ତି ୪୫୨ ଭୋଟ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ସଦସ୍ୟ ସଂଖ୍ୟା ୩୧୨ ହୋଇଥିବା ବେଳେ ବିରୋଧୀ ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀଙ୍କ ସପକ୍ଷରେ ୩୦୦ ଭୋଟ ପଡ଼ିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧। ନିର୍ବାଚନ ପୂର୍ବରୁ ବିଜେଡି, ବିଆରଏସ ଓ ଶିରୋମଣି ଅକାଳୀ ଦଳ. ମତଦାନରୁ ବିରତ ରହିବେ ଘୋଷଣା କରିଥିବାରୁ ମୋଟ ୭୬୭ ସଦସ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ଉପରାଷ୍ଟ୍ରପତି ପଦଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ୧୫ ମତଦାତାଙ୍କ ଭୋଟ ନାକଚ ହୋଇଛି। ମତଦାନ ପ୍ରକ୍ରିୟାରେ ଗୋପନୀୟତା ଦୃଷ୍ଟିରୁ କିଏ କାହାକୁ ଭୋଟ ଦେଲା ଏବଂ କାହାର ନାକଚ ହେଲା ତାହା ଜାଣିବାର ଅବକାଶ ନାହିଁ। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ପ୍ରାର୍ଥୀ ଜଷ୍ଟିସ ରେଡ୍ଡୀଙ୍କୁ ଏଆଇଏମଆଇଏମ ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ୩୧୩ ଭୋଟ ମିଳିବ ବୋଲି ଆଶା କରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ୩୦୦ ଭୋଟ ମିଳିଛି। ଏହି ୧୩ ଭୋଟ ମଧ୍ୟରୁ କେତେ ଖଣ୍ଡ ନାକଚ ହୋଇଛି, କେତେ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି, ତାହା ଜାଣିବାର ଅବକାଶ ନାହିଁ। ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟରେ ସାମିଲ୍ ହୋଇ ନଥିବା ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ ଜଣ ନିର୍ବାଚନରେ ଅଂଶଗ୍ରହଣ କରିନଥିବା ବେଳେ ୱାଇଏସ ଆର ନେତା ଜଗନ ମୋହନ ରେଡ୍ଡୀଙ୍କ ଦଳର ୧୧ ସଦସ୍ୟ ସିପି ରାଧାକ୍ରିଷ୍ଣନ୍‌ଙ୍କ ସପକ୍ଷରେ ମତଦାନ କରିଛନ୍ତି। ଏକଥା ବି ହୋଇପାରେ ବିରୋଧୀ ମେଣ୍ଟରେ କିଛି ସଦସ୍ୟ ଏନଡିଏ ମେଣ୍ଟ ସପକ୍ଷରେ ମତଦାନ କରିଛନ୍ତି। ମେଣ୍ଟରେ ମୁଖପାତ୍ର ଯାହା ଦାବି କରନ୍ତୁ ନା କାହିଁକି କ୍ରସ ଭୋଟିଂଙ୍କୁ ଅସ୍ୱୀକାର କରାଯାଇପାରିବ ନାହିଁ। ମତଦାନ ପୂର୍ବରୁ ତେଲେଗୁ ଅସ୍ମିତା ଓ ଏନ୍‌ଡିଏରେ ଆଭ୍ୟନ୍ତରୀଣ ଅସନ୍ତୋଷକୁ ନେଇ ଚାଲିଥିବା ଗୁଜବ ରାଜନୀତି ଯେ ଅବାସ୍ତବ ତାହା ପ୍ରମାଣିତ ହୋଇଛି ଏବଂ ବିରୋଧୀ ମେଣ୍ଟର ଚାଲ୍ ନିଷ୍ପ୍ରଭ ହୋଇଯାଇଛି।

# ସକାରାତ୍ମକ ରାଷ୍ଟ୍ରବାଦର ଆବଶ୍ୟକତା

ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା, ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ, ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରୀଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତିକ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରିକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ରାଷ୍ଟ୍ରକୁ ଧ୍ୱଂସ ଆଡ଼କୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢ଼ାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୂନଙ୍କ ଉପରେ ଲଦାଯାଏ ଏବଂ ତାହାକୁ ହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢ଼ାଯାଏ। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ସାଜନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡ଼କୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନିରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା, ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ



ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଯେ ସେମାନେ ହିଁ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନି ଓ ଇଟାଲିରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା, ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି। ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡ଼ୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା।

ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶିକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନି ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନିରେ ହିଟଲର ଓ ଇଟାଲିରେ ମୁସୋଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଏବଂ ଅନୈତିକତା ଉପରେ ପର୍ଯ୍ୟବସିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦ ଦୀର୍ଘସ୍ଥାୟୀ ହେଲାନାହିଁ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲଫ୍ ହିଟଲର ଶେଷରେ ଆତ୍ମହତ୍ୟା କଲେ। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହା ହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ ଉନ୍ମାଦନା ସୃଷ୍ଟି କରି କ୍ଷମତାକୁ ବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଏବେ ବିଶ୍ୱର କୌଣସି ଗଣତାନ୍ତ୍ରିକ ଦେଶ ମିଥ୍ୟା ରାଷ୍ଟ୍ରବାଦରୁ ମୁକ୍ତ ନୁହେଁ। ଏହା ହିଁ ରାଷ୍ଟ୍ରକୁ ଏକଛତ୍ରବାଦୀ ଶାସନ ଆଡ଼କୁ ଟାଣି ନେଉଛି। ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡ଼ିବ। ଆମକୁ ଜର୍ମାନି ଓ ଇଟାଲିର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

ବାରିପଦା(ମୟୂରଭଞ୍ଜ),
ମୋ: ୭୦୦୮ ୯୭୬୧୮୦

# ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ପ୍ରତି ବିପଦ

ମାନସ କୁମାର କର

ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ସାମାଜିକ ଗଣମାଧ୍ୟମ ଓ ଅନଲାଇନ୍ ପ୍ଲାଟଫର୍ମ ସୂଚନା ପ୍ରସାରଣକୁ ଅଭୂତପୂର୍ବ ଗତି ଦେଇଛି, ଜ୍ୟୋତିଷ ବିଦ୍ୟା ମଧ୍ୟ ଡିଜିଟାଲ ବିପ୍ଳବର ଏକ ଅଂଶ ପାଲଟିଯାଇଛି। ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକ ଜ୍ୟୋତିଷ ସମ୍ବନ୍ଧୀୟ ପ୍ରଚାରପ୍ରସାରରେ ପରିପୂର୍ଣ୍ଣ। ଏହି ଭିଡିଓଗୁଡ଼ିକ ମଧ୍ୟରୁ ଅନେକ 'ତୁରନ୍ତ ସଫଳତା' ମନ୍ତ୍ର, ପ୍ରତିକାର କିମ୍ବା ଟୋଟକା ପ୍ରଦାନ କରିବାର ଦାବି କରନ୍ତି, ଯାହା କିଛିଦିନ ମଧ୍ୟରେ ଜୀବନର ସମସ୍ୟାର ସମାଧାନ କରିପାରିବ। ଜନ୍ମ ଚାର୍ଟର ବିସ୍ତୃତ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦେଉଥିବା ପାରମ୍ପରିକ ଏବଂ ଅଭିଜ୍ଞ ଜ୍ୟୋତିଷମାନଙ୍କ ବିଶ୍ୱସନୀୟତା ତୁଳନାରେ ଏହି ତଥାକଥିତ 'ଶୀଘ୍ର ଉପଚାର' କେତେ ପ୍ରଭାବଶାଳୀ ତାହା ବିଚାର କରିବାର ସମୟ ଆସିଛି।

ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଜ୍ୟୋତିଷ ଭିଡିଓଗୁଡ଼ିକର ପ୍ରାୟତଃ ଆକର୍ଷଣୀୟ ଶୀର୍ଷକ ଥାଏ - 'ତିନି ଦିନରେ ଧନପ୍ରାପ୍ତିର ଚମତ୍କାରୀ ଉପାୟ' କିମ୍ବା 'ମନ୍ତ୍ରରୁ ବଦଳି ଯିବ ଆପଣଙ୍କ ଭାଗ୍ୟ'। ଏହି ଭିଡିଓଗୁଡ଼ିକ ସାଧାରଣତଃ ଛୋଟ, ଶୀଘ୍ର ସମ୍ପାଦିତ ଓ ମନୋରଞ୍ଜନକାରୀ, ଯାହା ତୁରନ୍ତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେ। ଏଥିରେ ସୁପାରିସ କରାଯାଇଥିବା ଉପଚାରଗୁଡ଼ିକ ସରଳ ଓ ଶୀଘ୍ର ମନେହୁଏ, ଯେପରିକି ଏକ ନିର୍ଦ୍ଦିଷ୍ଟ ରଙ୍ଗର ସୂତା ବାନ୍ଧିବା, ମନ୍ତ୍ର ଜପ କରିବା କିମ୍ବା ଘରେ କୌଣସି ବସ୍ତୁ ରଖିବା। ଏହି ଉପଚାରଗୁଡ଼ିକର କୌଣସି ବୈଦିକ କିମ୍ବା ଜ୍ୟୋତିଷଶାସ୍ତ୍ରୀୟ ଆଧାର ନାହିଁ। ମୋ ଜେଜେ ବାପା ଜ୍ୟୋତିଷଚାର୍ଯ୍ୟ ସ୍ୱର୍ଗତ ପଣ୍ଡିତ ସଦାଶିବ କରଙ୍କ କହିବା ଅନୁଯାୟୀ ଜ୍ୟୋତିଷ ଏକ ଜଟିଳ ବିଜ୍ଞାନ, ଯେଉଁଥିରେ ଗ୍ରହ, ନକ୍ଷତ୍ର ଓ କୁଣ୍ଡଳୀର ବାରଟି ଘରର ଗଭୀର ଅଧ୍ୟୟନ ଜଡ଼ିତ। ଜଣେ ବ୍ୟକ୍ତିଙ୍କ କୁଣ୍ଡଳୀ ବିଶ୍ଳେଷଣ ନକରି ସାଧାରଣ ଉପଚାର ଦେବା କେବଳ ଦାୟିତ୍ୱହୀନ ନୁହେଁ, ବରଂ ଲୋକଙ୍କୁ ଭୁଲ ଦିଗରେ ନେଇପାରେ। ଏପରି ଭିଡିଓର ଉଦ୍ଦେଶ୍ୟ ପ୍ରାୟତଃ ଦର୍ଶକଙ୍କୁ ଭ୍ରମିତ କରିବା।

ଜ୍ୟୋତିଷ ଶାସ୍ତ୍ର କେବେବି କମ୍ ସମୟ ମଧ୍ୟରେ ଶିଖି ହେବ ନାହିଁ। ବିଶେଷଜ୍ଞଙ୍କ ମତରେ, ପ୍ରାମାଣିକ ଓ ଅଭିଜ୍ଞ ଜ୍ୟୋତିଷମାନେ କୌଣସି ପ୍ରତିକାର ପରାମର୍ଶ ଦେବା ପୂର୍ବରୁ ଜନ୍ମ କୁଣ୍ଡଳୀକୁ ଗଭୀର ଭାବରେ ଅଧ୍ୟୟନ କରନ୍ତି। ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମ ସମୟରେ ଗ୍ରହଗୁଡ଼ିକର ସ୍ଥିତି ଉପରେ ଆଧାରିତ। କୁଣ୍ଡଳୀରେ ଗ୍ରହଗୁଡ଼ିକର ଗୋଚର, ଦଶା, ଅନ୍ତରଦଶା ଏବଂ ବିଭିନ୍ନ ଯୋଗ ବିଶ୍ଳେଷଣ କରାଯାଇ ଜଣେ ବ୍ୟକ୍ତିଙ୍କୁ କି ପ୍ରକାରର ପ୍ରତିକାର ଆବଶ୍ୟକ ତାହା ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟା ସମୟସାପେକ୍ଷ ଓ ଜଟିଳ, କିନ୍ତୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଶୀଘ୍ର ସଫଳତାର ମନ୍ତ୍ର ଦେଉଥିବା ଭିଡିଓଗୁଡ଼ିକ ଲୋକପ୍ରିୟତା ବୃଦ୍ଧି କରିବା ପାଇଁ କେବଳ ଏକ ଭ୍ରମାତ୍ମକ କି ନାହିଁ ତାହା ବିଚାର କରିବା ଉଚିତ।



ସାମାଜିକ ଗଣମାଧ୍ୟମରେ ଭିଉ, ଲାଇକ୍ ଓ ସବସ୍କ୍ରାଇବର୍ ସଂଖ୍ୟା ସିଧାସଳଖ ଆୟ ସହିତ ଜଡ଼ିତ। ତେଣୁ ଅନେକ ଅନଭିଜ୍ଞ ଓ ଆତ୍ମଘୋଷିତ ଜ୍ୟୋତିଷ ଆକର୍ଷଣୀୟ ଓ ଚାଞ୍ଚଲ୍ୟକର ବିଷୟବସ୍ତୁ ସୃଷ୍ଟି କରି ଦର୍ଶକଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି। ସେମାନେ ଜଟିଳ ଜ୍ୟୋତିଷ ନୀତିଗୁଡ଼ିକୁ ସରଳୀକରଣ କରନ୍ତି। ଭିଡିଓଗୁଡ଼ିକୁ ଶୀଘ୍ର ସମାଧାନର ସୂତ୍ରରେ ପରିଣତ କରନ୍ତି, ଯାହା ପ୍ରକୃତରେ ଜ୍ୟୋତିଷ ଶାସ୍ତ୍ରର ଗଭୀରତାକୁ ଦୁର୍ବଳ କରିଦିଏ। କିଛି ଲୋକ ଉପରସ୍ତରର ସୂଚନା ଉପରେ ଆଧାରିତ ଭିଡିଓ ତିଆରି କରନ୍ତି, ଯାହା ପୁସ୍ତକ, ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିଆଯାଇଥାଏ। ଅନେକ ଆତ୍ମଘୋଷିତ ଜ୍ୟୋତିଷଙ୍କର ନା ଆନୁଷ୍ଠାନିକ ତାଲିମ ଅଛି ନା ଅଭିଜ୍ଞତା। ତଥାପି ସେମାନେ ସେମାନଙ୍କର ଆତ୍ମବିଶ୍ୱାସ, ଆକର୍ଷଣୀୟ ଉପସ୍ଥାପନା ଓ ବଜାର ରଣନୀତି ଆଧାରରେ ଲକ୍ଷ ଲକ୍ଷ ଦର୍ଶକଙ୍କ ପାଖରେ ପହଞ୍ଚନ୍ତି। ଏହା କେବଳ ଜ୍ୟୋତିଷ ଶାସ୍ତ୍ରର ବିଶ୍ୱସନୀୟତାକୁ ହ୍ରାସ କରେ ନାହିଁ, ବରଂ ଏହି ଉପଚାର ଉପରେ ନିର୍ଭର କରୁଥିବା ଲୋକଙ୍କୁ ମଧ୍ୟ ନିରାଶ କରେ।

ଜ୍ୟୋତିଷ ଏକ ପ୍ରାଚୀନ ଓ ସମ୍ମାନିତ ବିଜ୍ଞାନ, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ମାର୍ଗଦର୍ଶନ କରିବା ପାଇଁ ବ୍ୟବହୃତ ହୋଇଆସୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ପ୍ରଚାରିତ ଏପରି ଭ୍ରମାତ୍ମକ ଭିଡିଓ ସେହି ମହାନ୍ ପ୍ରାଚୀନ ବିଜ୍ଞାନସମ୍ମତ ବିଦ୍ୟାର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି। ଯେତେବେଳେ ଲୋକମାନେ ଏହି ତଥାକଥିତ ଉପଚାରଗୁଡ଼ିକୁ ପ୍ରୟୋଗ କରିବାର ଚେଷ୍ଟା କରନ୍ତି ଏବଂ କୌଣସି ଲାଭ ପାଆନ୍ତି ନାହିଁ, ସେମାନେ କେବଳ ସେହି ଭିଡିଓଗୁଡ଼ିକ ଉପରେ ବିଶ୍ୱାସ ହରାନ୍ତି ନାହିଁ, ବରଂ ଜ୍ୟୋତିଷ ବିଷୟରେ ପ୍ରଶ୍ନ ଉଠାନ୍ତି। ଏହା ଅଭିଜ୍ଞ ଜ୍ୟୋତିଷମାନଙ୍କ ପାଇଁ ମଧ୍ୟ ଏକ ଆହ୍ୱାନ ସୃଷ୍ଟି କରେ।

ଶେଷରେ ଏହା କହିବା ଭୁଲ ହେବ ନାହିଁ ଯେ ଶୀଘ୍ର ସଫଳତା ପାଇଁ ମନ୍ତ୍ର ଦେଉଥିବା ଜ୍ୟୋତିଷ ଭିଡିଓଗୁଡ଼ିକ ଅଧିକାଂଶ ଭାବରେ ଭ୍ରମାତ୍ମକ ଓ ଲୋକପ୍ରିୟତା ପାଇଁ ତିଆରି ହୋଇଥାଏ। ସେମାନେ ଲୋକଙ୍କ ଭାବନା ଓ ଆଶାକୁ ଶୋଷଣ କରନ୍ତି, ତାହା ମଧ୍ୟ କୌଣସି ଦୃଢ଼ ଆଧାର ବିନା। ଅନ୍ୟପକ୍ଷରେ ପ୍ରକୃତ ଜ୍ୟୋତିଷମାନେ, ଯେଉଁମାନେ କୁଣ୍ଡଳୀର ସମ୍ପୂର୍ଣ୍ଣ ବିଶ୍ଳେଷଣ ପରେ ପ୍ରତିକାର ପରାମର୍ଶ ଦିଅନ୍ତି, ସେମାନେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ। ଜ୍ୟୋତିଷ ହେଉଛି ବିଜ୍ଞାନ ଓ କଳାର ମିଶ୍ରଣ, ଯାହା କେବଳ ସେତେବେଳେ ପ୍ରଭାବଶାଳୀ ହୁଏ, ଯେତେବେଳେ ଏହାକୁ ଗମ୍ଭୀରତା ଓ ଦାୟିତ୍ୱର ସହିତ ଗ୍ରହଣ କରାଯାଏ। ଆମେ ଶୀଘ୍ର ସଫଳତାର ଲୋଭକୁ ପଛରେ ପକାଇ ଧୈର୍ଯ୍ୟ ଓ ବୁଝାମଣା ସହିତ ସଠିକ୍ ମାର୍ଗଦର୍ଶନ ଖୋଜିବା ଉଚିତ। ତେବେ ହିଁ ଆମେ ଜ୍ୟୋତିଷର ପ୍ରକୃତ ଲାଭ ପାଇପାରିବା ଏବଂ ଏହି ପ୍ରାଚୀନ ଜ୍ଞାନର ମର୍ଯ୍ୟାଦା ବଜାୟ ରଖିପାରିବା।

କୋଡାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଧୂପର ଧ୍ରୁପଦୀ ମାନସିଂହ ସାହିତ୍ୟ

**ସାହିତ୍ୟ ସରିତ୍**

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କବି ଓ ଲେଖକ ଭାବରେ ମାୟାଧର ମାନସିଂହ କେତେ ଉଚ୍ଚକୋଟୀର ପୁସ୍ତକର ସଫଳ ସ୍ରଷ୍ଟା, ତାହା ସଚେତନ ପାଠକ ମାତ୍ରକେ ଅବଗତ। ତେବେ ତାଙ୍କ ନିଜ ଦୃଷ୍ଟିରେ ସ୍ୱରଚିତ କବିତା ପୁସ୍ତକ 'ଧୂପ'ହିଁ ଥିଲା ତାଙ୍କର ସବୁଠାରୁ ପ୍ରିୟ। ଓଡ଼ିଆ ପାଠକମାନଙ୍କ କଣ୍ଠରେ ଏହାର ପ୍ରାଣସ୍ପର୍ଶୀ ପଦପଂକ୍ତି କି ମାର୍ମିକ ଭାବରେ ଏ ପର୍ଯ୍ୟନ୍ତ ଆବୃତ୍ତି ହେଉଛି, ଏହା ବି ଜାଣନ୍ତି ସଭିଏଁ। ରୋମାଣ୍ଟିକ ଆବେଗର ପରିଶୁଦ୍ଧତା ବହନ କରି ଏହା ହୋଇଛି ଲୋକାଦୃତ। କିନ୍ତୁ କ'ଣ ସେତିକି ହିଁ ଏ ବହିଟିର ବିଶେଷତ୍ୱ? ଏହା ଯେ 'କ୍ଲାସିକ-ଧର୍ମୀ ରୋମାଣ୍ଟିକ' ଭାବଧାରାର ପ୍ରବାହ - ଏହି ସତ୍ୟକୁ ପୁନଃପୁନଃ ଆବିଷ୍କାର କରିପାରିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ମର୍ମଧ୍ୱନି ସ୍ପଷ୍ଟରୁ ଅଧିକ ସ୍ପଷ୍ଟତର ହୋଇଉଠିବ।

ରୋମାଣ୍ଟିକ-କବିଙ୍କ ଲକ୍ଷଣ ସମ୍ପର୍କରେ କୁହାଯାଇଛି, ସେମାନେ ହେଉଛନ୍ତି ପଳାୟନବାଦୀ। ସମାଜର ବିଷାକ୍ତ ବଳୟରୁ ମୁକ୍ତ ହେବା ପାଇଁ ସେମାନେ ଲୋଡ଼ନ୍ତି ପ୍ରକୃତିର ନିର୍ଭୟଆଶ୍ରୟ। ଆଉ କ୍ଲାସିକ-କବିଙ୍କ ଗୁଣଧର୍ମ ବିଶ୍ଳେଷଣ କରି ଏହାହିଁ ପ୍ରତିପାଦନ କରାଯାଇଛି ଯେ ସେମାନେ ଦୁଃଖ କଷ୍ଟ ବରଣ କରି ନିଅନ୍ତି ଅବିଚଳିତ ଚିତ୍ତରେ। ସେମାନଙ୍କ ବିଶ୍ୱାସ ହେଉଛି ଏହି ବେଦନା ଗ୍ରହଣ କରିବା ଦ୍ୱାରା ଅନ୍ତରାତ୍ମା ହୋଇଯାଏ ସ୍ୱଚ୍ଛ ଓ ନିର୍ମଳ। 'କ୍ଲାସିକ-ସାହିତ୍ୟ'କୁ 'ଧ୍ରୁପଦୀ' ନାମରେ ପରିଚିତ କରିଦିଆଯାଇଛି ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ। ଏ ଦୃଷ୍ଟିଭଙ୍ଗୀରୁ ବିଚାର କଲେ କେବଳ 'ଧୂପ' କବିତା ସଂକଳନ ନୁହେଁ, ସମଗ୍ର ମାନସିଂହ ସାହିତ୍ୟ ହେଉଛି ଉଚ୍ଚମାନର 'କ୍ଲାସିକ' ବା 'ଧ୍ରୁପଦୀ-ସାହିତ୍ୟ'। ଆଉ ତାଙ୍କ ସଂଘର୍ଷମୟ ଜୀବନ ମଧ୍ୟ ହେଉଛି ସମାନ ପର୍ଯ୍ୟାୟର।

ଏ ପ୍ରସଙ୍ଗରେ 'ଧୂପ' କବିତା ପୁସ୍ତକର ଏକାଧିକ ପଦ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ ସେହି ମହତ୍ତର ସତ୍ୟର ସ୍ୱରୂପ ହୋଇଉଠିବ ପ୍ରଜ୍ଞାଦୀପ୍ତ। କବିଙ୍କ ବର୍ଣ୍ଣନା ଏହିପରି - 'ମନେହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବିହୋଇ / ପ୍ରଣୟର ଅଗ୍ନିଶେଷେ ପ୍ରଣୟର ଭସ୍ମ ଯିବ ଥୋଇ / ବକ୍ଷେ ମୋର ଯଜ୍ଞ ଜଳେ, ତୁମେ ତହିଁ ଜୀବନ ଦେବତା / ଆତ୍ମାମୋର ଯଜ୍ଞ-କାଷ୍ଠ ଘୃତାହୁତି ତୁମର ମମତା।' କିମ୍ବା 'ଅଶ୍ରୁ-ଆହୁତି, ପ୍ରଣୟଯଜ୍ଞ ମମ / ବ୍ୟଥାର ଅଗ୍ନି ଜଳୁଅଛି ନିର୍ମମ / ପ୍ରିୟଗୋ ମୋର / ଭାବୁଛ କି ମୁହିଁ ଚାହେଁ ତା'ର ଉପଶମ?'

ଦୁଃଖ, ଯନ୍ତ୍ରଣା, ବିରହ, ଅପବାଦ-ଏସବୁକୁ ବରଣ କରିନେବାର ଶକ୍ତି ଆହରଣ କରି ସାରିଥିଲେ ମାନସିଂହ। ସେଥିପାଇଁ ପଦ୍ୟ ହେଉ ବା ଗଦ୍ୟ ପରବର୍ତ୍ତୀ କାଳରେ ଯାହା ସେ ରଚନା କରିଛନ୍ତି, ଏହାଠାରୁ ତାହା ଭିନ୍ନ ହୋଇପାରିନି। 'ହେମଶସ୍ୟ', 'ପୂଜାରିଣୀ', 'ଜେମା', 'ସାଧବ ଝିଅ', 'କୋଣାର୍କ' କବିତା ପୁସ୍ତକ, 'କମଳାୟନ' ମହାକାବ୍ୟ, 'ଜୀବନୀ ଓ ପ୍ରବନ୍ଧ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ' ଆଦି ସମସ୍ତ ଗ୍ରନ୍ଥର ଯଦି ସାରନିର୍ଯାସ କାଢ଼ି ଦିଆଯାଏ, ତାହା 'ଧୂପ'ର ଅନ୍ତଃସ୍ୱରଠାରୁ କଦାପି ଭିନ୍ନ ହେବ ନାହିଁ। ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ସେ। ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ଯେଉଁ ଉଚ୍ଚତାକୁ ନେଇ ଯାଇପାରିଥିଲେ ଅନୁଷ୍ଠାନକୁ ଆଉ ତାହାର ଦ୍ୱିତୀୟ ଉଦାହରଣ ନାହିଁ। ସେଠାରେ ମଧ୍ୟ ସେ ସମ୍ମୁଖୀନ ହୋଇଛନ୍ତି ଯେଉଁ ଜଟିଳ ପରିସ୍ଥିତିର, ତାହାର ବିସ୍ତୃତ ବର୍ଣ୍ଣନା ରଖି ଯାଇଛନ୍ତି 'ଶିକ୍ଷାବିତର ଗାଥା' ଗ୍ରନ୍ଥରେ। କର୍ମକ୍ଷେତ୍ରରେ ଯେଉଁମାନଙ୍କ ନିକଟରୁ ସେ ହୋଇଛନ୍ତି ଲାଞ୍ଛିତ ଓ ଅପମାନିତ ସେମାନଙ୍କ ପ୍ରତି ପ୍ରତିଶୋଧ ପରାୟଣ ହେବାର ଅପରିଚ୍ଛନ୍ନ ଉପାଦାନରେ ଗଠିତ ହୋଇ ନ ଥିଲା ତାଙ୍କ ଚେତନା। ଗ୍ରନ୍ଥଟିରେ ତାଙ୍କ ବର୍ଣ୍ଣିତ ବାକ୍ୟ ଉପରେ ଧ୍ୟାନ ଦେଲେ ବୁଝିହୁଏ କି ବିଶାଳ ଥିଲା ତାଙ୍କ ହୃଦୟ। ସେଠାରେ ସେ ଲେଖୁଛନ୍ତି - 'ଦୁଃଖ-ନିର୍ଯାତନା ସବୁକୁ ନିରବରେ ସହି, ଅତ୍ୟାଚାରୀଙ୍କୁ, ଶତ୍ରୁକୁ ଆଶୀର୍ବାଦ କରି କରି ଓ ଭଗବାନଙ୍କୁ ଅନ୍ତରରେ ଡାକି ଡାକି ସହିଯିବା ହିଁ ସଙ୍କଟ ବିପଦର ସବୁଠୁ ବଡ଼ ଔଷଧ।'

ମାନସିଂହ ଯୀଶୁ, ଗାନ୍ଧୀ, ରାମକୃଷ୍ଣ ପରମହଂସ ପ୍ରମୁଖ କେଉଁ ମହାପୁରୁଷଙ୍କ ଜୀବନ-ଚିତ୍ର ବା ଅଙ୍କନ କରିନାହାନ୍ତି! ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଏକଲା ଚଲୋ' ସଂଗୀତ ତାଙ୍କୁ ଏକୁଟିଆ ଚାଲିବାର ସାହସ ଦେଇଛି ବୋଲି 'କବି ଓ କବିତା'ଗ୍ରନ୍ଥରେ ଆବେଗର ସହ ଉଦ୍ଗାର କରିଛନ୍ତି। ପ୍ରେମର ଯଜ୍ଞବେଦୀରେ ସେ ଧୂପ ପରି ଜଳି ଜଳି ଚତୁଃର୍ଦିଗରେ ବାଣ୍ଟି ଦେଇ ପାରିଛନ୍ତି ଜୀବନର ସୌରଭ। ନୀଳକଣ୍ଠ ସଦୃଶ ବିଷପାନ କରି ଯିଏ ଜଗତକୁ କରନ୍ତି ଅମୃତ ଦାନ ସିଏ ହିଁ ହେଉଛନ୍ତି କ୍ଲାସିକ ସ୍ରଷ୍ଟା। ମାନସିଂହ ସାହିତ୍ୟ ହେଉଛି ସେଥିପାଇଁ ଧୂପର ଧ୍ରୁପଦୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସୁଭଦ୍ରାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍

ଭୁବନେଶ୍ୱର,୧୦।୯(ସମିସ): ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାରୁ ପାଖାପାଖି ୨ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୨ ଟି କିସ୍ତିରେ ଅର୍ଥ ପାଇସାରିବା ପରେ ମଧ୍ୟ ଏହି ହିତାଧିକାରୀଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ଯେଉଁ ହିତାଧିକାରୀଙ୍କ ପରିବାରରେ ଗାଡ଼ି କ୍ରୟ କରାଯାଇଛି, ଧାନ ବିକ୍ରୀ ପାଇଁ ପଞ୍ଜୀକରଣ କରାଯାଇଛି ଓ ଆୟକର ପ୍ରଦାନ କରାଯାଇଛି, ସେମାନଙ୍କୁ ସରକାର ଏହି ଯୋଜନାରୁ ବାଦ୍ ଦେଇଥିବା ଜଣାପଡ଼ିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିବା ପରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ସୁଭଦ୍ରା ଯୋଜନାରେ ମୃତ୍ୟୁ ଯୋଗୁଁ ୧୫,୯୮୪ ମୃତ ହିତାଧିକାରୀ ବାଦ୍ ପଡ଼ିଥିବା ବେଳେ ୩୭ ହଜାର ୭୦୨ ହିତାଧିକାରୀ ଗାଡ଼ି କିଣିଥିବା ଯୋଗୁଁ ବାଦ୍ ପଡ଼ିଛନ୍ତି। ସେହିପରି ୨୧ ହଜାର ୩୫ ହିତାଧିକାରୀ ଆୟକର ଦେବାରୁ ଏବଂ ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଏବଂ କୃଷକ ଭାବେ ପଞ୍ଜୀକରଣ କରିଥିବାରୁ ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି।

ତେବେ ମୃତ୍ୟୁ ନେଇ ସରକାର ଯେଉଁ ତାଲିକା ଦେଇଛନ୍ତି, ତାକୁ ନେଇ ଅଦ୍ଭୁଆ ସ୍ଥିତି ସୃଷ୍ଟି ହୋଇଛି। କାରଣ ମୃତ୍ୟୁ ହୋଇଥିବା ନେଇ ଯେଉଁ ୧୫ ହଜାର ୯୮୪ ଜଣଙ୍କୁ ବାଦ ଦିଆଯାଇଛି, ସେମାନଙ୍କ ମଧ୍ୟରୁ ୧୮୦୫ ଜଣ ଜୀବିତ ଥିବା ନେଇ ଅଭିଯୋଗ ହୋଇଛି। ଏହା ପରେ ଏ ବିଷୟରେ ତଦନ୍ତ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରକେ ସୁଭଦ୍ରାରେ ୩ଟି କିସ୍ତି ଟଙ୍କା ମିଳିବ। ଯେଉଁ ଯୋଗ୍ୟ ହିତାଧିକାରୀ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ତାହାକୁ ପୁଣି ଥରେ ତର୍ଜମା କରାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯିବ। ସେହିପରି ତେବେ ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ତାଲିକାକୁ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହ ଯାଞ୍ଚ ରିପୋର୍ଟ ଆଧାରରେ ମୃତ ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବ ବୋଲି କୁହାଯାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ। ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରି ପାରିବେ। ତେବେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍‌କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ଏମଆରଆଇ ରିପୋର୍ଟ ପ୍ରଦାନରେ ଖାମଖିଆଲି

# ଏମକେସିଜିରେ ରୋଗୀ ହନ୍ତସନ୍ତ



ବ୍ରହ୍ମପୁର, ୧୦।୯(ସମିସ): ଏମ୍‌କେସିଜି ମେଡ଼ିକାଲରେ ଥିବା ପିଏମ୍‌ଏସ୍‌ଏସ୍‌ୱାଇକୁ ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍‌ଆରଆଇ ପରୀକ୍ଷା କରୁଥିବା ରୋଗୀଙ୍କୁ ସଠିକ ସମୟରେ ରିପୋର୍ଟ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା ସହିତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏନେଇ ବୁଧବାର ବହୁ ରୋଗୀ ଏମ୍‌କେସିଜି ମେଡିକାଲର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛନ୍ତି। ମେଡ଼ିକାଲର ରେଡିଓଲୋଜି ବିଭାଗରେ କାର୍ଯ୍ୟରତ କିଛି ଡାକ୍ତର ଡ୍ୟୁଟି ସମୟରେ ବିଭାଗରେ ନରହି ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରରେ ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସଠିକ ସମୟରେ ରୋଗୀଙ୍କୁ ରିପୋର୍ଟ ମିଳୁ ନଥିବା ସେମାନେ ଦର୍ଶାଇଛନ୍ତି। ରୋଗୀମାନେ ଏମ୍‌ଆରଆଇ ପରୀକ୍ଷା କରି ରିପୋର୍ଟ ପାଇଁ ଏକ ସପ୍ତାହ ଧରି ଅପେକ୍ଷା କରିବାକୁ ପଡୁଥିବା ଯୋଗୁଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ଫଳରେ ଶିଶୁ, ମେଡ଼ିସିନ ଓ ଇଏନଟି ବିଭାଗ ଭଳି ବହୁ ବିଭାଗରେ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସକ ଶ୍ରୀପଣ୍ଡାଙ୍କ ଘଟଣାର ତଦନ୍ତ କରିବା ସହ ରେଡ଼ିଓଲୋଜି ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏବଂ ତୁରନ୍ତ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୨ ଗିରଫ

ସମ୍ବଲପୁର, ୧୦।୯ (ସମିସ) : ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ବିଜ୍‌ଲିନଗରର ବରୁଣ ସାହୁ (୪୫) ହତ୍ୟା ଘଟଣାର ତଦନ୍ତ କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଶେରପୁର ଗ୍ରାମର ମୂଳ ବାସିନ୍ଦା ବର୍ତ୍ତମାନ ବୁର୍ଲା ବିଜ୍‌ଲିନଗରରେ ରହୁଥିବା ଟୁନୁ ସାହୁ (୨୭) ଓ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଦେବାହାଲର ମୂଳବାସିନ୍ଦା ବର୍ତ୍ତମାନ ବିଜ୍‌ଲିନଗରରେ ରହୁଥିବା ଅଶ୍ୱିନୀ ଭୁଏ (୪୫)। ପୂର୍ବ ଶତ୍ରୁତାରୁ ସେମାନେ ବରୁଣଙ୍କୁ ହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଦୁଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ସୂଚନା ଅନୁଯାୟୀ ଗତ ୯ ତାରିଖ ବୁର୍ଲା ବିଜଲିନଗରର ବୃନ୍ଦାବତୀ ସାହୁ ତାଙ୍କ ସ୍ୱାମୀ ବରୁଣ ସାହୁଙ୍କୁ ଏ.କଟାପାଲିର ହୁଡ଼ିଆପଦା ଜଙ୍ଗଲରେ ଟୁନୁ ଓ ଅଶ୍ୱିନୀ ମିଶି ହତ୍ୟା କରିଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୃନ୍ଦାବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ବୁର୍ଲା ଥାନା କେସ ନଂ. ୩୯୧/୨୦୨୫ରେ ମାମଲା ରୁଜୁକରି ଉଭୟ ଟୁନୁ ଓ ଅଶ୍ୱିନୀଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହି ସମୟରେ ଉଭୟେ ପୂର୍ବ ଶତ୍ରୁତାରୁ ବରୁଣଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରି ହୁଡ଼ିଆପଦା ଜଙ୍ଗଲ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ପୁଲିସ ବରୁଣଙ୍କ ମୃତଦେହ ଉଦ୍ଧାର କରିବାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠବେଣ୍ଟ ଲଗା କୁରାଢ଼ିକୁ ମଧ୍ୟ ଜବତ କରିଛି। ବୁର୍ଲା ଥାନା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟ ଅଭିଯୁକ୍ତ ଟୁନୁ ଓ ଅଶ୍ୱିନୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## 'ଉତ୍କଳ'ରେ ଉତ୍ତେଜନା ଜାରି

# ଆଜି ଉଚ୍ଛେଦ ହେବ ଜବରଦଖଲ କ୍ୱାର୍ଟର୍ସ



ଭୁବନେଶ୍ୱର, ୧୦।୯(ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସ୍‌ରୁ ବସ୍ତିଉଚ୍ଛେଦ ସହ ଜବରଦଖଲ ହୋଇଥିବା କ୍ୱାର୍ଟର୍ସ ଏବଂ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ ମଙ୍ଗଳବାର ଦିନ କୁଳପତିଙ୍କୁ ଘେରିଥିବା ବେଳେ ଆଜି ମଧ୍ୟ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଲଗାତାର ୩ ଦିନ ହେଲା ବିଶ୍ୱବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଲାଗି ରହିବା ସହ ବ୍ୟାପକ ପୁଲିସ୍ ମୁତୟନ ହୋଇଛନ୍ତି। ଅପରପକ୍ଷରେ, ଆସନ୍ତାକାଲି (ଗୁରୁବାର) ଅବୈଧ ଭାବେ ଅକ୍ତିଆର ହୋଇଥିବା ସମସ୍ତ କ୍ୱାର୍ଟର୍ସକୁ ଜବରଦଖଲମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଇଛି। ଚାକିରି ସରିବା ପରେ ମଧ୍ୟ ଅନେକ କର୍ମଚାରୀ କ୍ୟାମ୍ପସ୍‌ରେ ରହୁଛନ୍ତି। ଅନେକ କ୍ୱାର୍ଟର୍ସକୁ ବେଆଇନ ଭାବେ କିଛି କର୍ମଚାରୀ ଓ ବାହାର ଲୋକ କବ୍‌ଜା କରିଛନ୍ତି। ଦୀର୍ଘଦିନରୁ ବେଆଇନ ଅକ୍ତିଆର ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍‌ରେ ଅନେକ ବସ୍ତି ଗଢ଼ିଉଠିଛି। ସେମାନଙ୍କ ପାଇଁ ନିଶା କାରବାର ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି କରୁଛି। ଏଣୁ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ପୁନଃ ଦାବି କରିବା ସହ ଧାରଣା ଦେଇଛନ୍ତି। ଅପରପକ୍ଷରେ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍-ଆଉଟ୍ କରାଯିବ ବୋଲି ଦୋହରାଇଛନ୍ତି। ପୂର୍ବରୁ ବେଆଇନ ଭାବେ ଦଖଲ ହୋଇଥିବା କ୍ୱାର୍ଟର୍ସ ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ସମସ୍ତଙ୍କୁ ଉଚ୍ଛେଦ କରାଯିବ ବୋଲି ଧାରଣାରତ ଛାତ୍ରଙ୍କୁ କୁଳପତି କହିଛନ୍ତି। ଅପରପକ୍ଷରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର କ୍ୱାର୍ଟର୍ସ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଜୋନ୍ ଏସିପି ଗଣମାଧ୍ୟମକୁ ସୂଚନା ଦେଇ ଆଇନଶୃଙ୍ଖଳା ବଜାୟ ରଖି ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି। ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ ପୁଲିସ୍ ପହରାକୁ ଅଧିକ କଡ଼ାକଡ଼ି କରାଯାଇଛି। ହଷ୍ଟେଲ୍ ସମ୍ମୁଖରେ ଅସ୍ଥାୟୀ କ୍ୟାମ୍ପ କରିବା ସହ ହଷ୍ଟେଲ୍‌କୁ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିଛି।

### କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବିରେ ଧାରଣା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନା କବ୍‌ଜାରେ...

ନିଆଁ ଲଗାଇ ଦେଇଥିଲେ। ଏଥିରେ ଗଙ୍ଗାଙ୍କ ମୃତ୍ୟୁ ହୋଇଥଇଲା ବୋଲି କୁହାଯାଇଛି। ତେବେ ମୃତଦେହ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଏପରି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଯୁବ ଗୋଷ୍ଠୀଙ୍କ ନାମରେ ଖୋଲା ଚିଠି ଲେଖିଛନ୍ତି। ସେ ଏଥିରେ ବିକ୍ଷୋଭକୁ ବଡ଼ ଷଡ଼ଯନ୍ତ୍ର କହିଛନ୍ତି। କାର୍ଯ୍ୟାଳୟ ଜାଳିଦେବା ଏବଂ ଜେଲ୍‌ରୁ କଏଦୀଙ୍କୁ ଭଗାଇବା ଘଟଣାକୁ ଯୋଜନାବଦ୍ଧ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏପରି ସମୟରେ ଜେନ୍ ଜେଡ୍ ଗୋଷ୍ଠୀ ନିଜ ଦାବି ରଖିଛନ୍ତି। ସରକାରରେ ସଂସ୍କାରେ, ପ୍ରତିନିଧି ସଭା ଭଙ୍ଗ, ନୂତନ ଭାବେ ସମ୍ବିଧାନ ଲେଖିବା କିମ୍ବା ସଂଶୋଧନ ଏବଂ ଗତ ତିନି ଦଶନ୍ଧି ମଧ୍ୟରେ ରାଜନେତାଙ୍କ ଦ୍ୱାରା ହୋଇଥିବା ଲୁଟର୍ ତଦନ୍ତ କରିବାକୁ ଦାବି ହୋଇଛି। ବିକ୍ଷୋଭରେ ପ୍ରାଣ ହରାଇଥିବା ଲୋକଙ୍କୁ ସହିଦ ମାନ୍ୟତା, ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନ ଦେବାକୁ କୁହାଯାଇଛି। ବେକାରୀର ମୁକାବିଲା ପାଇଁ ସାମାଜିକ ଯୋଜନା, ପ୍ରବାସନକୁ ରୋକିବା, ସାମାଜିକ ଅନ୍ୟାୟ ଦୂର କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ସୁରକ୍ଷା ଏବଂ ଯୋଗାଯୋଗକୁ ମଜବୁତ କରିବାକୁ ମଧ୍ୟ ଦାବି କରାଯାଇଛି।

ନେପାଳ ହିଂସା କଏଦୀଙ୍କ ପାଇଁ ଏକ ସୁଯୋଗ ସାବ୍ୟସ୍ତ ହୋଇଛି। ପୁଲିସର ସୂଚନା ଅନୁଯାୟୀ, ସାରା ଦେଶର ଜେଲ୍‌ରୁ ପ୍ରାୟ ୧୧ ହଜାର କଏଦୀ ଫେରାର ହୋଇଯାଇଛନ୍ତି। ପଶ୍ଚିମ ନେପାଳର ଏକ ଜେଲ୍‌ରେ ସୁରକ୍ଷାକର୍ମୀ ଏବଂ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଠାରେ ପୁଲିସ ଗୁଳିରେ ୫ କଏଦୀ (ନାବାଳକ)ଙ୍କ ମୃତ୍ୟୁ ହୋଇଛି। ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ନେପାଳୀ ଜିଲ୍ଲା ଏହି ହିଂସାରେ ପ୍ରଭାବିତ ହୋଇଛି। ଏଠାରେ ବୁଧବାର ପୁଣି ହିଂସା ହୋଇଛି। ସରକାରୀ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଜାଳି ଦେଇଛନ୍ତି। କିଛି ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଏହାକୁ ଦେଖି ସୀମାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ନେପାଳ ଜେଲ୍‌ରୁ ଫେରାର ୯ କଏଦୀଙ୍କୁ ମହାରାଜଗଞ୍ଜର ସୋନୌଲି ସୀମାରୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଗିରଫ କରିଛି। ସେହିପରି ଲକ୍ଷ୍ମୀପୁର, ମହାରାଜଗଞ୍ଜ ଏବଂ ବହରାଇଚ ସୀମା ସିଲ୍ ହୋଇଥିବାରୁ ଭାରତର ୨୦୦ରୁ ଅଧିକ ଟ୍ରକ୍ ଡ୍ରାଇଭର ନେପାଳରେ ଫସି ରହିଛନ୍ତି। ସେମାନେ ଭୟରେ କାଳତିପାତ କରୁଛନ୍ତି। ହିଂସାରେ ତାଙ୍କ ଟ୍ରକ୍‌କୁ ପୋଡ଼ି ଦେବାର ଭୟ ରହିଛି। ସୋନୌଲି ସୀମାରେ ଭାରତ ଅଭିମୁଖେ ୮ କିମି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହିଛି। ଶୀଘ୍ର ଛାଡ଼ିବା ପାଇଁ ସେମାନେ ଏଜେନ୍ସିଗୁଡିକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ନେପାଳରେ ଫସିଥିବା ତେଲୁଗୁ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

### ଅକ୍ଟୋବରରୁ ସାରା...

ଖୁବଶୀଘ୍ର ତାରିଖ ଘୋଷଣା କରାଯିବ। ନିର୍ବାଚନ କମିସନ କହିଥିଲେ ଯେ ଏସ୍‌ଆଇଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ।।ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା। ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି, ଯେଉଁମାନେ ଅନ୍ୟ ଅଞ୍ଚଳକୁ ସ୍ଥାୟୀ ଭାବେ ଚାଲିଯାଇଛନ୍ତି, ଯେଉଁମାନଙ୍କର ଦୁଇଟି ସ୍ଥାନରେ ନାମ ରହିଛି ଏବଂ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କ ନାମକୁ ଏହି ପ୍ରକ୍ରିୟାରେ କାଟି ଦିଆଯିବ। ତେବେ ସଂଶୋଧିତ ତାଲିକାରେ ଯେପରି ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ, ସେଥିପାଇଁ ଉଦ୍ୟମ କରାଯିବ। ଏସ୍‌ଆଇଆର।।ରେ ନାମ ପଞ୍ଜୀକରଣ ପାଇଁ କମିସନ ବିହାରରେ ଯେଉଁ ୧୧ଟି ଦସ୍ତାବିଜ ଲୋଡ଼ିଥିଲେ, ସେଥିରେ ଆଧାର ନଥିଲା। ଏହାକୁ ନେଇ ବିବାଦ ଦେଖାଦେବାରୁ ଆଧାରକୁ ଏହି ଦସ୍ତାବିଜ ତାଲିକାରେ ସାମିଲ କରିବାପାଇଁ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୧୫ ମାସ ପରେ...

ପଡ଼ିଥିବା କୁହାଯାଉଛି। ଏହି ସମୟରେ ଦଳୀୟ କର୍ମୀ ଓ ନେତା ମନମୋହନଙ୍କ ବୟାନକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଥିବା ବେଳେ ଏହା ଦଳ ମଧ୍ୟରେ ଗୋଷ୍ଠୀବାଦକୁ ପ୍ରୋତ୍ସାହିତ କରୁଛି ବୋଲି କିଛି ଯୁବ ନେତା ମତ ଦେଇଛନ୍ତି।

### ବଢୁଛି ବାତ୍ୟା...

ବିଶେଷକରି ଅକ୍ଟୋବରରୁ ଡିସେମ୍ବର ମାସ ମଧ୍ୟରେ ଉଚ୍ଚ ଆର୍ଦ୍ରତା, ବାୟୁପ୍ରବାହ ତାରତମ୍ୟ ଓ ଉଚ୍ଚ ସମୁଦ୍ରପୃଷ୍ଠ ତାପମାତ୍ରା ଆଦି ଯୋଗୁଁ ବାତ୍ୟାଗୁଡ଼ିକ ଶକ୍ତିଶାଳୀ ହୋଇଥାଏ। ଏହା ସହିତ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ପୂର୍ବରୁ ଲା-ନିନା ପ୍ରଭାବ ଯୋଗୁଁ ଓଡ଼ିଶା ୧୯୯୯ରେ ସୁପର ସାଇକ୍ଲୋନ ସମ୍ମୁଖୀନ ହୋଇଥିଲା। ସେହିପରି ୨୦୦୯ ଅଇଲା, ୨୦୧୮ ର ତିତିଲି, ୨୦୨୧ରେ ଗୁଲାବ ଏବଂ ଜୱାଦ, ୨୦୨୨ର ଅସାନି ଭଳି ବାତ୍ୟା ଲା-ନିନା ସକ୍ରିୟ ରହିଥିବା ବର୍ଷରେ ସୃଷ୍ଟି ହୋଇଛି। ସେହିପରି ପ୍ରାକ୍ ମୌସୁମୀ ଋତୁରେ ଆସିଥିବା ବାତ୍ୟାଗୁଡ଼ିକ ମଧ୍ୟରୁ ୨୦୧୯ ରେ ଆସିଥିବା ଫନି, ୨୦୨୦ରେ ଅମ୍ଫନ, ୨୦୨୧ର ଯସ ଭଳି ବାତ୍ୟା ମଧ୍ୟ ଲା-ନିନା ବର୍ଷରେ ସୃଷ୍ଟି ହୋଇଛି ଓ ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଗତ ୬୦ ବର୍ଷ ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରରେ ବାତ୍ୟା ସଂଖ୍ୟା ବଢ଼ି ଚାଲୁଥିବା ନେଇ ବିଭିନ୍ନ ରିପୋର୍ଟରେ ଦର୍ଶାଯାଇଛି। ଏହି ବାତ୍ୟାଗୁଡ଼ିକ ଉଭୟ ମୌସୁମୀ ପୂର୍ବବର୍ତ୍ତିକାଳୀନ ଓ ପରବର୍ତ୍ତିକାଳୀନ ସମୟରେ ସୃଷ୍ଟି ହେଉଛି। ସେହିପରି ଭୀଷଣ ବାତ୍ୟା କିମ୍ବା ଏହାଠାରୁ ଅଧିକ ଶକ୍ତିଶାଳୀ ହେଉଥିବା ବାତ୍ୟାଗୁଡ଼ିକ ସଂଖ୍ୟା ମୌସୁମୀ ପରବର୍ତ୍ତୀକାଳନୀ ସମୟରେ ବଙ୍ଗୋପସାଗରରେ ବୃଦ୍ଧି ପାଇଛି। ଏ ଦୃଷ୍ଟିରୁ ଆଗାମୀ ଅକ୍ଟୋବର ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ଏକ ସମ୍ବେଦନଶୀଳ ସମୟ ସୃଷ୍ଟି ପାଇଁ ଯାଉଥିବା ଆଶଙ୍କା ରହିଛି।

### ଦରଦାମ୍ ତାତିରେ...

ଉପଭୋକ୍ତା ଆତ୍ମବିଶ୍ୱାସ ସୂଚକାଙ୍କ ୯୮.୫% ରହିଥିବାବେଳେ ୨୦୨୫ ମେ ମାସରେ ଏହା ୯୫.୪%କୁ ଖସିଥବି। ଦେଖାଯାଇଛି । ଦେଶର ୫୯%ରୁ ଉର୍ଦ୍ଧ୍ୱ ପରିବାର ଆଗାମୀ କେଇମାସ ମଧ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ ବୋଲି ଆଶଙ୍କା କରୁଛନ୍ତି ଓ ୩୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଭବିଷ୍ୟତରେ ଅଧିକ ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ।

ଅପରପକ୍ଷରେ ଦେଶର ଉପଭୋକ୍ତାମାନେ ଏବେ ସେମାନଙ୍କର ଆୟର ପ୍ରମୁଖ ଅଂଶ ଶିକ୍ଷା, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ ଓ ଋଣ ପରିଶୋଧ ନିମନ୍ତେ ବ୍ୟୟ କରୁଛନ୍ତି । ସେମାନଙ୍କ ପାଖରେ ସଞ୍ଚୟ ପାଇଁ କମ୍ ଅର୍ଥ ରହୁଛି । ଯଦି ଭବିଷ୍ୟତରେ ଅଧିକ ଆୟ ହୁଏ ତେବେ ୫୪ ପ୍ରତିଶତ ପରିବାର ସଞ୍ଚୟ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିବାବେଳେ ୩୮% ପରିବାର ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହାକୁ ଖର୍ଚ୍ଚ କରିବେ ବୋଲି ମତ ଦେଇଛନ୍ତି। ଅନ୍ୟପକ୍ଷରେ ମାତ୍ର ୭% ପରିବାର ଅଧିକ ଆୟକୁ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବହାର କରିବେ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି ।

ଏ ପ୍ରସଙ୍ଗରେ ୱାର୍ଲ୍ଡପ୍ୟାନେଲ୍ ବାଏ ନ୍ୟୁମେରେଟରର ଦକ୍ଷିଣ ଏସିଆର ପରିଚାଳନା ନିର୍ଦ୍ଦେଶକ କେ ରାମକ୍ରିଷ୍ଣନ୍ କହିଛନ୍ତି ଯେ ଦେଶର ସହରୀ ଏବଂ ଗ୍ରାମୀଣ ଉଭୟ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଏବଂ ଅଧିକାଂଶ ପରିବାର ଅତ୍ୟାବଶ୍ୟକୀୟ ଜିନିଷ, ସଞ୍ଚୟ ଏବଂ ଋଣ ପରିଶୋଧକୁ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କ ପାଇଁ ପରିବାରର ଖର୍ଚ୍ଚ ଭରଣା କରିବା ପ୍ରାଥମିକତା ହୋଇଛି ।


**NOTICE (for Minor)**
By virtue of an affidavit sworn before Executive Magistrate, Bhubaneswar Dated. 04.09.2025 I Bichitrananda Dalai Address At- Soti, Po- Hatsahi, Ps. Panikoili, Dist- Jajpur, Odisha, pin-755043, declare that i have changed the name of my daughter from Jaeyinaseni Dalai to Jagyanseni Dalai. Henceforth, she shall be known as Jagyanseni Dalai for all purpose.
Bichitrananda Dalai

**NOTICE**
By virtue of an affidavit sworn before the Executive Magistrate, Talcher, Dist.-Angul, dated 09th day of September 2025 I, Dipak Debta, At- Ghantapada, Podachalgarh, Po- Ghantapada, Ps – Colliery, Dist.- Angul, Odisha - 759103 declare that I have change my minor son name from ABHINAM DEBATA to ABHINAM DEBTA. Henceforth, my minor son shall be known as ABHINAM DEBTA for all purpose.
Sd/- Dipak Debta

**AFFIDAVIT**
By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chandrika Mali. Henceforth She will be known as Chandrika Mali for all purposes.
Sd/- Sanu Mali

**NOTICE**
By virtue of an affidavit sworn before Executive Magistrate, Udala, Mayurbhanj No-4844, dated 09.09.2025 I, Suryakanta Nayak, Address At- Nandursahi, Po-Sarbanaghaty, Ps- Kaptipada, Dist- Mayurbhanj, Odisha-757077 declare that I have changed my name from Sruyakanta Nayak to Suryakanta Nayak. Henceforth, I will be known as **Suryakanta Nayak** for all purposes.

**NOTICE**
By virtue of an affidavit sworn before Executive Magistrate, Birmaharajpur, dated 06/09/2025, I Prashanna Kumar Padhan, At- Kanpur, Po/Ps- Birmaharajpur, Dist- Subarnapur, Pin-767018 declare that I have changed my name from Prasanna Kumar Padhan to Prashanna Kumar Padhan. Henceforth, I shall be known as Prashanna Kumar Padhan for all purposes.
Prashanna Kumar Padhan

**AFFIDAVIT**
I Susanta Kumar Sahu, aged about 47 years, S/o- Gandharba Sahoo, resident of Shyampur, Near Sum Hospital, PO- Ghatikia, Ps- Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1838, dtd. 09/09/2025 that now onwards I shall be known as **SUSANTA KUMAR SAHOO** for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS2025 033, ତା.21.08.2025ରିଖର
**ଶୁଦ୍ଧିପତ୍ର ସଂ. 01**
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ ।
ବିଷୟ : କାର୍ଯ୍ୟ ଶେଷ ହେବା ଅବଧି :

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 18 (ଅଠର) ମାସ | 24 (ଚବିଶି) ମାସ |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-102/CI/25-26

**AFFIDAVIT**
I Arpita Sahu, aged about 45 years, W/o- Susanta Kumar Sahoo, resident of Shyampur, Near Sum Hospital, PO- Ghatikia, Ps-Bharatpur, Bhubaneswar, Dist- Khordha, PIN- 751029 declare that by this affidavit Sl No. 1839, dtd. 09/09/2025 that now onwards I shall be known as **ARPITA SAHOO** for all future purposes.

**AFFIDAVIT**
I, **Jayanta Kumar Giri**, aged about 49 years, son of Pratap Chandra Giri, resident of at Plot No.: 371/4086, Nandighosh Nagar, Sisupal, P.O.: Sisupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, declare that I have changed the name of my daughter from **Sadhanamani Padmagiri** (old name to **Sadhana Manipadma Giri** (new name). Henceforth, she shall be known as **Sadhana Manipadma Giri** (new name) for all purposes.

**NOTICE**
By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Bilipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.
(Sd- **MANASI BEHERA**)

**AFFIDAVIT**
By the virtue of an affidavit sworn before Notary Public Daringibadi, Dated 21.08.2025. I JAMINRAJ NAYAK , S/o. AJAYA Nayak, Address Jhimabadi, Po: Partamaha, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from Jaminraj Digal to JAMINRAJ NAYAK son of Ajaya Pradhan to AJAYA NAYAK. Henceforth, I shall be known as JAMINRAJ NAYAK son of AJAYA NAYAK for all purposes.

**AFFIDAVIT**
I, Bijay Kumar Sahu, S/o- Prahallad Chandra Sahoo, Resident of Village- Kundibag, PO- Bhadrak By-Pass, PS- Sabarang, Dist-Bhadrak, Pin -756181, Odisha, declare by this affidavit No -.8365, dated - 09.09.2025, that now on- wards I shall be known as **BIJAY KUMAR SAHOO** for all future purposes.

**GOVERNMENT OF ODISHA** A-604
**DEPARTMENT OF WATER RESOURCES**
**'e' Procurement Notice No 03 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | Rs.12.58 Lakhs to 99.96 Lakhs |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | 10.00 hours of 12.09.2025 to 17.00 hours 21.09.2025 |
| 6 | Last date/ Time for receipt of Bids in the Portal | 21.09.2025 up to 17.00 hours |
| 7 | Date and place of opening of Technical Bid | Dt. 22.09.2025 at 10.00 Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | 24.09.2025 |
| 9 | Date of lottery scheduled to be held (If required) | 26.09.2025 |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir. |

Further details can be seen from the e-Procurement Portal "https://tendersodisha.gov.in"
Superintending Engineer, Minor Irrigation Division, Balangir.
OIPR-32550/11/0007/2526

**AFFIDAVIT**
By virtue of an affidavit No-1489, sworn before the Executive magistrate, Gondia, Dhenkanal on dtd- 08/09/2025, I **Ambuja Dehuri,** S/o- Ratanakar Dehuri, resident of At-Balipasi, Po/Ps- Nihalprasad, Dist- Dhenkanal, Pin-759016. My Aadhar Card bearing No: 3293 5768 8989, My LIC Policy Bond vide No: 585273373 & my SBI Account Passbook vide A/C No: 35711518947. I have changed my name from **Kalandi Dehury** (old name) to **Ambuja Dehuri** (new name). Henceforth both the names Kalandi Dehury and Ambuja Dehuri is one & same person & I will be known as **Ambuja Dehuri** (new name) for all future purposes.
**Ambuja Dehuri**

**AFFIDAVIT**
I, Minarani Sahu, W/o- Bijay Kumar Sahoo, Resident of Village- Kundibag, PO - Bhadrak By- Pass, PS - Sabarang, Dist-Bhadrak, Pin - 756181, Odisha, declare by this affidavit No - 8369, dated - 0 9.09.2025, that now onwards I shall be known as **MEENARANI SAHOO** for all future purposes.

**AFFIDAVIT**
I, Prahallad Chandra Sahu, S/o Late Karunakar Sahoo, Resident of Village- Kundibag, PO-Bhadrak By-Pass, PS-Sabarang, Dist-Bhadrak, Pin - 756181, Odisha, declare by this affidavit No -932, dated - 09.09.2025, that now on- wards I shall be known as **PRAHALLAD CHANDRA SAHOO** for all future purposes.

## ୨ କେଜି ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ଯୋଡ଼ା, ୧୦।୯ (ସମିସ): ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାସ୍ଥିତ କାରଣସାହିରେ ଥିବା ଟୋଲ ଗେଟ ନିକଟରୁ ପୁଲିସ ପେଟ୍ରୋଲିଂ ବେଳେ ସୋମବାର ସନ୍ଧ୍ୟାରେ ୨ କେଜି ଗଂଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ରୋରୁଁଆ ଅଞ୍ଚଳର ସୁଶାନ୍ତ ଗିରି (୩୫)। ସୁଶାନ୍ତ ବହୁ ଦିନରୁ ଚୋରା ଭାବେ ଏହି ଗଂଜେଇ ରାକେଟ ଚଳେଇଥିଲା। ବାଇକରେ ଯାଉଥିବା ବେଳେ ପୁଲିସ ଯାଞ୍ଚ କରିବା ସହ ତା'ଠାରୁ ୨ କେଜି ଗଞ୍ଜେଇ, ବାଇକ ଏବଂ ୨୨୦୦ ଟଙ୍କା ଜବତ କରିଛି। ଏନଡିପିଏସ ଆକ୍ଟରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

## ଗାଁକୁ 'ଆମ ବସ୍' ଚଳାଚଳ ଦାବିକଲେ ମହିଳା



ଡୁରୁମୁଙ୍ଗା, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ଘାଟବାଲିଯୋଡି ଏବଂ ତଣ୍ଡୋ ଗ୍ରାମକୁ ସରକାରୀ 'ଆମ ବସ୍' ଚଳାଚଳ କରିବା ଦାବିରେ ବୁଧବାର ଉଭୟ ଗ୍ରାମର ମହିଳାମାନେ ବସକୁ ଡୁମୁରିଆଠାରେ ଅଟକ ରଖି ପ୍ରତିବାଦ କରିଥିଲେ। ଏହି ଗ୍ରାମଦ୍ୱୟକୁ ଉକ୍ତ ସରକାରୀ ବସ୍ ଚଳାଚଳ କରୁ ନଥିଲା। ବସ୍ ଅଟକି ରହିଥିବା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଘଟଗାଁ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ପୂର୍ବରୁ ଉକ୍ତ ଦୁଇ ଗ୍ରାମକୁ ବସ୍ ଯାଉଥିବା ବେଳେ ଗତ କିଛି ମାସ ଧରି ବସ୍ ଚଳାଚଳ ବନ୍ଦ ରହିଥିବା ଯୋଗୁଁ ମହିଳାମାନେ ବସ୍‌କୁ ଅଟକାଇଥିଲେ।

## ଗଛରେ ପିଟିହେଲା ଗୋ-ବୋଝେଇ ବୋଲେରୋ

**● ଗାଡି ଛାଡ଼ି ଚମ୍ପଟ ମାରିଲେ ମାଫିଆ**

ତେଲକୋଇ, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳ ଦେଇ ବେଆଇନ ଗୋ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିବା ବେଳେ ଗୋ ମାଫିଆମାନେ ବେଫିକର ଭାବେ ଗାଡ଼ି ଚଳାଇ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏପରିକି ଦୁର୍ଘଟଣା ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ସୋମବାର ବିଳମ୍ବିତ ରାତିରେ ପଙ୍ଗା ତାଳପଦା ରାସ୍ତାରେ ଦୁଇଟି ଗୋବୋଝେଇ ଗାଡ଼ି ଯାଉଥିବା ବେଳେ ତାଳପଦା ନିକଟରେ ସ୍ଥାନୀୟ ଲୋକେ ଖବର ପାଇ ଗାଡ଼ିଦ୍ୱୟକୁ ଅଟକାଇବାକୁ ଚେଷ୍ଟା କରୁଥିଲେ; ମାତ୍ର ଗୋମାଫିଆମାନେ ଗୋଟିଏ ଗାଡ଼ି(ପିକଅପ୍ ଭ୍ୟାନ)କୁ ପାର କରି ଚମ୍ପଟ ମାରିଥିବା ବେଳେ ଅନ୍ୟ ଏକ ଯାତ୍ରୀବାହୀ ବୋଲେରୋ ଗାଡ଼ି ଚମ୍ପଟ ମାରିବାକୁ ଉଦ୍ୟମ କରି



ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଗୋ ମାଫିଆମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଭିତରେ ଗୋରୁଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଖାଇବକୁ ଦେଇଥିଲେ। ପରେ ସକାଳେ ତେଲକୋଇ ପୁଲିସ ପହଞ୍ଚି ଓଆର ୧୧ଏଫ୍ ୨୩୩୭ ନମ୍ବର ବିଶିଷ୍ଟ ଗାଡ଼ିକୁ ଜବତ କରି ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲା। ଗୋ ମାଫିଆମାନେ ପୂର୍ବରୁ ତେଲକୋଇ କାଞ୍ଜିପାଣି ଦେଇ ଗୋ ଚାଲାଣ କରୁଥିବା ନଜିର ରହିଥିବା ବେଳେ ଏବେ ପୋଙ୍ଗା ତାଳପଦା ଦେଇ ହରିଚନ୍ଦନପୁର ବ୍ଲକକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାକୁ ଆପଣେଇଥିବା ଦେଖାଯାଇଛି। ଏଥିପ୍ରତି ପୁଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଉ ନଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ଯୁବ ଗୋଷ୍ଠୀ ଗୋ-ଦଲାଲ ସାଜିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ତେଲକୋଇ ଲକ୍ଷ୍ମୀନାରାୟଣ ବଣିକ ସଂଘର କର୍ମକର୍ତ୍ତା ଚୟନ



ତେଲକୋଇ, ୧୦।୯ (ସମିସ): ତେଲକୋଇ ବଜାର ଲକ୍ଷ୍ମୀନାରାୟଣ ବଣିକ ସଂଘ ପକ୍ଷରୁ ହାଟ ପଡିଆରେ ସଂଘର ବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଧନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କୋଷାଧ୍ୟକ୍ଷ ସତ୍ୟାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ବିବରଣୀ ପଠନ କରାଯାଇଥିଲା। ନୂତନ ସଦସ୍ୟତା ଗ୍ରହଣ ସହ ଦ୍ୱିତୀୟ ପର୍ଯ୍ୟାୟରେ ସଭାପତି ଦେଇଥିବା ଅବସର ସମ୍ବନ୍ଧୀୟ ଦରଖାସ୍ତକୁ ସଂଘ ବିଚାରକୁ ନେଇଥିଲା। ନୂତନ ସଭାପତି ଭାବେ କୌନୋଜ ବିଶ୍ୱାଳ (ମେଣୀ) ମନୋନୀତ ହୋଇଥିବା ବେଳେ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନାମ କାଏମ ରହିଛି। ପ୍ରଭାତ ସାହୁ ସମ୍ପାଦକ ଓ ସତ୍ୟାନନ୍ଦ ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ପୁନର୍ବାର ମନୋନୀତ ହୋଇଛନ୍ତି। ୧୧ ଜଣ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ଗଠନ ହୋଇଛି। ଅପରାହ୍ନରେ ବଣିକ ସଂଘ ପକ୍ଷରୁ ନୂତନ କର୍ମ କର୍ତ୍ତା ଓ ଏକ ପ୍ରତିନିଧିମଣ୍ଡଳୀ ଥାନାଧିକାରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

**ଆଉ କେବେ ଚେଇଁବ ପ୍ରଶାସନ**

# ଏବେ ବି ଅନ୍ଧାରୀ ମୂଳକରେ କେ.ବାଲିପାଳ

**ସରକାରୀ ଯୋଜନା ଅପହଞ୍ଚ, ପଞ୍ଚାୟତବାସୀ ହନ୍ତସନ୍ତ**

**ଅବଧି ସରିଆସୁଛି, ଆରମ୍ଭ ହେଉନି ରାସ୍ତା କାର୍ଯ୍ୟ**

ହାଟଡ଼ିହୀ, ୧୦।୯ (ସମିସ)



ହଦଗଡ଼ ଦେଇ ପ୍ରବାହିତ ସାଳନ୍ଦୀ ନଦୀ ଉପରେ ୧୯୬୦ର ପ୍ରସ୍ତାବ ଅନୁଯାୟୀ ସାଳନ୍ଦୀ ନଦୀବନ୍ଧ ନିର୍ମାଣ ହୋଇଛି। ଜିଲ୍ଲାର ବୃହତ ନଦୀବନ୍ଧ ଭାବେ ପରିଚିତ ଏହି ସାଳନ୍ଦୀ ନଦୀବନ୍ଧ ନିର୍ମାଣ ଲାଗି ଏଠାରେ ଶହ ଶହ ବର୍ଷ ପୂର୍ବରୁ ବସବାସ କରିଆସୁଥିବା ଜନଜାତି ବାସିନ୍ଦାଙ୍କୁ ସରକାର ବିସ୍ଥାପିତ କରି ଜଙ୍ଗଲ ମଧ୍ୟରେ ଅବସ୍ଥାପିତ କରିଥିଲେ। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ପରେ ସେମାନଙ୍କ ରହିବା ଲାଗି ଘରବାଡ଼ି ଜମି ଏବଂ ପେଟ ପୋଷିବା ପାଇଁ ଚାଷଜମି ସମସ୍ୟା ଉପୁଜିଲା। ଯାହା ଏଯାଏଁ ସମାଧାନ ହୋଇପାରି ନଥିବାରୁ ସେଠାକାର ଲୋକଙ୍କୁ ପ୍ରତିଦିନ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହି ପଞ୍ଚାୟତରେ ମଲ୍ଲିପଶି, ସରମୁଣ୍ଡି, ଭଅଁରା, ମୟୁରନଚା, କେ.ବାଲିପାଳ, ରାଇଘାଟି, ଡ଼ଙ୍ଗାବାହାଳି, ପାଲବଣି ଆଦି ଗ୍ରାମ ରହିଛି। ଏଠାକାର ଅଧିବାସୀମାନେ ଅନୁସୂଚିତ ଜନଜାତି ଶ୍ରେଣୀର ଅଟନ୍ତି। ପ୍ରାୟ ୬୦ବର୍ଷ ପୂର୍ବରୁ ସେମାନେ ହଦଗଡ଼ ଅଞ୍ଚଳରୁ ବିସ୍ଥାପିତ ହୋଇ ଏହି ଅଞ୍ଚଳକୁ ଆସିବା ପରେ ସରକାରଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି। ଦୀର୍ଘ ବର୍ଷ ପରେ ଶିକ୍ଷାର ବିକାଶକୁ ଧ୍ୟାନ ଦେଇ ତତ୍କାଳୀନ ବିଧାୟକ, ସ୍ଥାନୀୟ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ଉଦ୍ୟମରେ ରାଇଘାଟି ତଥା କେ.ବାଲିପାଳ ପଞ୍ଚାୟତ ନିକଟରେ ପ୍ରାଥମିକ ବିଦ୍ୟାଳୟ ଏବଂ ପରେ ଉଚ୍ଚବିଦ୍ୟାଳୟ ନିର୍ମାଣ କରାଯାଇଛି। କୁନି କୁନି ପିଲାଙ୍କ ଶିକ୍ଷା ବିକାଶ ଲାଗି ସେହି ପଞ୍ଚାୟତର ପ୍ରତିଟି ଗାଁରେ ଅଙ୍ଗନବାଡ଼ି ରହିଛି। ଏଠାରେ କିଛିବର୍ଷ ପୂର୍ବରୁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ସୁଦ୍ଧା ସ୍ୱାସ୍ଥ୍ୟକର୍ମୀଙ୍କ ଅନିୟମିତତା ପାଇଁ ଲୋକେ ପଡ଼ୋଶୀ ଭଦ୍ରକ ଜିଲ୍ଲାସ୍ଥିତ ଆଗରପଡ଼ା ମେଡିକାଲ ଉପରେ ନିର୍ଭର କରୁଛନ୍ତି ତ ପୁଣି ମଲ୍ଲିପଶି କିମ୍ବା ସରମୁଣ୍ଡି ଗ୍ରାମର ଲୋକେ ଶୁଖୁଆପଟା ଡେଇଁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଧୀନ ଶରତ ଅଞ୍ଚଳର ମେଡିକାଲ ଉପରେ ନିର୍ଭର କରୁଛନ୍ତି।

ସବୁଦିନିଆ ଗମନାଗମନ ପାଇଁ ଏବେବି ରାସ୍ତା ସମସ୍ୟା ଲାଗି ରହିଛି। ୨୦୧୦ରେ ଛତରାଘାଟିକୁ କାଟି ଏହି ଦୁର୍ଗମ ଅଞ୍ଚଳ ପାଇଁ ବନବିଭାଗ ଦ୍ୱାରା ଏକ ରାସ୍ତା ନିର୍ମାଣ କରାଯାଇଛି। ଏଠାକାର ଲୋକଙ୍କ ପାଇଁ କେବଳ ଏତିକିରେ ସମସ୍ୟା ଦୂର ହୋଇନାହିଁ। ଗାଁ ଗୁଡ଼ିକ ବନବିଭାଗର ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ଏଯାଏଁ ସ୍ଥାୟୀ ବାସିନ୍ଦା ଭାବେ ଘରବାଡ଼ି ପଟ୍ଟା ମିଳିନାହିଁ। ସଂରକ୍ଷିତ ଜଙ୍ଗଲ ହେତୁ ବନବିଭାଗର ବିନା ଅନୁମତିରେ ଏଠାକୁ ବିଦ୍ୟୁତ ଆସିପାରୁନି। ଅନେକ ଦାବି ପରେ ବନବିଭାଗ ଦ୍ୱାରା ପ୍ରତ୍ୟେକଙ୍କୁ ସୋଲାର ସିଷ୍ଟମ ଲାଇଟ୍ ଯୋଗାଇ ଦିଆଯାଇଛି।

ସ୍ୱାଧୀନତାକୁ ୭୯ବର୍ଷ ବିତି ଆଧୁନିକତାର ଚାକଚକ୍ୟ ଦୁନିଆରେ ଏହି ବାସିନ୍ଦାଙ୍କ ସୁବିଧା ପାଇଁ ମୋବାଇଲ ନେଟୱର୍କ ନାହିଁ। ନିର୍ଦ୍ଦିଷ୍ଟ କୌଣସି ବଡ଼ ପାହାଡ଼, ବିରାଟ ଗଛ କିମ୍ବା ଉଚ୍ଚ ସ୍ଥାନକୁ ଗଲେ ହିଁ ମୋବାଇଲରେ ଟିକେ ଟିକେ ନେଟୱର୍କ ଆସିଥାଏ। ବିଜ୍ଞାନ ଯୁଗରେ ମୋବାଇଲ ଓ କମ୍ପ୍ୟୁଟର ଭଳି ସୁବିଧା ଏମାନଙ୍କ ପାଇଁ ସାତସପନ ପାଲଟିଛି। ଦୁର୍ଗମ ଅଞ୍ଚଳ ସହ ସବୁଦିନିଆ ଗମନାଗମନ ପାଇଁ ଭଲ ରାସ୍ତା ଖଣ୍ଡେ ନଥିବାରୁ ଏମାନେ ରୋଗରେ ପଡ଼ିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି।

କିଛିବର୍ଷ ପୂର୍ବରୁ ବସୁଧା ଯୋଜନାରେ ପାନୀୟଜଳ ସୁବିଧା ହୋଇଥିଲା ସୁଦ୍ଧା ବିଭିନ୍ନ ସ୍ଥାନରେ ସେସବୁ ଅଚଳ ହୋଇପଡ଼ିଛି। ବେଳେ ସେଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଯାହାଫଳରେ ଲୋକେ ନିକଟସ୍ଥ ଝରଣା କିମ୍ବା ଚୁଆପାଣି ଉପରେ ନିର୍ଭର କରି ଅନେକ ସମୟରେ ଅଚିହ୍ନା ରୋଗର ଶିକାର ମଧ୍ୟ ହୋଇଥା'ନ୍ତି। କେହି କେହି ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି।

ଏହି ପରିପ୍ରେକ୍ଷୀରେ ଗତ ୨୦୨୪ ମସିହା ଛତରାଘାଟିଠାରୁ ବାଲିପାଳ ଯାଏଁ ନୂତନ ରାସ୍ତା ନିର୍ମାଣ ପାଇଁ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୧୨କୋଟି ୨୯ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରିଥିଲେ ସୁଦ୍ଧା ଏଯାଏଁ ରାସ୍ତାକାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରକାଶ ଥାଉକି, ଉକ୍ତ ରାସ୍ତାଟି ହଦଗଡ଼ ଅଭୟାରଣ୍ୟର ଏକ ସଂରକ୍ଷିତ ଅଞ୍ଚଳ ହୋଇଥିବାରୁ ସେଥିମଧ୍ୟରେ ରାସ୍ତା ନିର୍ମାଣ ପାଇଁ ବନବିଭାଗ ପକ୍ଷରୁ ଏଯାଏଁ ଅନୁମତି ମିଳିନାହିଁ। ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୨୦୨୪ ଜୁଲାଇ ୩୦ତାରିଖରେ ଆରମ୍ଭ ହୋଇ ଆସନ୍ତା ୨୦୨୬ଜାନୁଆରୀ ୨୯ତାରିଖରେ ଶେଷ ହେବା ନେଇ ଫଳକରେ ଉଲ୍ଲେଖ ରହିଛି। ଏଯାବତ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଏଦିଗରେ ରାସ୍ତା ନିର୍ମାଣକାରୀ ଆରଡ଼ି ବିଭାଗର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଜଙ୍ଗଲ ବିଭାଗର ଅନୁମତି ମିଳି ନଥିବାରୁ ଆରମ୍ଭ ହୋଇପାରୁନି ବୋଲି କହିଥିଲେ। ହଦଗଡ଼ ବନାଞ୍ଚଳ ଅଧିକାରୀ ଏବଂ ଆନନ୍ଦପୁର ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରି ନଥିବାରୁ ଏସମ୍ପର୍କରେ ବନପାଳ ମଳୟ ସାହୁଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅନୁମତି ଲାଗି ଯେଉଁ ସବୁ ଡକ୍ୟୁମେଣ୍ଟ ଆବଶ୍ୟକ ତାହା ଆରଡ଼ି ବିଭାଗ ପକ୍ଷରୁ ପ୍ରାୟ ଦାଖଲ ହୋଇ ନଥିବାରୁ ଅନୁମତି ଦିଆଯାଇନି ବୋଲି କହିଥିଲେ। ତେବେ ଅଞ୍ଚଳର ମୁଖ୍ୟ ସମସ୍ୟାକୁ ଲକ୍ଷ୍ୟ କରି ସରକାର ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ ସୁଦ୍ଧା ପ୍ରଶାସନିକ କଳରେ ଅନୁମତି ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଳମ୍ବ ହେବାରୁ ଅଞ୍ଚଳ ବାସିନ୍ଦା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସବୁ ଗାଁକୁ ମୁଖ୍ୟମନ୍ତ୍ରୀ ବସ୍ ଯାଉଥିଲା ବେଳେ ରାସ୍ତା ନଥିବାରୁ ସେହି ଗାଁଗୁଡ଼ିକୁ ଯାଇପାରୁନି। ଲୋକେ ଗମନାଗମନ ପାଇଁ ନିହାତି ଭାବେ ହଇରାଣ ହେଉଛନ୍ତି।

ସ୍ଥାନୀୟ ପ୍ରଶାସନ, ରାଜନେତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ସହ ଜିଲ୍ଲା ପ୍ରଶାସନ, ସାଂସଦ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କଲେ ସେଠାକାର ବାସିନ୍ଦାଙ୍କ ମୁହଁରେ ବିସ୍ଥାପିତଠାରୁ ଏଯାଏଁ ମଉଳି ଯାଇଥିବା ହସ ପୁଣି ଥରେ ଫେରିପାରିବ ବୋଲି ଏଠାକାର ବାସିନ୍ଦା ଆଶାକୁ ଉଦ୍‌ଜୀବିତ ରଖିଛନ୍ତି। ଦେଖିବାକୁ ରହିଲା, କେବେ ସ୍ଥାନୀୟ ପ୍ରଶାସନ ଏ ଦିଗରେ ସମନ୍ୱିତ ପଦକ୍ଷେପ ନେଇ ବିକାଶର ମୌଳିକ ସୁବିଧା ସୁଯୋଗ ଲୋକଙ୍କୁ ଯୋଗାଇ ପାଉଛି ?

## ଆନନ୍ଦପୁର ମେଡିକାଲ ଛାତରୁ ଖସିଲା କଂକ୍ରିଟ୍

**ଅଳ୍ପକେ ବର୍ତ୍ତିଲେ ମହିଳା ରୋଗୀ**



ଆନନ୍ଦପୁର, ୧୦।୯ (ସମିସ): ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାଜନିତ ବିଭ୍ରାଟ ଏବଂ ଅବ୍ୟବସ୍ଥା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ଗୋଟିଏ ପରେ ଗୋଟିଏ ଉଦାହରଣ ସାମନାକୁ ଆସୁଛି। ରୋଗୀ ବାରଣ୍ଡାରେ ଗଡୁଥିବା ଦୃଶ୍ୟ ଚର୍ଚ୍ଚାକୁ ଆସିଥିବା ବେଳେ ମଙ୍ଗଳବାର ମହିଳା ୱାର୍ଡର ବାରଣ୍ଡା ଛାତରୁ କଂକ୍ରିଟ୍ ଖସି ପଡ଼ିଛି। ଫଳରେ ରୋଗୀ ଏଠାରେ କିଭଳି ଅସୁରକ୍ଷିତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ତା'ର ଜ୍ୱଳନ୍ତ ଉଦାହରଣ ପଦାକୁ ଆସିଛି। ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଅଭାବ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପରିଚାଳନା ଅବ୍ୟବସ୍ଥା ମଧ୍ୟରେ ଶହ ଶହ ରୋଗୀ ଉପଯୁକ୍ତ ଦୈନନ୍ଦିନ ସ୍ୱାସ୍ଥ୍ୟସେବା ପାଇଁ ଦୈନନ୍ଦିନ ଛଟପଟ ହେଉଛନ୍ତି। ୱାର୍ଡରେ ଜାଗା ନଥିବାରୁ କେତେକ ରୋଗୀ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଆଜିର ଏହି ଅଘଟଣ ଉପଖଣ୍ଡର ଏହି ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା ରୋଗୀଙ୍କ ପ୍ରତି ବିପଦ ସଦୃଶ ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜାନକୀ ପାତ୍ର ନାମକ ମହିଳା ବାରଣ୍ଡାରେ ଶୋଇ ସାଲାଇନ୍ ନେଉଥିବାବେଳେ ତାଙ୍କର ମୁଣ୍ଡ ନିକଟରେ ଏକ କଂକ୍ରିଟ୍ ଖଣ୍ଡ ଖସିଥିଲା। ଭାଗ୍ୟକୁ ମହିଳା ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ରୋଗୀ ସମ୍ପର୍କୀୟ ଅଜିତ ଜେନା ଦୌଡ଼ି ପଳାଇ ଜୀବନ ରକ୍ଷା କରିଥିଲେ। ଗତବର୍ଷ ପ୍ରାୟ ୪କୋଟି ଟଙ୍କା ବ୍ୟୟବରାଦ ହୋଇ ପୂର୍ତ୍ତବିଭାଗ ତରଫରୁ ମେଡିକାଲର ମରାମତି କରାଯାଇଥିଲା। ମାତ୍ର ବର୍ଷକ ପରେ ଛାତରୁ କଂକ୍ରିଟ୍ ଖସିବା ଘଟଣା କାମର ମାନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତ୍ୱରିତ ଗ୍ରହଣ କରିବାକୁ ଦାବି ହେଉଛି।

## ସପରିବାର ଅପେରା ଦେଖୁଥିଲେ, ଘରେ କଳା କନା ବୁଲାଇଲେ ଚୋର



ଡୁରୁମୁଙ୍ଗା, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲିପଶି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଯାଇଛି। ଘରର ସମସ୍ତ ସଦସ୍ୟ ଅପେରା ଦେଖୁଥିଲା ବେଳେ ଅନୁପସ୍ଥିତିର ସୁଯୋଗ ନେଇ ଚୋରମାନେ ମୂଲ୍ୟବାନ ଅଳଙ୍କାର, ଗହଣା ଆଦି ସାମଗ୍ରୀ ସଫା କରି ଦେଇଛନ୍ତି। ପୁଲିସ ତନାଘନା କରୁଥିଲା ବେଳେ ଏପର୍ଯ୍ୟନ୍ତ ଚୋରଙ୍କ ବିଷୟରେ ଟେର୍ ସୁଦ୍ଧା ପାଇପାରି ନାହିଁ। ଘରର ତାଲା ଭାଙ୍ଗି ନଗଦ ୩ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମଲ୍ଲିପଶି ଗ୍ରାମର ରଣାସାହିର ଭାଗବତ ରଣାଙ୍କ ପରିବାର ଲୋକେ ଗତ ରାତିରେ ମଲ୍ଲିପଶିରେ ହେଉଥିବା ଅପେରା ଦେଖିବାକୁ ଯାଇଥିଲେ। ଦୁର୍ବୃତ୍ତମାନେ ସୁଯୋଗ ଦେଖି ଘରେ କଳା କନା ବୁଲାଇ ଦେଇଛନ୍ତି। ଗୋଟିଏ ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ସୁନାଚୁଡି ଓ କାନଫୁଲ ହଳେ ଚୋରି ହୋଇଥିବା ନେଇ ଭାଗବତ ରଣା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ପାଟଣା ପୁଲିସ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ପାଟଣା ଥାନାରେ ମାମଲା ରୁଜୁ ହେବା ସହ ଏସ୍‌ଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କେନ୍ଦୁଝର,୧୦।୯ (ସମିସ): ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରଭାଷ ମୁଣ୍ଡା(୨୩)। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଭାଷଙ୍କ ସ୍ତ୍ରୀ ମିନତୀ ବାରି(୨୦)ଙ୍କ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସେ ବାଇକ୍ ଯୋଗେ କେନ୍ଦୁଝର ଅଭିମୁଖେ ଯାଉଥିବାବେଳେ ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ୨୦ନମ୍ବର ଜାତୀୟ ରାଜପଥର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ପ୍ରଭାଷ ରାସ୍ତାରେ ପଡ଼ିଯିବାରୁ ଗାଡିଚକ ତାଙ୍କ ଉପରେ ଚଢିଯିବା ଫଳରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସଦର ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଶବ ଜବତ କରିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ ହେବା ସହ ଏସ୍‌ଆଇ ନିହାର ରଞ୍ଜନ ରାଉତ ମାମଲାର ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପ୍ରଭାଷଙ୍କ ସ୍ତ୍ରୀ ଓ ତାଙ୍କ ନବଜାତ ଶିଶୁକନ୍ୟା ଅସହାୟ ହୋଇଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଗୋଷ୍ଠୀ ଜଙ୍ଗଲ ଅଧିକାର ସଂଯୋଜନା ବୈଠକ



ହାଟଡ଼ିହୀ,୧୦।୯ (ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ କେ.ବାଲିପାଳ ପଞ୍ଚାୟତ ମୟୂରନଚା ଗ୍ରାମରେ ଆର୍‌ସିଡିସି ଅନୁଷ୍ଠାନ ଦ୍ୱାରା ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ କିପରି ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଞ୍ଚଳ ଉପରେ ନିଜର ଅଧିକାର ପାଇଁ ପ୍ରମାଣପତ୍ର ସଂଲଗ୍ନ କରି ଦାବି ହାସଲ କରିବେ ସେ ଦିଗରେ ଅନୁଷ୍ଠାନର ପରିଚାଳକ ଆନନ୍ଦ ସେଠୀ ବୁଝାଇଥିଲେ। ଜଙ୍ଗଲ ମଧ୍ୟରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ତାହାର ଉଚିତ୍ ମୂଲ୍ୟ ପ୍ରାପ୍ୟରୁ ଅଧିବାସୀଙ୍କ ଶ୍ରମ ସାର୍ଥକ ହେବ ବୋଲି ଉପସ୍ଥିତ ଲୋକେ ମତ ଦେଇଥିଲେ। ଏହି ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, ୧୩ ପ୍ରକାର ଉନ୍ନତିମୂଳକ କାମ ହୋଇପାରିବ ଓ ତାହା ଆଇନସମ୍ମତ ଅଟେ ବୋଲି ଶ୍ରୀ ସେଠୀ କହିଥିଲେ। ଏଥିପାଇଁ ଉଭୟ ବନବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ତଦନ୍ତ କରିବାକୁ ଗ୍ରାମବାସୀ ଲିଖିତ ଅନୁରୋଧ ଦେବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଯୁବ ସମାଜସେବୀ ବୁଧିରାମ ପୂର୍ତ୍ତି ସଭାପତିତ୍ୱ କରିଥିଲା ବେଳେ କୁନାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗୃହବିଭାଗ ବିଜ୍ଞପ୍ତିକୁ ଅନୁସୂଚିତ ଜାତିର ବିରୋଧ


ଆନନ୍ଦପୁର, ୧୦।୯ (ସମିସ)



**ଆନ ଛୁ ଉପଜି ।ପାଳୁ ଦାବିପ**

ଗତ ଅଗଷ୍ଟରେ ରାଜ୍ୟ ସରକାର ଗୃହ ବିଭାଗ ମାଧ୍ୟମରେ ପ୍ରକାଶିତ କରିଥିବା ବିଜ୍ଞପ୍ତି ବିରୋଧରେ ଅନୁସୂଚିତ ବର୍ଗ ପକ୍ଷରୁ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିଜ୍ଞପ୍ତିକୁ ଅନୁସୂଚିତ ବର୍ଗଙ୍କ ପକ୍ଷରୁ ଘୋର ବିରୋଧ ମଧ୍ୟ କରାଯାଉଛି। ପୂର୍ବରୁ ଅନୁସୂଚିତ ଜାତି ଜନଜାତି ଅସ୍ପୃଶ୍ୟତା ନିବାରଣ ଅଧିନିୟମର ତଦନ୍ତ ଅଧିକାର ଦାୟିତ୍ୱ ପୁଲିସ ଏସ୍‌ଡିପିଓ ସ୍ତରରେ ଥିବା ବେଳେ ବର୍ତ୍ତମାନ ସରକାର ଏହି ଦାୟିତ୍ୱ ଇନସ୍ପେକ୍ଟରଙ୍କୁ ଦେବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଇନସ୍ପେକ୍ଟରମାନେ ସ୍ଥାନୀୟ ମଧ୍ୟସ୍ଥ ଓ ନେତାଙ୍କ ଦ୍ୱାରା ପ୍ରଭାବିତ ହେବେ। ଏହି ଅନଭିଜ୍ଞ ଅଫିସରମାନେ ଏହି ମାମଲାର ଉଚିତ ତଦନ୍ତ କରିବାରେ ବିଫଳ ହେବେ ବୋଲି ଆଶଙ୍କା କରାଯାଉଛି। ଏଥିରେ ଅନୁସୂଚିତ ଜାତି ଜନଜାତି ଅସ୍ପୃଶ୍ୟତା ନିବାରଣ ଆଇନ ଅଧିକ ଦୁର୍ବଳ ହେବ ବୋଲି ମଧ୍ୟ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଛନ୍ତି। ସାରା ରାଜ୍ୟର ଅନୁସୂଚିତ ଜାତି ଜନଜାତି ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ଆଜି ରାଜ୍ୟ ସରକାର ଓ ଗୃହ ବିଭାଗଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏହି ବିଜ୍ଞପ୍ତିର ତୁରନ୍ତ ପ୍ରତ୍ୟାହର କରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିବା ସହ ଏହି ଆଇନର ତଦନ୍ତ ଅଧିକାର ଏସ୍‌ଡିପିଓ ଏବଂ ତାଙ୍କ ଉପରୋକ୍ତ ପଦାଧିକାରୀଙ୍କୁ ଦେବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୁଧବାର ଏ ସଂକ୍ରାନ୍ତରେ ଭୀମ୍ ଆର୍ମି ଭାରତ ଏକତା ମିଶନ ତରଫରୁ ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା, ବ୍ଲକ୍ ସଭାପତି ରଶ୍ମିରଞ୍ଜନ ଜେନା, ସାଧାରଣ ସମ୍ପାଦକ ବିକ୍ରମ ଜେନା, ବ୍ଲକ୍ ସଂଯୋଜକ ବିଜୟ ଜେନାଙ୍କ ସମେତ ଦିଲ୍ଲୀପ ନାୟକ, ତାପସ ଜେନା, ଦେବକୁମାର ଜେନା, ଅନିରୁଦ୍ଧ ମଲ୍ଲିକ, ସମପ୍ରୀତି ମାରାଣ୍ଡି, ଆଲୋକ ମଲ୍ଲିକ, ସୌଭାଗ୍ୟ ଜେନା, ଜ୍ଞାନରଞ୍ଜନ ମଲ୍ଲିକ, ଶିବପ୍ରସାଦ ନାୟକ, ଲୋକନାଥ ଜେନା, ସୁଦର୍ଶନ ଜେନା ଏବଂ ଅନେକ ସମର୍ଥକ ଦାବୀପତ୍ର ପ୍ରଦାନ କରିଛନ୍ତି।

## ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷାକଲେ କୃଷି ନିର୍ଦ୍ଦେଶକ




କେନ୍ଦୁଝର, ୧୦।୯ (ସମିସ): ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ରାଜ୍ୟ କୃଷି ନିର୍ଦ୍ଦେଶକ ଶୁଭମ ସକସେନା ବୁଧବାର ପୂର୍ବାହ୍ନରେ ଦରବାର ହଲଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ ସ୍ୱାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଉଦ୍ୟାନକୃଷି ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ଅଶୋକ ପାଣିଗ୍ରାହୀ, ଜିଲ୍ଲା କୃଷି ନିର୍ଦ୍ଦେଶକ ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂହ, ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମବାୟ, ଓଡିଶା ଜୀବିକା ମିଶନ, ଜଳସେଚନ, ଓଡିଶା କୃଷି ଶିଳ୍ପ ନିଗମ, କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ମାର୍କଫେଡ ଆଦି ବିଭାଗର ଅଧିକାରୀ ଏବଂ ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ।

ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା

# 'ଜୀବନ ଯେମିତି' ନାଟକ ମଞ୍ଚସ୍ଥ



ବାରିପଦା, ୧୦।୯ (ସମିସ): ସହିଦ ସ୍ମୃତି ଭବନରେ ଆମେ ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ପ୍ରଥମେ ରଙ୍ଗମଞ୍ଚ, ରାଉରକେଲା ପ୍ରସ୍ତୁତ ନାଟକ 'ଜୀବନ ଯେମିତି' ମଞ୍ଚସ୍ଥ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଓ ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟା କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ପ୍ରୟାସ ଶତପଥି ମଞ୍ଚ ପରିଚାଳନା କରିଥିଲେ। ମଣିଷ ମଣିଷ ମଧ୍ୟରେ ଭଲ ବୁଝାମଣାରେ ପରିବାର ଓ ସମାଜ ତିଷ୍ଠିରହେ ଓ ମାତ୍ର ବୁଝାମଣାର ଅଭାବରେ କିପରି ସବୁକିଛି ନଷ୍ଟଭ୍ରଷ୍ଟ ହୋଇଯାଏ ସେହି ବିଷୟବସ୍ତୁ ଉପରେ ଆଧାରିତ ଡଃ ପଞ୍ଚାନନ ପାତ୍ରଙ୍କ ରଚିତ ଓ କୈଳାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶିତ ନାଟକରେ କୈଳାଶ ପାଣିଗ୍ରାହୀ, ସୁଦେଶ ନାୟକ, ସରୋଜ ଶଙ୍ଖୁଆ, ଉମାଶଙ୍କର ପଣ୍ଡା, ସୌମ୍ୟରଞ୍ଜନ ଲେଙ୍କା, ଦେବଜିତ ପଟ୍ଟନାୟକ ଓ ସୌମ୍ୟା ସୁଚରିତା ଅଭିନୟ କରିଥିଲେ। ସଂଗୀତରେ ଅମୂଲ୍ୟ ବିଶୋଇ, ଆଲୋକସଜ୍ଜାରେ ରାକେଶ ଶତପଥୀ ଓ ମଞ୍ଚସଜ୍ଜାରେ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ। ପରେ ପଲ୍ଲଶ୍ରୀ, କରଞ୍ଜିଆ ପ୍ରସ୍ତୁତ ତଥା ନିରଞ୍ଜନ ମହାପାତ୍ରଙ୍କ ରଚିତ ଓ ପ୍ରଦୀପ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ସେମାନେ ଆମ ପ୍ରତିନିଧି' ମଞ୍ଚସ୍ଥ ହୋଇଥିଲା। ଆଜିର ସମାଜରେ ଶୋଷିତ, ନିର୍ଯ୍ୟାତିତ ନାରୀଟିଏ ଶେଷରେ କରେ ଆତ୍ମଦାହ ବା ଆତ୍ମହତ୍ୟା ଓ ହେଲେ ଦାୟୀ କିଏ..? ସେହି ଅମଣିଷ ଜଣକ ଆମରି ଭିତରୁ ଜଣେ, ଆମରି ପ୍ରତିନିଧି ଓ ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ ଶାନ୍ତନୁ, ମନୋଜ, ଚନ୍ଦ୍ରଶେଖର, ଅନୁପ, ପ୍ରଦୀପ, ସୁରେଖା ଅଭିନୟ କରିଥିବା ବେଳେ ସଂଗୀତରେ ରମାକାନ୍ତ, ମଞ୍ଚସଜ୍ଜାରେ ସଞ୍ଜୟ ସାହୁ ସହଯୋଗ କରିଥିଲେ ଓ ଆସନ୍ତା କାଲି ସନ୍ଧ୍ୟାରେ କଳାପରିଷଦ, ଢେଙ୍କାନାଳ ପ୍ରସ୍ତୁତ 'ଯାହା କହିବି ସତ କହିବି' ଏବଂ ନାଟ୍ୟଶ୍ରୀ, ବ୍ରହ୍ମପୁର ପ୍ରସ୍ତୁତ ନାଟକ 'ଜରାୟୁ' ଦୁଇଟି ନାଟକ ପରିବେଷିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ଭଞ୍ଜବେଡ଼ାରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ



ଶୁକ୍ରୁଲି/ରରୁଆଁ, ୧୦।୯ (ସମିସ): ରରୁଆଁ ବ୍ଲକର ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଭଞ୍ଜବେଡାରେ ଚାଲିଥିବା ୨୭ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬୪ ଦଳ ଅଂଶ ଗ୍ରହଣ କରିଥିଲେ। ମମତା ଏଣ୍ଡ ମମତା ଚାମ୍ପିଅନ ହୋଇ ପ୍ରଥମ ହୋଇ ଆକର୍ଷଣୀୟ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପାଇଛି। ସେହିଭଳି ରୋହିତ ଏଫ୍ସି ବାଦାମପାହାଡ଼ ରନର୍ସ ଟିମ୍ ଭାବେ ବିବେଚିତ ହୋଇ ଆକର୍ଷଣୀୟ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କାର ଅର୍ଥ ରାଶି ପାଇଥିଲେ। ଶୁଭମ୍-୧୧ ତୃତୀୟ ସ୍ଥାନ ଅଧିକାର କରି ୨୦ ହଜାର ଟଙ୍କା ଏବଂ ଙ୍କ୍ରିଟ୍ ଏଫ୍ସି ଚତୁର୍ଥ ସ୍ଥାନ ଅଧିକାର କରି ୧୫ ହଜାର ଟଙ୍କା ଲେଖାଏଁ ପାଇଛନ୍ତି। ସେହିଭଳି ୪୦ ବର୍ଷରୁ ଅଧିକ ବୟସ ବ୍ୟକ୍ତିଙ୍କ ମଧ୍ୟରେ ମଧ୍ୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଲୁସାହି ପ୍ରଥମ ହୋଇ ଗୋଟିଏ ଛେଳି ଜିତି ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଓଡ଼ିଶା ଖଣି ବିଭାଗର ଉପନିର୍ଦ୍ଦେଶକ ଚୋକ ହେଂସା ଯୋଗଦେଇ ଟିମ୍‌କୁ ପୁରସ୍କୃତ କରିଥିଲେ। ସେହିଭଳି ଝାରଖଣ୍ଡ ରାଜ୍ୟ ମହିଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଉପେନ୍ଦ୍ର ନାରାୟଣ ସିଂ, ଦିଗ୍ଗଜ୍ଜ, ଝୁନାରାଣୀ ଟିପୁଆ ସରପଞ୍ଚ ରରୁଆଁ ପ୍ରମୁଖ ଯୋଗଦେଇଥିଲେ। ସଭାପତି ରାଜେଶ ଚାତାର, ସମ୍ପାଦକ ଶଙ୍କର୍ଷଣ ମହାକୁଡ, ସଭ୍ୟ ଟିକାୟତ ମହାକୁଡ, ଚକ୍ରଧର ଚାତାର, ଭୁବନ ରାମ ଗାଗରାଇ ପ୍ରମୁଖ ଉପସ୍ଥିତ ଥିଲେ।

■ ଘରୋଇ ମେଡିକାଲ କଲେଜ ନିର୍ମାଣ ପାଇଁ କଟିଲା ଗଛ

## ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଭଞ୍ଜସେନା



ବାରିପଦା, ୧୦।୯ (ସମିସ): ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରି ଘରୋଇ ମେଡ଼ିକାଲ କଲେଜ ରାସ୍ତା ନିର୍ମାଣ ପାଇଁ ପ୍ରଚେଷ୍ଟା ହେଉଛି। ଫଳରେ ବେଆଇନ ଭାବେ ବହୁ ସଂଖ୍ୟକ ଗଛଗୁଡ଼ିକ କଟାଯାଇଛି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ବ୍ଲକ ଅନ୍ତର୍ଗତ ଭାଗବତଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ତସରୋଳା ମୌଜା ଅଧୀନସ୍ଥ ଏକ ଜଙ୍ଗଲରେ ଏପରି ବେଆଇନ କାର୍ଯ୍ୟ ଚାଲିଛି। ଯାହାକୁ ନେଇ ଭଞ୍ଜସେନା ପକ୍ଷରୁ ବିରୋଧ କରାଯାଇଛି। ବହୁ ଗଛ କାଟି ନିର୍ଦ୍ଦିଷ୍ଟ କୌଣସି ଏକ ନିର୍ମାଣାଧୀନ ସଂସ୍ଥା ମେଡ଼ିକାଲ କଲେଜକୁ ସଂଯୋଗ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ବିଭାଗ ଏବଂ ଜିଲ୍ଲାପାଳ ପ୍ରମୁଖଙ୍କୁ ଅବଗତ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଉପଯୁକ୍ତ ତଦନ୍ତ କରି ସତ୍ୟାସତ୍ୟ ପଦାକୁ ନ ଆଣିଲେ ବାରିପଦା ଡିଏଫଓ କାର୍ଯ୍ୟାଳୟ ଘେରଉ କରାଯିବ।

## ଜିଲ୍ଲାପାଳଙ୍କୁ ଭେଟିଲେ ବାମାନଘାଟି ଉପଖଣ୍ଡ ସାମ୍ବାଦିକ

ରାଇରଙ୍ଗପୁର,୧୦।୯ (ସମିସ): ରାଇରଙ୍ଗପୁରଠାରେ ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ବାମନଘାଟି ଉପଖଣ୍ଡର ସାମ୍ବାଦିକମାନେ ସାକ୍ଷାତ କରି ବିଭିନ୍ନ ଦାବି ଜଣାଇଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆୟୋଜନ ବେଳେ ଅଧିକାଂଶ ଅଧିକାରୀ କୌଣସି ସୂଚନା ସାମ୍ବାଦିକଙ୍କୁ ଦେଉନାହାନ୍ତି। ତେଣୁ ରାଇରଙ୍ଗପୁରର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ଥାୟୀ



ତ୍ୱରାନ୍ୱିତ କରିବା, ପ୍ରସ୍ତାବିତ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ବୈଷମ୍ୟ ଶିକ୍ଷଣ କେନ୍ଦ୍ର ସ୍ଥାପନକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଉପଖଣ୍ଡ ଚିକିତ୍ସାଳୟରେ ଖାଲି ଥିବା ଡାକ୍ତର, କର୍ମଚାରୀ ପଦବୀ ପୂରଣ କରିବା, ରାଇରଙ୍ଗପୁର ସହରର ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ସହ କାର୍ଯ୍ୟ ତ୍ୱରାନ୍ୱିତ କରିବା, ସହରରେ ଟ୍ରାଫିକ ସମସ୍ୟା ଦୂର ଓ ବିଭିନ୍ନ ଛକରେ ଗାଡି ଗୁଡିକ ଏଣେତେଣେ ପାର୍କିଂକୁ ଉଚ୍ଛେଦ କରିବା ତଥା ବିଭିନ୍ନ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ବ୍ଲକର ଅଫିସରମାନେ ନିଜ କାର୍ଯ୍ୟାଳୟ ପରିସରରେ ନ ରହି ସହରରେ ରହୁଛନ୍ତି। ତେଣୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ବାହାନା କରି ସପ୍ତାହରେ ତିନିଦିନ ଧରି ଅନୁପସ୍ଥିତି ରହିବା ଭଳି ଅଧିକାରୀମାନେ ସମସ୍ୟା ସୃଷ୍ଟି କରୁଛନ୍ତି। ରାଷ୍ଟ୍ରପତିଙ୍କ ଗାଁ ଉପରବେଡାକୁ ବାଦାମପାହାଡ଼ରୁ ମୋ ବସ୍ ସେବା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସାମ୍ବାଦିକ ସୌରଭ ପଟ୍ଟନାୟକ, ତୁଷାରକାନ୍ତ ମହାନ୍ତ, ସୁରଥ କୁମାର ପଟ୍ଟନାୟକ, ଅନଶନ ମହାନ୍ତ, ନିରଜ କୁମାର ସାହୁ, ମେଘନାଦ ହେମ୍ବ୍ରମ, ପ୍ରଦୀପ ମହାନ୍ତ ଓ ବସନ୍ତ କୁମାର ସାଣ୍ଡିଲ ପ୍ରମୁଖ ଉପସ୍ଥିତ ଥିଲେ।

## ନାକା ଚେକିଂ; ନିୟମ ଉଲ୍ଲଙ୍ଘନକାରୀଙ୍କୁ ୩.୮୯ ଲକ୍ଷ ଜରିମାନା

ବାରିପଦା, ୧୦।୯ (ସମିସ): ରାଜ୍ୟ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନେତୃତ୍ୱରେ ସମସ୍ତ ଥାନା ପକ୍ଷରୁ ଗତ ୯ ତାରିଖ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବିଳମ୍ବିତ ରାତିଯାଏ ନାକା/ବ୍ଲକିଂ ଚେକିଂ କରାଯାଇଥିଲା। ଟ୍ରାଫିକ୍ ନିୟମ ଓ ନିର୍ଦ୍ଦେଶନାକୁ କାର୍ଯ୍ୟକାରୀ କରିବା, ଅବୈଧ ଗୋ-ଚାଲାଣ, ଖଣିଜ ପଦାର୍ଥର, ଚୋରା ମାଦକଦ୍ରବ୍ୟ ଚାଲାଣ ବା ପରିବହନକୁ ରୋକିବା ଏବଂ ଅସାମାଜିକ ଅପରାଧୀଙ୍କ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବା ଉଦ୍ଦେଶ୍ୟରେ ଚେକିଂ କରାଯାଇଥିଲା। ଏହି ସମୟରେ ୨୬୮ଟି ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ନକା/ବ୍ଲକିଂ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ବାଇକ ଚାଳକ ଓ ଗାଡ଼ି ଚାଳକଙ୍କଠାରୁ ୪ ଲକ୍ଷ ୫୬ ହଜାର ଜରିମାନା ଆଦାୟ କରାଯାଇଛି। ଏଥିସହିତ ୧୦ଟି ମଦ୍ୟପାନ କରି ଗାଡ଼ି ଚଳାଇବାର ମାମଲା ଓ ୧୧ଟି ଅବକାରୀ ମାମଲା ପଞ୍ଜିକୃତ କରାଯିବା ସହିତ ୫ ଲିଟର୍ ଦେଶୀ/ବିଦେଶୀ ମଦ ଜବତ କରାଯାଇଛି। ବୈଶିଙ୍ଗା ପୁଲିସ ୩ଟି ମାମଲାରେ ରୁଜୁ କରିଛି। ଅଧିକାଂଶ ମାମଲା ଟ୍ରାଫିକ୍ ଉଲ୍ଲଂଘନ ସମ୍ବନ୍ଧୀୟ ଥିବା ବେଳେ ବୈଶିଙ୍ଗା ପୁଲିସ ୪ଟି ଓ କପ୍ତିପଦା ପୁଲିସ ଗୋଟିଏ ମାମଲା ରୁଜୁ କରିଛି। ଏହି ନାକା ଚେକିଂ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଶୃଙ୍ଖଳା ଓ ସୁରକ୍ଷା ରକ୍ଷଣରେ ପୁଲିସ୍ ପ୍ରଶାସନ ବିଶେଷ ସତର୍କତା ଦେଖାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚେକିଂ ଚାଲୁ ରହିବ।

## ଦନ୍ତାହାତୀ ବୈତରଣୀ ପାର୍

ଆନନ୍ଦପୁର, ୧୦।୯ (ସମିସ): ଟମକା ଜଙ୍ଗଲରୁ ଖସିଆସିଥିବା ଦୁଇଟି ଦନ୍ତା ହାତୀ ଆଜିକୁ ଚାରି ଦିନ ଧରି ଜନବସତି ଅଞ୍ଚଳରୁ ଯାଉ ନଥିବାରୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।



କୁସେଇ ନଦୀକୂଳେ କୂଳେ ବୁଲୁଥିବା ଏହି ଦୁଇ ଦନ୍ତା ହାତୀ ଫସଲ ଅନ୍ୱେଷଣରେ ଧକୋଠା ଅମାରଙ୍ଗରେ ବୁଲୁଥିବା ବେଳେ ଆଜି ବୈତରଣୀ ନଦୀ ପାର ହୋଇ ତନେଇପାଳ-ରଟୁଆଁ ଅଞ୍ଚଳକୁ ଯାଇଥିବାରୁ ହାତୀ ପଲ ଏବେ ଗୟଳମୁଣ୍ଡା ଜଙ୍ଗଇ ମୁହାଁ ହୋଇ ଜଙ୍ଗଲ ବିଭାଗର ଉଦ୍ୟମରେ ନଙ୍ଗର ଆଡକୁ ଯାଉଥିବା ଜଣାପଡିଛି। ଆନନ୍ଦପୁର, ଦେଓଗାଁ ଓ ବ୍ରାହ୍ମଣିପାଳ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀକୁ ପିଛା କରୁଥିବା ଜଣାପଡିଛି। ଟମକା ଜଙ୍ଗଲରୁ ଖସିଆସି ଆନନ୍ଦପୁର ଅନ୍ତର୍ଗତ ଦେଓଗାଁରେ ପହଞ୍ଚିଥିଲେ।

## 'ଆଦି କର୍ମଯୋଗୀ ଅଭିଯାନ' କାର୍ଯ୍ୟାନ୍ୱୟନ ସମ୍ପର୍କିତ ତାଲିମ

କେନ୍ଦୁଝର, ୧୦।୯ (ସମିସ): ଆଦିବାସୀ କଲ୍ୟାଣ ଏବଂ ବିକାଶ ପଦକ୍ଷେପରେ ନିୟୋଜିତ ଆଗଧାଡ଼ିର କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ କେନ୍ଦୁଝର ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ କେନ୍ଦୁଝର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲା ବେଳେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ଓ ଏସିଏଫ ଅଶୋକ ଦାସଙ୍କ ସମେତ ଅନ୍ୟ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାର ୮୦୭ଟି ଜନଜାତି ବହୁଳ ଗ୍ରାମରେ ତୃଣମୂଳ ସ୍ତରରେ କିଭଳି ଲୋକଙ୍କ ଦକ୍ଷତା ବୃଦ୍ଧି, ନେତୃତ୍ୱ ନେବାର ଦକ୍ଷତା, ସହଭାଗିତାରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ଓ ବିଭିନ୍ନ ବିଭାଗ, ସଂସ୍ଥାଗୁଡିକ ସହ ସମନ୍ୱୟ ରକ୍ଷାକରି ବିକାଶମୂଳକ କାର୍ଯ୍ୟ କରି ଗ୍ରାମଗୁଡିକୁ ଆଦର୍ଶ ଗ୍ରାମରେ ପରିଗଣିତ କରାଯିବ ସେନେଇ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ ବିଭାଗ ଆନୁକୂଲ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି।

## ଟ୍ରେକର-କମାଣ୍ଡର ସଂଗଠକଙ୍କ ପରଲୋକ

ଆନନ୍ଦପୁର, ୧୦।୯ (ସମିସ): ଆନନ୍ଦପୁର ଟ୍ରେକର-କମାଣ୍ଡର ଗାଡ଼ି ଆସୋସିଏସନର ସୁପରଭାଇଜର ଚନ୍ଦ୍ରଶେଖର ମହାକୁଡ଼ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଆନନ୍ଦପୁର ଗୌଡ଼ସାହି ନିବାସୀ ଚନ୍ଦ୍ରଶେଖର ସବୁଦିନ ପରି ସୁଦୁସୁଡ଼ିଆ ବାଇପାସ ଛକରେ ଡିଉଟିରେ ଥିବାବେଳେ ମୁଣ୍ଡ ଘୂରାଇ ପଡିଯାଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଦ୍ୟାଳୟ ସମୂହ ଟାଇକ୍ୱୋଣ୍ଡୋ ଓ ଉଷୁ ପ୍ରତିଯୋଗିତା




ବଡ଼ବିଲ, ୧୦।୯ (ସମିସ): ବଡ଼ବିଲ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତଃରାଜ୍ୟ ସ୍କୁଲ ସମୂହର ଉସୁ ଓ ଟାଇକ୍ୱୋଣ୍ଡୋ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟଅତିଥି, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସମ୍ମାନିତ ଅତିଥି, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଯୁଗ୍ମନିର୍ଦ୍ଦେଶକ(ରାଜ୍ୟ ପରିଦର୍ଶକ), ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୨୯ଟି ରାଜ୍ୟରୁ ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ, ୫୦ରୁ ଅଧିକ ଅଫିସିଆଲ୍ ସାମିଲ ଥିବା ଜଣାଯାଇଛି। ଜାତୀୟ ସ୍ତରର ବିଚାରକ ପଙ୍କଜ ମହାନ୍ତ, ସୁଜନ ରଥ, ଅନୁରାଧା ଦୋରା, ଟିକୁ ବାହାଦୁର, ଯୁଧିଷ୍ଠିର ଗୁରାଣ୍ଡି, ସୁଶାନ୍ତ ନାଏକ, ମୌଲିନ୍ଦୁ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ଖଣିରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଆନ୍ଦୋଳନ



ବଡ଼ବିଲ, ୧୦।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ବଡ଼ବିଲରେ ଥିବା ଓଏମଡିସି କମ୍ପାନୀର ଠିକା କର୍ମଚାରୀମାନେ ୧୦ ମାସର ବକେୟା ଦରମା ଦାବିରେ ବୁଧବାର କମ୍ପାନୀର ଡାକବଙ୍ଗଳା ଓ କମ୍ପାନୀର ରୋଇଡା କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବା ସହ ବିଭିନ୍ନ ଦାବିନେଇ କମ୍ପାନୀର ବ୍ୟବସାୟିକ ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ବକେୟା ଥିବା ସମସ୍ତ ୧୦ ମାସର ଦରମା ଏକକାଳୀନ ପ୍ରଦାନ, ମାସିକ ଦରମା ନିୟମିତ ଓ ନିର୍ଦ୍ଦିଷ୍ଟ କରିବା, ବୋନସ, ଏରିଅର୍, ଇପିଏଫ୍, ଛୁଟି ପ୍ରଦାନ ଭଳି ଦାବି ରହିଛି। ଦାବି ପୂରଣ ନହେଲେ କର୍ମଚାରୀ ପ୍ରମୁଖ ସମୂହ ଆତ୍ମାହୁତି ଧମକ ଦେଇଥିବା ଜଣାପଡ଼ିଛି।

## 'ଘରୋଇ ହିଂସା ବିରୋଧରେ ସାମୂହିକ ସଚେତନତା ଜରୁରୀ'



କେନ୍ଦୁଝର, ୧୦।୯ (ସମିସ): ବୁଧବାର ପୂର୍ବାହ୍ନରେ କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୂଲ୍ୟରେ ଇଟିସି ଟ୍ରେନିଂ ହଲ୍‌ରେ ଘରୋଇ ହିଂସା ବିରୋଧରେ ସମ୍ପ୍ରଦାୟଭିତ୍ତିକ ନେତୃତ୍ୱକାରୀ ଅଂଶୀଦାରଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ ଆୟୋଜିତ ହୋଇଯାଇଛି। ଏନଏଲ୍‌ୟୁ ପ୍ରକଳ୍ପ ପ୍ରବନ୍ଧକ ରାଜକିଶୋର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ଉପ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା ଅଶୋକ ନାୟକ, ଧରଣୀଧର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ କନିଷ୍ଠ ଅଧ୍ୟାପିକା ଡ ସଙ୍ଗୀତା ନାୟକ, ଭାରପ୍ରାପ୍ତ ଥାନାଧିକାରୀ ସୋମବାରୀ ହାଂସଦା, ପ୍ରକଳ୍ପ ଏନଜିଓର ସଂପାଦକ ବିପ୍ଳବ ମିଶ୍ର, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅକ୍ଷୟ କୁମାର ଚକ୍ର, ଧକୋଠା ଯୁବକ ସଂଘର ସଂପାଦକ ପ୍ରଫୁଲ୍ଲ ସାହୁ, ମନ୍ଦିର ପୂଜକ ଉମାକାନ୍ତ ପାତ୍ର ଏବଂ ମହିଳାଙ୍କ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ, ଅଙ୍ଗନବାଡ଼ି ଦିଦି, ଆଶା ଦିଦି, ପରିବାର ପରାମର୍ଶ କେନ୍ଦ୍ର ସଂଯୋଜିକା, ଜେଣ୍ଡର ସଂଯୋଜିକା, କେନ୍ଦୁଝର ମ୍ୟୁନିସିପାଲିଟି ଗୋଷ୍ଠି ସଂଯୋଜିକା, ପ୍ରକଳ୍ପ ଏନଜିଓ ପ୍ରବନ୍ଧକ, ପ୍ରେରଣା ଦିଦି, ସମାଜ ସେବକ, ଯଜମାନ, ମନ୍ଦିର ପୂଜକ ପ୍ରମୁଖ ଯୋଗ ଦେଇଥିଲେ। ନାରୀ ସୁରକ୍ଷା ଏବଂ ମହିଳାଙ୍କ ବିରୋଧରେ ଘରୋଇ ହିଂସା ରୋକିବାକୁ ହେଲେ ସାମୂହିକ ସଚେତନତା ଜରୁରୀ ବୋଲି ଆଲୋଚନାରେ ସହମତି ପ୍ରକାଶ ପାଇଥିଲା। ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା ଓ ସଂରକ୍ଷଣ ସୁବିଧାର ଲାଭ ଉଠାଇ ନିଜ ନିଜର ଆତ୍ମନିର୍ଭରଶୀଳତା ବଢ଼ାନ୍ତୁ ଓ ସମାଜ ପାଇଁ ଉଦାହରଣ ସାଜନ୍ତୁ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନଏଲ୍‌ୟୁଓ ପ୍ରକଳ୍ପ ପ୍ରବନ୍ଧକ ସୁଧାଂଶୁ ଭୂଷଣ ମହାରଣା, ରାଜକିଶୋର ପଣ୍ଡା ପରିଚାଳନା କରିଥିଲେ।

## ସାହିତ୍ୟିକ-ସାମ୍ବାଦିକ ନିରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦୁଝର, ୧୦।୯ (ସମିସ): କେନ୍ଦୁଝର ଟାଇମ୍ସର ପ୍ରତିଷ୍ଠାତା ତଥା ସାଳନ୍ଦୀ ପତ୍ରିକାର ସମ୍ପାଦକ ସାମ୍ବାଦିକ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦୁଝର କାଳୀତୀର୍ଥଠାରେ ଆୟୋଜିତ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ଶରତଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ପଣ୍ଡା, ବରିଷ୍ଠ ନାଗରିକ ସୁରେଶଚନ୍ଦ୍ର ପଟ୍ଟନାୟକ, ରାମନାରାୟଣ ଦ୍ୱିବେଦୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଜଗନ୍ନାଥ ନାୟକ, ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସଙ୍ଗୀତା ସିଂହ, ସାହିତ୍ୟିକ ପିନାକୀ ମିଶ୍ର, ସୁଧା ଦାସ, ଅନିଲ ଦାସ, ସିଟିଜି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ସମାଜସେବୀ ରାଜେନ୍ଦ୍ର ପଲେଇ, ଦେବବ୍ରତ ସ୍ୱାଇଁ, ସନ୍ଦୀପ ବେହେରା, ଲେଖିକା ମମତାରାଣୀ ଦାସ, ସମାଜସେବୀ ସଂଗ୍ରାମ ଦାସ ଆଇନଜୀବୀ ସାହିତ୍ୟିକ ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସାମ୍ବାଦିକ ପ୍ରକାଶ ମହାନ୍ତି, ଦେବାଶିଷ ମିଶ୍ର, ଦୀପକ ମିଶ୍ର, ସାହିତ୍ୟିକ ଡମ୍ବରୁଧରଧର ମହାନ୍ତ, ବଡବିଲ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ମିଶ୍ର, ପାଟନା ବିଧାୟକ ଅଖିଳଚନ୍ଦ୍ର ନାୟକ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ଆଦର୍ଶ ଓ ଜୀବନଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତଃ ନାୟକଙ୍କ ପତ୍ନୀ ପଦ୍ମାବତୀ ଏବଂ ପୁତ୍ର ଇସାନ ନାୟକ, ପରିବାରବର୍ଗଙ୍କ ସମେତ ସାମ୍ବାଦିକ ସଂଗ୍ରାମ ପଟ୍ଟନାୟକ, ପବିତ୍ର ବେହେରା, ମଗନ ବିହାରୀ ମଲ୍ଲିକ, ହିମାଂଶୁ ଦାଶ, ତାପସ ରଥ ଏବଂ ଶରତ ଜେନା ଉପସ୍ଥିତ ଥିଲେ। ସାମ୍ବାଦିକ ସତ୍ୟଜିତ ମିଶ୍ର ପରିଚାଳନା କରିଥିଲେ।

# ଅକ୍ଟୋବରରୁ ଆରମ୍ଭ ହେବ ଫ୍ରି କୋଚିଂ 'ଏସ୍ପାୟାର-୨'

ରାଇରଙ୍ଗପୁର, ୧୦।୯ (ସମିସ): ବାମନଘାଟୀ ଉପଖଣ୍ଡର ଚାକିରୀ ଆଶାୟୀ ଶିକ୍ଷିତ ଯୁବପିଢ଼ିଙ୍କୁ ଅଣଆବାସିକ ୩ ମାସିଆ ଫ୍ରି କୋଚିଂ ମାଧ୍ୟମରେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପୂର୍ବ ପ୍ରସ୍ତୁତି ଜରିଆରେ ଦକ୍ଷତା ବୃଦ୍ଧି ସହିତ ସକ୍ଷମ ତଥା ଯୋଗ୍ୟ ବନାଇବା ପାଇଁ ଜିଲ୍ଲା ପ୍ରଶାସନର ଏକ ଅଭିନବ ପରିକଳ୍ପନା 'ଏସ୍ପାୟାର୍'। ଏସ୍ପାୟାର୍-୧, ପ୍ରଥମ ବ୍ୟାଚ୍‌ର ସଫଳ ରୂପାୟନ ପରେ ଆସନ୍ତା ଅକଟୋବରରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ବ୍ୟାଚ। 'ଏସ୍ପାୟାର-୨' କେବଳ ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ୭ଟି ବ୍ଲକ୍ ଓ ରାଇରଙ୍ଗପୁର ପୌରପାଳିକା ଅଞ୍ଚଳର ସାଧାରଣ ବର୍ଗ ଯେଉଁମାନଙ୍କ ସର୍ବନିମ୍ନ ୨୧ ବର୍ଷ ଏବଂ ସର୍ବାଧିକ ୨୭ ବର୍ଷ ବୟସ ହୋଇଥିବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗ କ୍ଷେତ୍ରରେ ସର୍ବାଧିକ ୩୦ ବର୍ଷ ବୟସର ପ୍ରାର୍ଥୀ, ସ୍ନାତକ ଓ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷିତ ଯୁବକ ଯୁବତୀ ବିଭିନ୍ନ ଚାକିରି ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ ପାଇଁ ନିଜକୁ ସକ୍ଷମ ତଥା ଯୋଗ୍ୟ କରିବା ପାଇଁ 'ଏସ୍ପାୟାର୍-୨ ରାଇରଙ୍ଗପୁର' କାର୍ଯ୍ୟକ୍ରମ ମାଧ୍ୟମରେ ୩ ମାସିଆ ଅଣଆବାସିକ ଫ୍ରି କୋଚିଂରେ ନାମ ଲେଖାଇ ପାରିବେ। ଯେଉଁଥିରେ ପ୍ରାର୍ଥୀ ନିଜ ପସନ୍ଦର ଚାକିରି ପାଇଁ ଉପଯୁକ୍ତ ସାଧନ କର୍ମୀଙ୍କଠାରୁ କୋଚିଂ ବା ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ପାଇ ଭବିଷ୍ୟତର ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ସକ୍ଷମ ହୋଇପାରିବେ। ଏହି ଫ୍ରି କୋଚିଂରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଯୁବକ ଯୁବତୀ ଏଥି ନିମନ୍ତେ ଉଦ୍ଦିଷ୍ଟ ଆବେଦନପତ୍ର ମାଧ୍ୟମରେ ଆବେଦନ କରିବେ। ଆବେଦନ କରିବା ପାଇଁ ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ତାହା ଆବେଦନ ଫର୍ମ ସହିତ ଘୋଷଣାରେ ବିଶଦ ଭାବେ ସୂଚିତ କରାଯାଇଛି ଏବଂ ଆବେଦନର ଶେଷ ତାରିଖ ୧୮.୯.୨୦୨୫ ସ୍ଥିର କରାଯାଇଛି। ଇଚ୍ଛୁକ ପ୍ରାର୍ଥୀ ଆବେଦନ ଫର୍ମ ସହିତ ନିଜର ଆବଶ୍ୟକୀୟ କାଗଜପତ୍ର ଯଥା ଫଟୋ, ବୟସ ପ୍ରମାଣପତ୍ରର ନକଲ କପି, ଆଧାର କିମ୍ବା ଭୋଟର ପରିଚୟପତ୍ରର ନକଲ କପି, ଆବଶ୍ୟକ ସ୍ଥଳେ ଜାତି ପ୍ରମାଣପତ୍ରର ନକଲ କପି ସଂଯୁକ୍ତ କରି ଆବେଦନ କରିବେ। ଆବେଦନର ଶେଷ ତାରିଖ ସୁଦ୍ଧା ଗ୍ରହଣ ହୋଇଥିବା ଆବେଦନ ପତ୍ର ଆଧାରରେ ଆବେଦନକାରୀଙ୍କ ପାଇଁ ତା ୨୧.୯.୨୦୨୫ରେ ଏକ ମିଳିତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପ୍ରାର୍ଥୀ/ଆବେଦନକାରୀମାନେ ଉକ୍ତ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ଏହି ଅଣଆବାସିକ ଫ୍ରି କୋଚିଂର ସୁଯୋଗ ଉପଲବ୍ଧ କରାଯିବ। ଏହି ଫ୍ରି କୋଚିଂର ଦ୍ୱିତୀୟ ବ୍ୟାଚ୍ ଏସ୍ପାୟାର-୨ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ। ନାମଲେଖା ପାଇଁ ଆବେଦନ ପତ୍ର ବାମନଘାଟି ଉପଖଣ୍ଡର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହିତ ମୟୂରଭଞ୍ଜ ଜିଲ୍ଲା ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ ହେବ। ଆବେଦନକାରୀମାନେ ୱେବସାଇଟ୍‌ରୁ ଆବେଦନ ଫର୍ମ ଡାଉନଲୋଡ଼ କରି ଏହାକୁ ମଧ୍ୟ ଆବେଦନ ପାଇଁ ବ୍ୟବହାର କରିପାରିବେ। ଆବେଦନକାରୀମାନେ ସମ୍ପୃକ୍ତ ବ୍ଲକ୍ କାର୍ଯ୍ୟାଳୟରେ ସେମାନଙ୍କର ଆବେଦନପତ୍ର ଅଫ୍ ଲାଇନ୍‌ରେ ବ୍ୟକ୍ତିଗତ ଭାବେ ୧୮.୯.୨୦୨୫ ସୁଦ୍ଧା ଦାଖଲ କରିବେ।

# ଶୁକ୍ରବାର ଶପଥ ନେବେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଆସନ୍ତା ଶୁକ୍ରବାର ଦିନ ନବନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶପଥ ଗ୍ରହଣ କରିବେ। ଆଜି ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗତକାଲି ହୋଇଥିବା ନିର୍ବାଚନରେ ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନ୍ ଇଣ୍ଡିଆ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନ୍ ୪୫୨ ଭୋଟ ଏବଂ ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ ପାଇଥିଲେ।

# ପାକିସ୍ତାନକୁ ସିମ୍ କାର୍ଡ ପଠାଇ ନେପାଳୀ ନାଗରିକ ଗିରଫ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ଫ ବୁଧବାର ଜଣେ ନେପାଳୀ ନାଗରିକକୁ ଗିରଫ କରିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇକୁ ସିମ୍ କାର୍ଡ ପଠାଇବା ଅଭିଯୋଗରେ ପ୍ରଭାତ କୁମାର ଚୌରାସିଆ ନାମକ ଏହି ଯୁବକଙ୍କୁ ଦିଲ୍ଲୀ ଲକ୍ଷ୍ମୀ ନଗରରେ ଗିରଫ କରାଯାଇଛି ବୋଲି ଦିଲ୍ଲୀ ପୁଲିସ୍ ତରଫରୁ କୁହାଯାଇଛି। ପ୍ରଭାତ ମହାରାଷ୍ଟ୍ରର ଲାଟୁରରୁ ୧୬ଟି ସିମ୍ କାର୍ଡ କ୍ରୟ କରି ନେପାଳ ପହଞ୍ଚାଇଥିଲେ। ସେଠାରୁ ୧୧ଟି କାର୍ଡକୁ ପାକିସ୍ତାନର ବାହବଲପୁରରେ ଟ୍ରେସ୍ ହୋଇଥିଲା। ଏହି କାର୍ଡଗୁଡ଼ିକର ନମ୍ବରକୁ ସଞ୍ଚାଳନ କରାଯାଇ ଭାରତ ବିରୋଧୀ ଗତିବିଧିରେ ବ୍ୟବହାର କରାଯାଇଥିଲା। ବାହବଲପୁର ହେଉଛି ଜେଶ-ଏ ମହମ୍ମଦର ଗଡ଼। ଅପରେସନ ସିନ୍ଦୂରରେ ଭାରତ ଏହି ସ୍ଥାନରେ ଥିବା ଆତଙ୍କବାଦୀ ଠିକଣା ଉପରେ ମିସାଇଲ ଆକ୍ରମଣ କରିଥିଲା। ୨୦୨୪ରେ ପ୍ରଭାତ ଜଣେ ନେପାଳୀ ମଧ୍ୟସ୍ଥି ମାଧ୍ୟମରେ କାର୍ଡଗୁଡ଼ିକୁ ପାକିସ୍ତାନ ପଠାଇଥିଲା। ପ୍ରତିବଦଳରେ ଆଇଏସ୍ଆଇ ତାଙ୍କୁ ଆମେରିକା ଭିସା ଦେବାକୁ ପ୍ରତିଶ୍ରୁତି ଦେଇଥିଲା।

# ମନମୋହନ ସିଂହଙ୍କୁ 'ପିଭି ନରସିଂହ ରାଓ' ପୁରସ୍କାର

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜଣାଶୁଣା ଅର୍ଥନୀତିଜ୍ଞ ମନମୋହନ ସିଂହଙ୍କୁ ମରଣୋତ୍ତର ଭାବେ 'ପିଭି ନରସିଂହ ରାଓ' ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ଅର୍ଥନୀତିର ରୂପାନ୍ତରଣ ଓ ଦେଶ ନିର୍ମାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯାଇଛି। ଦିଲ୍ଲୀରେ ଗତ ସପ୍ତାହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପାଇଁ ପତ୍ନୀ ଗୁରଶରଣ କୌର ଏହି ପୁରସ୍କାର ଗ୍ରହଣ କରିଥିଲେ ବୋଲି ହାଇଦରାବାଦ ପର୍ଯ୍ୟବସିତ ପିଭି ନରସିହ୍ମା ରାଓ ସ୍ମାରକୀ ଫାଉଣ୍ଡେସନ (ପିଭିଏନ୍ଏମ୍ଏଫ୍) ତରଫରୁ କୁହାଯାଇଛି। ଯୋଜନା କମିଶନ ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆହ୍ଲୱାଲିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥନୀତିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଅବସରରେ ପିଭିଏନ୍ଏମ୍ଏଫ୍ ଅଧ୍ୟକ୍ଷ କେ ରାମଚନ୍ଦ୍ର ମୂର୍ତ୍ତୀ ଓ ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଉପସ୍ଥିତ ଥିଲେ।

# ଇସ୍ରାଏଲ ବିପକ୍ଷରେ ଯୁଦ୍ଧ କରିବେ ଆରବ ଦେଶ

ଦୋହା, ୧୦।୯(ଏଜେନ୍ସି): କତାର ରାଜଧାନୀ ଦୋହାରେ ଇସ୍ରାଏଲ ଆକ୍ରମଣ କରିବା ପରେ ଆରବର ସବୁ ଇସ୍ଲାମିକ ଦେଶ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ନିନ୍ଦା କରି ସାଉଦି ଆରବ, ୟୁଏଇ, କାତାର, ଜୋର୍ଡାନ ଓ ତୁର୍କୀ ଭଳି ଆରବ ଦେଶଗୁଡ଼ିକ ମିଳିତ ବିବୃତ୍ତି ଦେଇଛନ୍ତି। ଏହା ଆଞ୍ଚଳିକ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବା ସହ କାତାରର ସାର୍ବଭୌମତ୍ୱ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ନିୟମର ଘୋର ଉଲ୍ଲଂଘନ ବୋଲି କୁହାଯାଇଛି। ଇସ୍ରାଏଲର ଏଭଳି ଆକ୍ରମଣ ଆତଙ୍କବାଦର ଏକ ବୃହତ ରୂପ ବୋଲି କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ କହିଛନ୍ତି। କାତାରକୁ ସବୁ ଦେଶଗୁଡ଼ିକ ସମର୍ଥନ କରିଛନ୍ତି। ଏଭଳି ଆକ୍ରମଣ କଲେ ଇସ୍ରାଏଲ ବିରୋଧରେ ଯୁଦ୍ଧ ଘୋଷଣା କରାଯିବ ବୋଲି ଏହି ଦେଶଗୁଡ଼ିକ ମିଳିତ ବିବୃତ୍ତିରେ କହିଛନ୍ତି।

# ବର୍ତ୍ତିଲେ ହମାସ୍ ନେତା; ୬ ମୃତ

ଦୋହା, ୧୦।୯(ଏଜେନ୍ସି): କତାର ରାଜଧାନୀ ଦୋହାରେ ମଙ୍ଗଳବାର ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ଆକ୍ରମଣ ଇସ୍ରାଏଲ ସେନା କରିଛି। ଆତଙ୍କବାଦୀ ସଂଗଠନ ହମାସର କେତେଜଣ ବରିଷ୍ଠ ନେତାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା ତରଫରୁ କୁହାଯାଇଛି। ହମାସ ମୁଖ୍ୟ ଖଲିଲ ଅଲ-ହୟାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କିନ୍ତୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅନ୍ୟ ୬ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ କରିଛି କିଏ?

ନୂଆଦିଲ୍ଲୀ, ୧୦।୯: ଗତକାଲି ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସଭୋଟିଂ ହୋଇଛି। କ୍ଷମତାସୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ୨୪ଟି କମ୍ ଭୋଟ୍ ପାଇଛନ୍ତି। ୧୫ଟି ଭୋଟ୍ ନାକଚ ହୋଇଛି। କିଏ କ୍ରସଭୋଟିଂ କରିଛି ଏହାକୁ ନେଇ ବିରୋଧୀ ଶିବିରେ ଘଣ୍ଟାଚକଟା ଚାଲିଥିବା ବେଳେ ସେମାନଙ୍କ ଆଘାତରେ ଆଜି ଚୂନ ଲଗାଇଛନ୍ତି ବିଜେପି ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧୀ ମେଣ୍ଟର କିଛି ସାଂସଦ ନିଜ ବିବେକ ଅନୁଯାୟୀ ଭୋଟ୍ ଦେଇଛନ୍ତି। ସେମାନଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ'। ବିରୋଧୀ ମେଣ୍ଟର ଏହି ସାଂସଦଙ୍କୁ ସେ ଏନଡିଏର ମିତ୍ର ବୋଲି କହିଛନ୍ତି। ରିଜିଜୁଙ୍କ ଏହି ଟୁଇଟ୍ ଆଜି ବିରୋଧୀ ଶିବିରରେ ନିଆଁ ଲଗାଇଦେଇଛି। ଶାସକ ମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରିଥିବା ଏନଡିଏର ସେହି ମିତ୍ର ସାଂସଦ କିଏ? ସେମାନଙ୍କୁ ଖୋଜି ବାହାର କରାଯାଉ ଏବଂ ଏହା ଉପରେ

**ସନ୍ଦେହ ଘେରରେ ପାୱାର ଓ ଉଦ୍ଧବଙ୍କ ସାଂସଦ**

**ଇଣ୍ଡିଆ ମେଣ୍ଟର ମିତ୍ର ସାଂସଦଙ୍କୁ 'ସ୍ୱତନ୍ତ୍ର ଧନ୍ୟବାଦ': କେନ୍ଦ୍ର ମନ୍ତ୍ରୀ**

ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ମନିଶ ତିୱାରୀ। ସେ କହିଛନ୍ତି ଯେ ବିହାର ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏକଜୁଟ୍ ହେବା ଲାଗି ବିରୋଧୀ ଶିବିର ଅକ୍ଳାନ୍ତ ପରିଶ୍ରମ କରୁଥିବା ବେଳେ କ୍ରସଭୋଟିଂ କରି ସାଂସଦ ବିଶ୍ୱାସଘାତ କରିଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ।

ଦିଲ୍ଲୀ ରାଜନୈତିକ ମହଲରେ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଯଦି ବିଶ୍ୱାସ କରାଯାଏ, ତାହାହେଲେ ଶରଦ ପାୱାରଙ୍କ ଏନ୍‌ସିପି, ଉଦ୍ଧବ ଠାକରେଙ୍କ ଶିବ ସେନା, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌ର ସାଂସଦ ସନ୍ଦେହ ଘେରରେ ରହିଛି। କଂଗ୍ରେସ ସାଂସଦ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହନ୍ତି। କାରଣ ଗତବର୍ଷ ହିମାଚଳ ପ୍ରଦେଶରେ କଂଗ୍ରେସର ୬ ବିଧାୟକ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ କ୍ରସଭୋଟିଂ କରି ଜିତାଇଥିଲେ। ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଆଜି କହିଛନ୍ତି ଯେ ତାଙ୍କର ସମସ୍ତ ୯ ସାଂସଦ ସୁଦର୍ଶନଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଅଭିଶେକ ବାନାର୍ଜୀ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ୪୧ ଜଣ ସାଂସଦ ବିରୋଧୀ ମେଣ୍ଟ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦେଇଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ। ଏହାସହିତ ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ନିର୍ବାଚନରେ ଗୁପ୍ତ ଭୋଟ୍ ଦିଆଯାଉଥିବାରୁ କିଏ କ୍ରସଭୋଟିଂ କରିଛି, ତାହା ଜାଣିବା କଷ୍ଟକର।

ଅନ୍ୟପକ୍ଷରେ ଏନସିପି (ପାୱାର) ନେତ୍ରୀ ସୁପ୍ରିୟା ସୁଲେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ସନ୍ଦେହ ବଢ଼ାଇଛି। ସେ କହିଛନ୍ତି ଯେ ମତଦାନ ଯଦି ଗୁପ୍ତ, ତାହାହେଲେ କିଏ କ୍ରସଭୋଟିଂ କରିଛି, ଜାଣିବା କଷ୍ଟକର। ସାଂସଦମାନଙ୍କ ମଧ୍ୟରେ ଯଦି ମତଭେଦ ହେବ, ତାହାହେଲେ ଆମେ କଣ କରିପାରିବା। କିନ୍ତୁ ଏଥିପାଇଁ ମହାରାଷ୍ଟ୍ରକୁ ବଦନାମ କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସେହିଭଳି ଉଦ୍ଧବ ଶିବ ସେନାର ନେତା ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ଏହା ପଛରେ ବଡ଼ ଧରଣର ଷଡଯନ୍ତ୍ର ରହିଛି। ସେ ମଧ୍ୟ ଅସହାୟତା ପ୍ରକାଶ କରିଛନ୍ତି।

# ନେପାଳରୁ ଫ୍ରାନ୍ସ: ୧୧ ଦେଶରେ ସମାନ ସଙ୍କଟ



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ନେପାଳରେ ଲାଗିଥିବା ନିଆଁ ଲିଭିବାର ନା ଧରୁନି। ଆନ୍ଦୋଳନକାରୀଙ୍କ ସାମ୍ନାରେ ସରକାରେ ନଇଁ ଗଲେଣି। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ସାରିଲେଣି। ଉପ-ପ୍ରଧାନମନ୍ତ୍ରୀଙ୍କ ଅନେକ ମନ୍ତ୍ରୀ ପଦ ଛାଡ଼ି ସାରିଲେଣି। ସାମାଜିକ ଗଣମାଧ୍ୟମରୁ କଟକଣା ହଟିଲାଣି। ଏହା ସତ୍ତ୍ୱେ ଜେନ୍-ଜେଡ୍ ତଥା ଯୁବ ଗୋଷ୍ଠୀଙ୍କ କ୍ରୋଧ ଶାନ୍ତ ପଡୁନାହିଁ। ନେପାଳ ଭଳି ବିଶ୍ୱର କିଛି ଅନ୍ୟ ଦେଶରେ ମଧ୍ୟ ଏଭଳି ସ୍ଥିତି ଜାରି ରହିଛି। ଏହା ମଧ୍ୟରେ ଫ୍ରାନ୍ସ, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ସମେତ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ସାମିଲ ଅଛନ୍ତି। ପ୍ରମୁଖ ୧୧ଟି ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଛି। ତେବେ ଏହି ସବୁ ଦେଶର ସମସ୍ୟା ସମାନ ହୋଇଥିଲେ ମଧ୍ୟ କାରଣ ଭିନ୍ନ ଭିନ୍ନ ରହିଛି। ଦୁର୍ନୀତି ଏବଂ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲାଗି ନେପାଳ ଜଳୁଥିବାବେଳେ ନିର୍ବାଚନରେ ବହୁମତ ଲାଗି ରାଜନୈତିକ ଅସ୍ଥିରତା ସହିତ ବଜେଟ ହ୍ରାସକୁ ନେଇ ଫ୍ରାନ୍ସରେ ଆରମ୍ଭ ହୋଇଛି ବିକ୍ଷୋଭ୍ ପ୍ରଦର୍ଶନ। ଏଠାରେ ଗତ ତିନି ବର୍ଷରେ ୪ ଥର ପ୍ରଧାନମନ୍ତ୍ରୀ ବଦଳିଲେଣି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ମଧ୍ୟ ଲୋକପ୍ରିୟତା କମ୍ ହେବାରେ ଲାଗିଛି। ଜାପାନରେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି। କ୍ଷମତାସୀନ ଦଳ ବହୁତମ ସାବ୍ୟସ୍ତ ନ କରିପାରିବାରୁ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ପଦ ଛାଡିଛନ୍ତି। ସେହିପରି କୋର୍ଟଙ୍କ ନିଷ୍ପତ୍ତି ଯୋଗୁଁ ଥାଇଲାଣ୍ଡରେ ସିନାବାତ୍ରା ପରିବାରର ସମସ୍ୟା ବଢ଼ି ଚାଲିଛି। ଏହା ବ୍ୟତୀତ ଆର୍ଥିକ ସୁଧାର ପାଇଁ ସରକାର ବଢ଼ାଇଥିବା ଟିକସକୁ ଇଣ୍ଡୋନେସିଆର ସାଧାରଣ ନାଗରିକ ହଜମ କରିପାରୁନାହାନ୍ତି। ଏହାକୁ ନେଇ ଲୋକେ ବଡ଼ଧରଣର ବିକ୍ଷୋଭ କରୁଛନ୍ତି। ମାଲି, ମଙ୍ଗୋଲିଆ, ଆର୍ମେନିଆ, କଙ୍ଗୋରୁ ନେଇ ସୁଦାନ ଏବଂ ଲେବାନନ ପର୍ଯ୍ୟନ୍ତ ମଧ୍ୟ ସମାନ ସ୍ଥିତି ରହିଛି।

ଜାପାନରେ ଚଳିତ ଥର ନିର୍ବାଚନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି)ର ରାଜନୈତିକ ସ୍ଥିତି ଏଭଳି ଭୁଶୁଡ଼ି ଯାଇଛି ଯେ ଦଳ ସେଥିରୁ ବାହାରି ପାରୁନାହିଁ। କାରଣ ଜାପାନ ରାଜନୀତିରେ ୭୦ ବର୍ଷ ହେଲା ଏହି ଦଳର କର୍ତ୍ତୃତ୍ୱ ରହିଛି। ତେଣୁ ପରାଜୟକୁ ଜାପାନ ରାଜନୀତିରେ ଏକ ବଡ଼ ମୋଡ ଭାବେ ଦେଖାଯାଉଛି। ଆର୍ଥିକ ଆହ୍ୱାନ, ସରକାରଙ୍କ ବିଫଳତା, ମନ୍ଥର ବିକାଶ ହାର ଆଦି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇ ଦେଇଛି। ସେହିପରି ଥାଇଲାଣ୍ଡରେ ନ୍ୟାୟପାଳିକା ଏବଂ ରାଜନୈତିକ ବଂଶବାଦ ମଧ୍ୟରେ ମୁକାବିଲା ଯୋଗୁଁ ଅସ୍ଥିରତା ସୃଷ୍ଟି ହୋଇଛି। ଏଠାରେ ସୁପ୍ରିମକୋର୍ଟ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ତାଙ୍କ ଝିଅ ସିନାବାତ୍ରାଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହା ଦ୍ୱାରା ଲୋକେ ଉତକ୍ଷିପ୍ତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଦେଶର ରାଜନୀତିରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ସିନାବାତ୍ରାଙ୍କ ପରିବାରର କର୍ତ୍ତୃତ୍ୱ ରହିଥିଲା। ଚାର୍ଣ୍ଣବିରାକୁଲ କ୍ଷମତାସୀନ ହେବା ପରେ ବି ବିକ୍ଷୋଭ ଜାରି ରହିଛି। ସାଂସଦ ଭାଗ ଭାଗ ହୋଇ ଯାଇଛନ୍ତି। ବିରୋଧୀ ସୁଯୋଗର ଲାଭ ନେବା ପାଇଁ ଅପେକ୍ଷା କରି ରହିଛନ୍ତି।

ଦକ୍ଷିଣ ପୂର୍ବ ଏସିଆର ବୃହତ୍ତ ଅର୍ଥବ୍ୟବସ୍ଥା ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରବୋଭୋ କଡ଼ା ଆହ୍ୱାନ ଦେଇ ଗତି କରୁଛନ୍ତି। ସରକାର ଭ୍ୟାଟ ବଢ଼ାଇ ୧୧ରୁ ୧୨ ପ୍ରତିଶତ କରିବାରୁ ଦରଦାମ ବୃଦ୍ଧି ପାଇଲା। ଏଥିଯୋଗୁଁ ଲୋକେ କ୍ରୋଧିତ ହୋଇ ବିକ୍ଷୋଭ କରୁଛନ୍ତି। ରାଜନେତାଙ୍କ ଦରମା ବୃଦ୍ଧିଙ୍କୁ ବିରୋଧ କରୁଛନ୍ତି। ଗତ ସପ୍ତାହରେ ଲୋକେ ସଂସଦ ଘେରଉ କରିଥିଲେ। ଏହାକୁ କିଛି ମାତ୍ରାରେ ଦମନ କରିବାକୁ ସରକାର ସଫଳ ହୋଇଥିଲେ ବି ଅସନ୍ତୋଷ କୁହୁଳିବାରେ ଲାଗିଛି।

# ରୁଷ୍‌ର ୩ଟି ଡ୍ରୋନ୍ ମାରି ଖସାଇଲା ପୋଲାଣ୍ଡ

ୱାରସା, ୧୦।୯(ଏଜେନ୍ସି): ପୋଲାଣ୍ଡ ବୁଧବାର ରୁଷିଆର ୩ଟି ଡ୍ରୋନ୍‌କୁ ମାରି ଖସାଇଛି। ଏହି ଡ୍ରୋନ୍‌ଗୁଡ଼ିକ ପୋଲାଣ୍ଡ ବାୟୁ ସୀମା ଭିତରକୁ ପସି ଆସିଥିଲା। ରୁଷ୍- ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ନାଟୋର କୌଣସି ସଦସ୍ୟ ରାଷ୍ଟ୍ର ପ୍ରଥମଥର ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲାଣ୍ଡ ତରଫରୁ ସ୍ପଷ୍ଟିକରଣ ଦିଆଯାଇଛି। ପୋଲାଣ୍ଡ ରୁଷିଆର ପଡୋଶୀ ହୋଇ ନଥିଲେ ମଧ୍ୟ ରୁଷିଆର ଡ୍ରୋନ ତା'ର ବାୟୁସୀମାରେ ପ୍ରବେଶ କରିଥିଲା। ରାତିରେ ୧୯ଥର ବାୟୁସୀମାର ଉଲ୍ଲଂଘନ ହୋଇଥିଲା ବୋଲି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ଏହି କ୍ରମରେ ପୋଲାଣ୍ଡ ନାଟୋ ଚୁକ୍ତିର ନିୟମ ୪କୁ ଲାଗୁ କରିଥିଲା। ଏହି ନିୟମ ଅନୁସାରେ କୌଣସି ସହଯୋଗୀ ରାଷ୍ଟ୍ରଠାରୁ ମତାମତ ନେଇ ହେବ। ତେବେ ଆମେ ସମ୍ଭାବ୍ୟ ଯୁଦ୍ଧର ନିକଟତର ନୁହଁ ବୋଲି ସେ କହିଛନ୍ତି। କିନ୍ତୁ ଏବେ ସ୍ଥିତି ପୂର୍ବଠାରୁ ଆହୁରି ବିପଜ୍ଜନକ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏଭଳି ବିପଜ୍ଜନକସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ପୋଲାଣ୍ଡର ପ୍ରତିରକ୍ଷା ମନ୍ତ୍ରୀ ନେଦରଲାଣ୍ଡସକୁ ଏଫ୍-୩୫ ବିମାନ ସହାୟତା ପ୍ରଦାନ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି।

# ଫ୍ରାନ୍ସରେ ବି ତାତିଲେ ବିରୋଧୀ, ୨୦୦ ଗିରଫ




**ବଜେଟ ହ୍ରାସ, ସରକାରୀ ନୀତିକୁ ବିରୋଧ**

**ରାସ୍ତାକୁ ଓହ୍ଲାଇଲେ ଲକ୍ଷେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ**

ପ୍ୟାରିସ, ୧୦।୯ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଭାରତର ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କା, ପାକିସ୍ତାନ,ନେପାଳ ପରେ ଏବେ ଏହା ୟୁରୋପକୁ ବ୍ୟାପିଛି। ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତି ହେଉ ହେଉ ଏହି ଦେଶରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ନୀତି ଏବଂ ବଜେଟ ହ୍ରାସ୍‌କୁ ବିରୋଧ କରି ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ବୁଧବାର ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀ ରାଷ୍ଟ୍ରପତି ମାକ୍ରନଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଦର୍ଶନକାରୀ ଉଗ୍ର ହୋଇ ଉଠିଛନ୍ତି। ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭ ଚାଲିଛି। ରେନ ସହରରେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣ-ପଶ୍ଚିମ କ୍ଷେତ୍ରର ଏକ ବିଦ୍ୟୁତ ଲାଇନକୁ କାଟି ଦେଇଛନ୍ତି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ଏଥିରେ କିଛି ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ସହରରେ ନିଆଁ ଲଗାଇ ଦେଇଛନ୍ତି। ପ୍ୟାରିସର ବେଲ୍ଟୱେକୁ ବନ୍ଦ କରିଦେଇଛନ୍ତି। ଟ୍ରାଫିକ ଅଟକାଇ ଦେଇଛନ୍ତି।

ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଦର୍ଶନକାରୀ ବିଦ୍ରୋହର ପରିବେଶ ସୃଷ୍ଟି କରୁଛନ୍ତି। ବାମ ଦଳଗୁଡ଼ିକର ଆହ୍ୱାନରେ ଲକ୍ଷାଧିକ ଛାତ୍ରଛାତ୍ରୀ, ସାଧାରଣ ନାଗରିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାସ୍ତାଘାଟ କବ୍‌ଜା କରି ନିଆଁ ଲଗାଇ ଦେଇଛନ୍ତି। ଏହି ବିକ୍ଷୋଭର ନାମ 'ବ୍ଲକ ଏଭ୍ରିଥିଙ୍ଗ' ରଖାଯାଇଛି। ଦେଶରେ ସବୁ କିଛି ବନ୍ଦ କରି ସରକାରଙ୍କୁ ନୁଆଁଇବା ପାଇଁ ବିରୋଧୀ ଉଦ୍ୟମ କରୁଛନ୍ତି। ବିକ୍ଷୋଭ ଦମନ କରିବା ପାଇଁ ୮୦ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଗଲାଣି। ଏହି ବିକ୍ଷୋଭ ପଛରେ ପ୍ରମୁଖ ଚାରିଟୋ କାରଣ ରହିଛି। ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ବିରୋଧୀ ଏବଂ ସେ ଧନୀ ବର୍ଗଙ୍କୁ ଲାଭ ଦେଉଛନ୍ତି ବୋଲି ସିଂହଭାଗ ଲୋକ ଭାବୁଛନ୍ତି। ସେହିପରି ସରକାର ଖର୍ଚ୍ଚ କାଟ୍ କରି ଜନକଲ୍ୟାଣ ମୂଳକ ଯୋଜନାଗୁଡ଼ିକୁ ହ୍ରାସ କରୁଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

# ମଣିପୁରରେ ସଂଯୁକ୍ତ ନାଗା ପରିଷଦ ଦୁଇଟି ଜାତୀୟ ରାଜପଥ ଅବରୋଧ କଲା

ଇମ୍ଫାଲ, ୧୦।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ଆସନ୍ତା ୧୩ ତାରିଖରେ ଉତ୍ତରପୂର୍ବ ରାଜ୍ୟ ମଣିପୁର ଗସ୍ତ କରିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ସଂଯୁକ୍ତ ନାଗା ପରିଷଦ (ୟୁଏନ୍‌ସି) କେନ୍ଦ୍ର ସରକାରଙ୍କ ବିରୋଧରେ 'ବ୍ୟବସାୟ ପ୍ରତିବନ୍ଧ' କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ଫଳରେ ବୁଧବାର ଏହି ସଂଗଠନ ନାଗା ପ୍ରାଧାନ୍ୟ ଅଞ୍ଚଳରେ ରାଜ୍ୟରୁ ବାହାରିଥିବା ୨ ନଂ ଓ ୩୭ ନଂ ଜାତୀୟ ରାଜପଥ ଅବରୋଧ କରିଛି। ଫଳରେ ସେଠାରେ ଯାନବାହନର ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଏହି ଦୁଇଟି ରାଜପଥ ମଣିପୁର ସମେତ ସମ୍ପୂର୍ଣ୍ଣ ଉତ୍ତରପୂର୍ବ ଅଞ୍ଚଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ୨ ନଂ ଜାତୀୟ ରାତପଥ ନାଗାଲାଣ୍ଡର ଦିମାପୁର ସହ ଇମ୍ଫାଲକୁ ସଂଯୋଗ କରୁଛି। ୩୭ ନଂ ରାଜପଥ ଆସାମର ବଦରପୁରକୁ ଇମ୍ଫାଲକୁ ସଂଯୋଗ କରୁଛି। ଏହା ଆଞ୍ଚଳିକ ଗମନାଗମନ ଓ ବ୍ୟବସାୟକୁ ସହଜ କରିଥାଏ। ୟୁଏନ୍‌ସି କେନ୍ଦ୍ରର ୧୬୪୩ କିମି ଦୀର୍ଘ ଭାରତ- ମିଆଁମାର ସୀମାରେ ଫେନ୍ସ ଓ ଫ୍ରି ମୁମେଣ୍ଟ ରେଜିମ୍ (ଏଫ୍‌ଏମ୍‌ଆର) କୁ ସମାପ୍ତ କରିବାର ନିଷ୍ପତ୍ତି ବିରୋଧ କରିଛି। କେବଳ ସେତିକି ନୁହଁ ୟୁଏନ୍‌ସି ଅଗଷ୍ଟ ୨୬ରେ କେନ୍ଦ୍ର ସରକାରଙ୍କ ସହିତ ହୋଇଥିବା ବୈଠକର ବିଫଳତା ଓ ତା'ର ବିଭିନ୍ନ ସମସ୍ୟା ଓ ଚିନ୍ତା ନେଇ କୌଣସି ପ୍ରତିକ୍ରିୟା ନମିଳିବା ଫଳରେ ଅସନ୍ତୋଷ ଜାହିର କରିଛି।

# ପଞ୍ଜାବର ୨୦୦୦ ଗାଁ ଏବେ ବି ବନ୍ୟା ଘେରରେ

**୧୬ ଦିନ ପରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଖୋଲିଲା**

**ହରିୟାଣାରେ ଏଥର ୪୬ ପ୍ରତିଶତ ଅଧିକ ବର୍ଷା**

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଇତିହାସରେ ପଞ୍ଜାବରେ ଏଥର ମୌସୁମୀରେ ସବୁଠାରୁ ବଡ଼ ବନ୍ୟା ଆସିଛି। ପଞ୍ଜାବରେ ଏବେ ବି ୨୩ଟି ଜିଲ୍ଲା ବନ୍ୟା ଘେରରେ ରହିଛି। ୨୦୦୦ ଗାଁ ଏବେ ମଧ୍ୟ ଜଳମଗ୍ନ ରହିଛି। କେନ୍ଦ୍ର ସରକାର ବନ୍ୟା ପାଇଁ ପଞ୍ଜାବକୁ ୧୬୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ପଞ୍ଜାବର ଲୁଧିଆନାରେ ୩୫୦ ଏକରର ଅଧିକ ଚାଷଜମି ଜଳମଗ୍ନ ହୋଇଛି। ସେହିପରି ଜମ୍ମୁ- କଶ୍ମୀର ଜମ୍ମୁ ଘାଟିର ଜୀବନ ରେଖା ବିବେଚିତ ହେଉଥିବା ଜମ୍ମୁ- ଶ୍ରୀନଗର ଜାତୀୟ ରାଜପଥକୁ ବୁଧବାର ଦୀର୍ଘ ୧୬ ଦିନ ପରେ ଖୋଲାଯାଇଛି। ସଡ଼କ ଉପରେ କେତୋଟି ସ୍ଥାନରେ ଭୂସ୍ଖଳନ ହେବା କାରଣରୁ ବନ୍ଦ କରାଯାଇଥିଲା। ଉଦୟପୁର ଓ ରାମବନ ଜିଲ୍ଲାରେ ସବୁଠାରୁ ଅଧିକ କ୍ଷତି ହୋଇଛି। ରାଜପଥ ଖୋଲାଯିବା ପରେ କଶ୍ମୀର ଘାଟିରେ ଫଳ ସମେତ ଅତ୍ୟାବଶ୍ୟକୀୟ ଜିନଷପତ୍ରର ନେବା ଆଣିବା ହୋଇପାରିବ। ଲଦାଖର ସିଆଚିନ ବେସ୍ କ୍ୟାମ୍ପରେ ହିମସ୍ଖଳନ ହେବା କାରଣରୁ ୩ ଜଣ ଯବାନ ଶହୀଦ ହୋଇଛନ୍ତି।


ହରିୟାଣାରେ ଏଥର ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ସାମାନ୍ୟଠାରୁ ଅଧିକ ୪୬ ପ୍ରତିଶତ ବର୍ଷା ହୋଇଛି। ଏହି ରାଜ୍ୟରେ ହାରହାରି ୩୮୫.୧ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୫୬୩. ୮ମିମି ବର୍ଷା ହୋଇଛି। ଯମୁନା ନଗରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୦୮୦.୮ ମିମି ବର୍ଷା ହୋଇଛି। ସେହିପରି ଗୁଜରାଟର ବନାସକାଣ୍ଠା ସମେତ ୩ଟି ଜିଲ୍ଲାରେ ଗତ ୨ ଦିନରେ ୧୬ ଇଞ୍ଚଠାରୁ ଅଧିକ ବର୍ଷା ହୋଇଛି। ଫଳରେ ଭାଭ-ଥରାଦ ଓ ସୁଇଗାମ ତାଲୁକ୍‌ସରେ ବନ୍ୟା ଆସିଛି। ପାଖାପାଖି ୧୨ଟି ଗାଁରେ ୫ ଫୁଟ ପର୍ଯ୍ୟନ୍ତ ପାଣି ପସିଯାଇଛି।

# କୁମ୍ଭୀର ବଞ୍ଚାଇ ଦେଲା ମହିଳାଙ୍କ ଜୀବନ



କାନପୁର, ୧୦।୯ (ଏଜେନ୍ସି): ସ୍ୱାମୀ ସବୁବେଳେ ମଦ ପିଉଥିଲେ। ଆଉ ଏହି ମଦ ନିଶାରେ ଆସି ସେ ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ମାର୍‌ପିଟ କରୁଥିଲେ ଏବଂ ନିର୍ଯାତନା ଦେଉଥିଲା। ପ୍ରାୟ ସବୁ ଦିନ ଏପରି ଲାଗି ରହିଥିଲା। ଏଥିପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାକୁ ନେଇ ମହିଳା ଅତିଷ୍ଠ ହୋଇ ଯାଇଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ରାତିରେ ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଏକ ପୋଲ ଉପରୁ ଭରା ନଦୀକୁ ଡେଇଁ ପଡ଼ିଥିଲେ। ହେଲେ ଟିକେ ଟିକେ ପହଁରା ଶିଖିଥିବାରୁ ସଂଘର୍ଷ କରି ମହିଳା କିଛି ବାଟ ପଳାଇ ଥିଲେ। ମାତ୍ର ଅଣନିଃଶ୍ୱାସୀ ଲାଗିବାରୁ ମହିଳା କିଛି ସମୟ ଅଟକିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିକଟ ଦେଇ ଭାସି ଯାଉଥିବା ଏକ କାଠକୁ ଆଶ୍ରା କରି ନଦୀ କୂଳ ଆଡକୁ ଚାଲି ଆସିଥିଲେ। ଟିକେ ଅପେକ୍ଷା କରି ଦୀର୍ଘ ଶ୍ୱାସ ନେଉଥିବା ସମୟରେ ସେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ଆଉ ଏହି କୁମ୍ଭୀର ହିଁ ମହିଳାଙ୍କ ମନ ବଦଳାଇ ଦେଇଥିଲା। ଆତ୍ମହତ୍ୟା କରିବାକୁ ଗଙ୍ଗା ନଦୀକୁ ଡେଇଁଥିବା ଏହି ମହିଳା ଜୀବନ ବଞ୍ଚାଇବା ପାଇଁ ଦୌଡି ଥିଲେ। ନଦୀ କୂଳରେ ଥିବା ଏକ ପିଜୁଳି ଗଛ ଦେଖି ଜୀବନ ବିକଳରେ ତା ଉପରେ ଚଢ଼ି ଯାଇଥିଲେ। ସାରା ରାତି ସେହି ଗଛ ଉପରେ ମହିଳା ଅପେକ୍ଷା କରିଥିଲେ। ଆଉ ରାତି ପାହିବା ପରେ ମହିଳାଙ୍କ କାନ୍ଦ ଶୁଣି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ପୁଲିସ ତାଙ୍କ ଘରେ ପହଞ୍ଚାଇ ଥିଲା। ଆଉ ଝଗଡ଼ା ନ କରିବାକୁ ସ୍ୱାମୀଙ୍କୁ ପରାମର୍ଶ ଦେଇଥିଲା। ଉତ୍ତର ପ୍ରଦେଶ କାନପୁର ଅନ୍ତର୍ଗତ ଅହିରୱାନ ବାସିନ୍ଦା ମାଳତୀ ଦେବୀ (୩୨)ଙ୍କ କ୍ଷେତ୍ରରେ ଏଭଳି ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ହେବା ଯୋଗୁଁ ସେ ଗତ ଶୁକ୍ରବାର ରାତିରେ ଜଜମଉ ପୋଲରୁ ଗଙ୍ଗାକୁ ଡେଇଁଥିଲେ। ଏହି ଖବର ଖୁବ ଚର୍ଚ୍ଚାରେ ରହିଛି।

# ସହାୟତା ମାଗିଲେ ନେପାଳରେ ଫସିଥିବା ଭାରତୀୟ ଯୁବତୀ



ପଞ୍ଚକୁଲା, ୧୦।୯(ଏଜେନ୍ସି): ନେପାଳରେ ଚାଲିଥିବା ଉଗ୍ର ତଥା ହିଂସକ ଆନ୍ଦୋଳନ କାରଣରୁ ଦିଲ୍ଲୀର ଉପାସନା ଗିଲ୍ ନାମ୍ନୀ ଜଣେ ଭାରତୀୟ ଯୁବତୀ ସେଠାରେ ଫସି ରହିଛନ୍ତି ଓ ସାହାଯ୍ୟ ପାଇଁ ସାମାଜିକ ଗଣମାଧ୍ୟମ ଦ୍ୱାରା କାନ୍ଦି କାନ୍ଦି ନିବେଦନ କରିଛନ୍ତି। ଉପାସନା ଏକ ଭଲିବଲ୍ ଇଭେଣ୍ଟ ଉପସ୍ଥାପନ କରିବାକୁ ନେପାଳର ପୋଖରା ଯାଇଥିଲେ। ତାଙ୍କ ଟିମ୍‌ରେ ହରିୟାଣା ଓ ଫରିଦାବାଦ୍‌ର ଅନ୍ୟ ଝିଅମାନେ ମଧ୍ୟ ଥିଲେ। ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେ ତୁରନ୍ତ ସାହାଯ୍ୟ ପାଇଁ ଅପିଲ କରିଛନ୍ତି। ହରିୟାଣା ରାଜ୍ୟ ମହିଳା କମିଶନ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସଇନିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେ ରହୁଥିବା ହୋଟେଲକୁ ଆନ୍ଦୋଳନକାରୀମାନେ ସମ୍ପୂର୍ଣ୍ଣ ରୂପେ ଜାଳି ଦେଇଛନ୍ତି। ହିଂସା ବେଳେ ସେ ଏକ ସ୍ପାରେ ଥିଲେ। ଉତ୍ୟକ୍ତ ଭିଡ ବାଡି ଧରି ତାଙ୍କୁ ପଛରୁ ଗୋଡାଇଥିଲେ। କୌଶଳ କ୍ରମେ ଅଳ୍ପକେ ବର୍ତ୍ତିଯାଇ ଖସି ପଳିଆସିଛନ୍ତି ବୋଲି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି। ପୋଖରାରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ସବୁଆଡେ ଖାଲି ନିଆଁ ଓ ପୋଡାଜଳା ଦେଖିବାକୁ ମିଳିଛି। ଏପରି ଉତ୍ୟକ୍ତ ଭିଡ଼ ପର୍ଯ୍ୟଟକଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଓ ବାହାରୁ ଆସିଥିବା ଲୋକ ଯାହାକୁ ଦେଖୁଛନ୍ତି ସେମାନେ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ସେ ଓ ତାଙ୍କ ଟିମ୍ ଅନ୍ୟ ହୋଟେଲରେ ରହୁଛନ୍ତି ଓ ସେମାନେ ସେଠାରେ କେତେଦିନ ରହିପାରିବେ ତାହା କହିବା କଷ୍ଟକର। ତେଣୁ ତାଙ୍କ ବାର୍ତ୍ତାକୁ ଭାରତୀୟ ଦୂତାବାସକୁ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

# ଆଉଟ୍‌ଫିଟ୍‌ରେ ଆତ୍ମବିଶ୍ୱାସ



**ପୋଷାକ ଶରୀରକୁ ସୁନ୍ଦର ଆକାର ଦେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଭଲ ପୋଷାକ ପିନ୍ଧିଲେ, ମନ ଭିତରୁ ଭଲ ଅନୁଭବ ହୋଇଥାଏ। ବିଶେଷ କରି ଏହା ମହିଳାଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ଏପରି କିଛି ଟିପ୍ସ ରହିଛି ଯାହାକୁ ଆପଣାଇ ସିମ୍ପଲ ଆଉଟ୍‌ଫିଟ୍‌ରେ ମଧ୍ୟ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ।**

### ଫିଟିଂ ଡ୍ରେସ୍

ଏବର ଫେଶନ ଅନୁଯାୟୀ କିଛି ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଆବଶ୍ୟକତାଠୁ ଅଧିକ ଢିଲା ପୋଷାକ ପିନ୍ଧିଲେ ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ି ଦେଇଥାଏ। ତେଣୁ ନିଜ ଫିଟିଙ୍ଗ୍ ଅନୁସାରେ ପୋଷାକ ପିନ୍ଧିଲେ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ଏଥିପାଇଁ ସର୍ବଦା ନିଜ ଶରୀର ଆକାର ଅନୁସାରେ ପୋଷାକ ପିନ୍ଧିବା ଜରୁରୀ।

### ରଙ୍ଗ ଚୟନ

ତ୍ୱଚାର ରଙ୍ଗ ଅନୁଯାୟୀ, କେଉଁ ରଙ୍ଗର ପୋଷାକ ଭଲ ମାନିବ ସେହି ଅନୁସାରେ ପୋଷାକ କିଣିବା ଆବଶ୍ୟକ। ଗାଢ଼ ରଙ୍ଗ ବଦଳରେ ସର୍ବଦା ହାଲୁକା ରଙ୍ଗର କପଡ଼ା ପିନ୍ଧନ୍ତୁ। ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ତ୍ୱଚାରେ ଏକ ଚମକ ଆସିଥାଏ।

### ଆସେସରିଜ୍‌ରେ ରଖନ୍ତୁ ସନ୍ତୁଳନ

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଏକା ସହିତ ଭାରି କାନଫୁଲ ଓ ଅଳଙ୍କାର ପିନ୍ଧନ୍ତୁ ନାହିଁ। ଏହା ଆତ୍ମବିଶ୍ୱାସକୁ କମ୍ କରିଥାଏ। ଆଖିକୁ ଅସୁନ୍ଦର ଦିଶିଥାଏ। ତେଣୁ ଆସେସରିଜ୍‌ରେ ସନ୍ତୁଳନ ରଖନ୍ତୁ।

# ଗୋବରରୁ ସ୍ୱାବଲମ୍ବୀ ସାରିକା





**ହିନ୍ଦୁଧର୍ମରେ ଗୋବର ବିଭିନ୍ନ ଦେବକାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଗାଁ, ଗହଳିରେ ମହିଳାମାନେ ମାଟିଘରକୁ ଚିକ୍କଣ କରିବା ପାଇଁ ଗୋବରରେ ବାରି, ଦୁଆର, ଘର, ଅଗଣା ଆଦି ଲିପିଥାନ୍ତି। ସେହିପରି ମାଣବସା ଗୁରୁବାରରେ ମଧ୍ୟ ଏକବର୍ଣ୍ଣ ଗାଈ ଗୋବରର ସ୍ୱତନ୍ତ୍ର ବିଶେଷତା ରହିଛି। କେବଳ ସେତିକି ନୁହେଁ, ଏଥିରୁ ଘଷି ପ୍ରସ୍ତୁତ କରି ଜାଳେଣି ଭାବେ ବ୍ୟବହାର କରାଯାଇଥାଏ। ଏହି କ୍ରମରେ ଏବେ ଗୋବରରୁ ଭଳିକି ଭଳି ମୂର୍ତ୍ତି, ଧୂପଦାନୀ, ପେନ୍‌ଷ୍ଟାଣ୍ଡ, ଫୁଲକୁଣ୍ଡ ଆଦି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ସ୍ୱାବଲମ୍ବୀ ହୋଇଛନ୍ତି, ଭୁବନେଶ୍ୱର ଲକ୍ଷ୍ମୀସାଗରର ସାରିକା ଜୈନ୍।**

ସାଧାରଣତଃ ଲୋକେ ଦୁଗ୍ଧ ଦେଉଥିବା ଗାଈକୁ ଘାସ, କୁଣ୍ଡା, ଭାତ ଆଦି ଖାଦ୍ୟ ଦେଇ ପାଳନ କରନ୍ତି। କିନ୍ତୁ ଦୁଗ୍ଧ ଦେଉ ନ ଥିବା ଗାଈ ତଥା ଷଣ୍ଢକୁ ବାହାରେ ଛାଡ଼ି ଦିଅନ୍ତି। ତେଣୁ ସାରିକା ଅବହେଳିତ ଗାଈଙ୍କୁ ନେଇ କିଛି ନୂଆ କରିବାକୁ ଭାବିଥିଲେ। ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ସେ ଦେଶୀ ଗାଈ ଗୋବରରୁ ଭଳିକି ଭଳି ସାଜସଜ୍ଜା ଉପକରଣ ପ୍ରସ୍ତୁତ କରିଥିଲେ। ସାରିକା ଛତିଶଗଡ଼ ରାୟପୁର ହୋଇଥିବାବେଳେ ସେ ଏବେ, ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି। ଗତ ୩ ବର୍ଷ ଧରି ସେ ଦେଶୀ ଗାଈ ଗୋବରରୁ ଏହି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି। ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଗୋବର ଏକତ୍ର କରିଥାନ୍ତି। ଏହାକୁ ପ୍ରକ୍ରିୟାକରଣ କରି ତାହାକୁ ବିଭିନ୍ନ ରୂପ ଦେଇଥାନ୍ତି। ଗାଈ ଗୋବରରୁ ପ୍ରସ୍ତୁତ କରୁଥିବା ସାମଗ୍ରୀଗୁଡ଼ିକର ନାମ ସେ ଗୋ ଧାମ ରଖିଛନ୍ତି। ଏହା ପରିବେଶ ଅନୁକୂଳ ହେବା ସହ ହାଲୁକା ଓ ସୁନ୍ଦର ହୋଇଥାଏ। ଏଥିପାଇଁ ସେ ବିଭିନ୍ନ ରାଜ୍ୟର ଗୋଶାଳାରୁ ଶୁଖିଲା ଗୋବର ସଂଗ୍ରହ କରିଥାନ୍ତି। ସନାତନ ଧର୍ମରେ ଗୋବରର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ପବିତ୍ର କୁହାଯାଏ। ସେହିପରି ପ୍ଲାଷ୍ଟିକ୍ ଜିନିଷ ବଦଳରେ ଲୋକେ ପ୍ରାକୃତିକ ଓ ପାରମ୍ପରିକ ଜିନିଷ କିଣିବାକୁ ଅଧିକ ପସନ୍ଦ କରନ୍ତି। ଏହି ଜିନିଷଗୁଡ଼ିକ ଆକାରରେ ବଡ଼ ଦେଖାଯାଉଥିଲେ ଏହାର ଓଜନ କମ୍ ଥାଏ। ସାରିକା ଛୋଟରୁ ନେଇ ବଡ଼ ବିଭିନ୍ନ ଆକୃତିର ଜିନିଷ ବିକିଥାନ୍ତି। ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ସେ ଷ୍ଟଲ୍ ପକାଇ ଏହି ବ୍ୟବସାୟ କରିଥାନ୍ତି। ଏଥିସହ ଘରେ ମଧ୍ୟ ବିକ୍ରି କରିଥାନ୍ତି। ସାରିକାଙ୍କ କହିବାନୁଯାୟୀ, ଲୋକେ ଏହାକୁ ବେଶ ଆଗ୍ରହରେ ସହ କିଣୁଛନ୍ତି। ଅନ୍‌ଲାଇନରେ ଲୋକଙ୍କ ବରାଦ ମୁତାବକ ସେମାନଙ୍କ ଠିକଣାରେ ମଧ୍ୟ ଏସବୁ ସାମଗ୍ରୀ ପାର୍ସଲ କରିଥାନ୍ତି। ସାରିକା କହନ୍ତି, ସନାତନ ଧର୍ମରେ ଗୋମାତା ପୂଜନୀୟ। ଅଧିକାଂଶ କ୍ଷେତ୍ରରେ ଲୋକମାନେ ଭାବନ୍ତି, ଗାଈ ଯେତେବେଳେ କ୍ଷୀର ଦେବା ବନ୍ଦ କରିଦିଏ ତାହା ପାଖରୁ ଆମେ ଆଉ କିଛି ଉପକାରୀ ସାମଗ୍ରୀ ପାଉନା। ହେଲେ ଗୋମାତା ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଦେଇଥାଏ ଯାହାର ଉପକାରିତା ଅତୁଳନୀୟ। ସେହିପରି ସେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସେହି ଅନୁସାରେ ମଧ୍ୟ ବିଭିନ୍ନ କଳାକୃତି କରିଥାନ୍ତି। ଯାହାକୁ ଲୋକମାନେ ଖୁବ୍ ଆଦରର ସହ କିଣିଥାନ୍ତି।

# ମସଲାରେ ତ୍ୱଚାର ଯତ୍ନ

**ସୁନ୍ଦର, ଚିକ୍କଣ ଓ ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାଁନ୍ତି। ଏଥିପାଇଁ ମହିଳାମାନେ ବିଭିନ୍ନ ପ୍ରସାଧନରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି। ଅବଶ୍ୟ ଏଥିରୁ ତ୍ୱଚାକୁ ସ୍ୱଳ୍ପ ସମୟ ପାଇଁ ଅନେକ ଫାଇଦା ମିଳିଥାଏ; କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ନଥାଏ। ତେଣୁ ଚାହିଁଲେ ରୋଷେଇ ଘରେ ଥିବା ମସଲାକୁ ଉପଯୋଗ କରି ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେଇପାରିବେ।**



### ମେଥି

ଏହା ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ। ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିବା ସହ ଚର୍ମକୁ ଟାଇଟ୍ ରଖିଥାଏ। ଏହାଦ୍ୱାରା ଦାଗ, କୁଞ୍ଚନ ସମସ୍ୟା କମ୍ ହୋଇଥାଏ। ତେଣୁ ମେଥିଦାନାକୁ ଟୋନର୍ ଭାବେ ବ୍ୟବହାର କରିବାକୁ ଚାହଁଥିଲେ, ଗୋଟିଏ କପ୍‌ରେ ଅଳ୍ପ ପାଣି ନେଇ ସେଥିରେ ଏକ ଚାମଚ ମେଥିଦାନା ପକାଇ ଭିଜାଇ ରଖନ୍ତୁ। ସକାଳେ ଏହି ପାଣିକୁ ଛାଣି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିପାରିବେ। ଚାହିଁଲେ ଏଥିରୁ ଫେସ୍‌ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ।

### ଅଳେଇଚ

ତ୍ୱଚାକୁ ପ୍ରାକୃତିକ ଉପାୟରେ ସଫା ତଥା ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ, ଅଳେଇଚ ବ୍ୟବହାର କରିପାରିବେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସତେଜ ରଖିଥାଏ। ଏହାକୁ ବ୍ୟବହାର କଲେ ତ୍ୱଚା ସଫା ଓ ଉଜ୍ଜ୍ୱଳ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ଏକ ଚାମଚ ଗୁଜୁରାତି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଏହା ଦୁଇଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ।

### ଜୁଆଣୀ

ଏହା ତ୍ୱଚାରେ ଥିବା ବ୍ଲାକ୍‌ହେଡ୍‌ସ ଦୂର କରି ତ୍ୱଚାକୁ ଡିଟକ୍ସ କରିଥାଏ। ଏଥିପାଇଁ ଜୁଆଣୀ ଷ୍ଟିମ୍ ନେଇପାରିବେ। ଏହାଦ୍ୱାରା ପୋର୍ସଗୁଡ଼ିକ ଖୋଲିଯାଏ, ଓ ବ୍ଲାକ୍‌ହେଡ୍‌ସ ସହଜରେ ଦୂର ହୋଇଥାଏ। ଏଥିସହ ଏହି ଷ୍ଟିମ୍ ନେବା ଦ୍ୱାରା ତ୍ୱଚା ଭିତରୁ ସଫା ହୋଇଥାଏ। ଏଥିପାଇଁ ଏକ ଚାମଚ ଜୁଆଣୀକୁ ପାଣିରେ ପକାଇ ଫୁଟାନ୍ତୁ। ଏହାକୁ ମୁହଁରେ ଷ୍ଟିମ୍ ଦେଇ ୫ ମିନିଟ୍ ରଖି ଦିଅନ୍ତୁ।





# ମୁଗଡାଲି ଢୋକ୍‌ଲା



### ଆବଶ୍ୟକ ସାମଗ୍ରୀ

ମୁଗ ଡାଲି - ୨୦୦ ଗ୍ରାମ୍, ସୁଜି - ଏକ କପ୍, ଦହି - ଏକ କପ୍, ଅଦା - ଏକ ଇଞ୍ଚ, କଞ୍ଚାଲଙ୍କା - ଦୁଇଟି, ହଳଦିଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲେମ୍ବୁ - ଛୋଟ ଖଣ୍ଡେ, ଇନୋ - ଏକ ପ୍ୟାକେଟ୍, ଭୃସଙ୍ଗପତ୍ର - ଅଳ୍ପ, ହେଙ୍ଗୁ - ଅଧା ଚାମଚ, ରାଶି- ଏକ ଚାମଚ, ସୋରିଶ- ଏକ ଚାମଚ, ଚିନି- ଅଧା ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ସେଥିରେ ମୁଗଡାଲି ପକାଇ ୩-୪ ଘଣ୍ଟା ବତୁରାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ଏକ କପ୍ ସୁଜି ଓ ଅଧା କପ୍ ଦହି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ବତୁରା ମୁଗ ଡାଲି, କଞ୍ଚାଲଙ୍କା, ଅଦା, ହଳଦୀ, ଲୁଣ, ଗୋଳେଇ ରଖିଥିବା ସୁଜି ସହ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି ଇନୋ ପକାଇ ଗୋଳାନ୍ତୁ। ପରେ ଏହାକୁ ଏକ ଥାଳିରେ ଭଲ ଭାବେ ଖେଳାଇ ଦିଅନ୍ତୁ। ଏକ ହାଣ୍ଡିରେ ଅଳ୍ପ ପାଣିଦେଇ ଗୋଟିଏ ପାତ୍ରରେ ଏହି ଗୋଳାକୁ ରଖି ବାମ୍ଫ ଦିଅନ୍ତୁ। ୩୦ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଗୋଟିଏ ଡଙ୍କିରେ ତେଲ ନେଇ ସେଥିରେ ସୋରିଷ, ରାଶି, ହେଙ୍ଗୁ, ଭୃସଙ୍ଗପତ୍ର, ଲେମ୍ବୁ, ଚିନି ଦେଇ ଛୁଙ୍କ ଦିଅନ୍ତୁ। ଏହି ଛୁଙ୍କକୁ ପ୍ରସ୍ତୁତ କରି ରଖିଥିବା ଢୋକ୍‌ଲା ଉପରେ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ମୁଗଡାଲି ଢୋକ୍‌ଲା'।



# ମଇଳା ପାନିଆ ବ୍ୟବହାର କରନ୍ତୁନି

**ସାଧାରଣତଃ ମହିଳାମାନେ ଦୀର୍ଘ ସମୟ ଧରି ଗୋଟିଏ ପାନିଆରେ କେଶ କୁଣ୍ଡାଇଥାନ୍ତି। ହେଲେ ଏହା ସଫା ପ୍ରତି ଧ୍ୟାନ ବିଶେଷ ଧ୍ୟାନ ଦିଅନ୍ତିନି। ମଇଳା ପାନିଆ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏହା ଅନେକ କେଶଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହାକୁ ଦୁଇ, ତିନି ସପ୍ତାହରେ ସଫା କରିବା ଆବଶ୍ୟକ।**



- ଅପରିଷ୍କାର ପାନିଆ ବ୍ୟବହାର କଲେ ଏହାଦ୍ୱାରା କେଶମୂଳ ସଂକ୍ରମଣ ସମସ୍ୟା ହୋଇଥାଏ। ଏଥିସହ କେଶଝଡ଼ା, ଦୋମୁହାଁ ଓ ରୂପି ଭଳି ଅନେକ ସମସ୍ୟା ହୋଇଥାଏ।
- ଏହା କେଶକୁ ଖୁବ୍ ଜଲ୍‌ଦି ଚିପ୍‌ଚିପା କରିଥାଏ। ଏଥିପାଇଁ ବାରମ୍ବାର କେଶ ସାମ୍ପୁ କରିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ଏହା କେଶର ଉଜ୍ଜ୍ୱଳତାକୁ ହ୍ରାସ କରିଥାଏ। କେଶର ପ୍ରାକୃତିକ ଚମକ ହଜିଯାଏ।
- ଅପରିଷ୍କାର ପାନିଆରେ ବ୍ୟାକ୍ଟେରିଆ ଜମି ରହିଥାନ୍ତି। ଏହାଦ୍ୱାରା କେଶ ଦୁର୍ଗନ୍ଧ ହୋଇଥାଏ। କେଶଝଡ଼ା ସମସ୍ୟା ମଧ୍ୟ ଦେଖାଯାଏ।

# ହେୟାର୍ ଏକ୍ସଟେନ୍‌ସନ୍

**ଅଧିକାଂଶ ମହିଳା ଲମ୍ବା, ଘନ କେଶ ଚାହାଁନ୍ତି। ଏହା ଆକର୍ଷଣୀୟ ଦିଶିବା ସହ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ହେଲେ ଧୂଳି, ପ୍ରଦୂଷଣ, ବ୍ୟସ୍ତଜୀବନଶୈଳୀ ଯୋଗୁଁ ଏବେ କେଶଝଡ଼ା ମୁଖ୍ୟ ସମସ୍ୟା ପାଲଟିଛି। ଏହାଦ୍ୱାରା କେଶ ପତଳା ହୋଇଯାଏ। ଏପରି ସ୍ଥଳେ ହେୟାର୍ ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ, ଲମ୍ବା କରିପାରିବେ।**

### ହେୟାର ଏକ୍ସଟେନସନ କ'ଣ

ଏହା ଉଭୟ ଅସଲି ଓ କୃତ୍ରିମ କେଶକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ। କେଶ ପତଳା ଓ ଛୋଟ ଥିଲେ, ଏହି ହେୟାର ଏକ୍ସଟେନ୍‌ସନ୍ ଲଗାଇ କେଶକୁ ଘନ ଓ ଲମ୍ବା କରିପାରିବେ। ଏହାକୁ ମଡେଲ, ସିନେତାରକାଠୁ ନେଇ ସାଧାରଣ ଯୁବତୀ ବ୍ୟବହାର କରୁଛନ୍ତି।

### ହେୟାର ଟୋପର୍ସ

ଏହା ହେୟାର ୱିଗ୍‌ର ଏକ ଛୋଟ ଅଂଶ ଭାବେ ଜଣାଯାଏ। କେଶର ମଝି ଅଂଶ ଝଡ଼ି ପତଳା ହୋଇଯାଇଥିଲେ, ଏହାକୁ ଲଗାଇ କେଶକୁ ଘନ ଆକାର ଦେଇପାରିବେ। ଏହା କେଶର ମଝିଅଂଶକୁ କଭର କରିଥାଏ। ଏଥିରେ କ୍ଲିପ୍ ଲାଗିଥାଏ। ଏହାକୁ କେଶରେ ଲଗାଇ ଫିକ୍ସ କରିପାରିବେ। ଏହା ଉଭୟ ସିଧା ଓ କୁଞ୍ଚ କେଶରେ ଲଗାଇପାରିବେ।

### ହେଲୋ ହେୟାର


ଏହା ଏକ ପ୍ରକାର ହେୟାର୍ ଏକ୍ସଟେନ୍‌ସନ୍। ଏହାକୁ ବିନା କ୍ଲିପ୍, ଅଠାରେ ସହଜରେ ଲଗାଯାଇପାରିବେ। ଏହାର ଉପରଭାଗରେ ପତଳା ରବର ଥାଏ। ଏହା ଦେଖିବାକୁ ଲମ୍ବା ରହିଥାଏ। ଏହାକୁ ଲଗାଇବାକୁ ମାତ୍ର ଏକ ମିନିଟ୍ ସମୟ ଲାଗିଥାଏ। ଏଥିରେ କ୍ଲିପ୍, ଅଠା ଆଦି ବ୍ୟବହୃତ ନ ହେବାରୁ ଏହା କେଶକୁ କୌଣସି କ୍ଷତି ପହଞ୍ଚାଏନି। କେଶର ଆବଶ୍ୟକତା ଅନୁଯାୟୀ ଏପରି ଅନେକ ଏକ୍ସଟେନ୍‌ସନ୍ ରହିଛି।



ସକାଳ
THE SAKALA
www.sakalaepaper.com


## ମହିଳା ଦିନିକିଆ ବିଶ୍ୱକପ୍

# ଚାମାରିଙ୍କ ନେତୃତ୍ୱରେ ଖେଳିବ ଶ୍ରୀଲଙ୍କା



କଲମ୍ବୋ, ୧୦।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏଥିଲାଗି ବୁଧବାର ସହ-ଆୟୋଜକ ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଭେଟେରାନ ଅଲ୍‌ରାଉଣ୍ଡର ଚାମାରି ଆଟ୍ଟାପାଟ୍ଟୁଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱରେ ଭାର ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଆୟୋଜକ ଭାରତ ସହ ଖେଳି ଶ୍ରୀଲଙ୍କା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଗୌହାଟୀରେ ଖେଳାଯିବ।

ଘୋଷିତ ଶ୍ରୀଲଙ୍କା ଦଳ: ଚାମାରି ଆଟ୍ଟାପାଟ୍ଟୁ (ଅଧିନାୟିକା), ହାସିନି ପେରେରା, ଭିସ୍ମି ଗୁଣରତ୍ନେ, ହର୍ଷିତା ସମରବିକ୍ରମା, କାଭିଶା ଦିଲହାରି, ନୀଲକ୍ଷୀ ଡି ସିଲ୍‌ଭା, ଅନୁଷ୍କା ସଞ୍ଜୀବନୀ, ଇମେଶା ଦୁଲାନି, ଦେୱାମି ବିହଙ୍ଗା, ପିଉମି ୱାଥସାଲ୍, ଇନୋକା ରଣୱିରା, ସୁଗନ୍ଧିକା କୁମାରୀ, ଉଦେଶିକା ପ୍ରବୋଧିନୀ, ମାଲକି ମାଦରା ଓ ଅଚିନି କୁଲସୋରିୟା।

# ପ୍ରଥମଥର ବିଶ୍ୱକପ୍ ଖେଳିବେ ୪ ନ୍ୟୁଜିଲାଣ୍ଡ କ୍ରିକେଟର୍

ଅକ୍‌ଲାଣ୍ଡ, ୧୦।୯ (ଏଜେନ୍ସି): ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍ ଲାଗି ବୁଧବାର ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ସୋଫି ଡିଭାଇନଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ୩୬ ବର୍ଷୀୟ ଡିଭାଇନଙ୍କ ଏହା ଶେଷ ଦିନିକିଆ ଟୁର୍ଣ୍ଣାମେଣ୍ଟ। ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌ରୁ ଅବସର ନେବେ ବୋଲି ପୂର୍ବରୁ ଘୋଷଣା କରିଥିଲେ। ସେହିଭଳି ୪ଜଣ ଖେଳାଳି ଫ୍ଲୋରା ଡେଭୋନଶିରେ, ପୋଲି ଇଂଲିଶ, ବେଲା ଜେମ୍ସ ଓ ବ୍ରେ ଇଲିଂଗଙ୍କ ପାଇଁ ଏହା ପ୍ରଥମ ବିଶ୍ୱକପ୍ ହେବ। ଅକ୍ଟୋବର ୧ରେ ଇନ୍ଦୋରରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳ: ସୋଫି ଡିଭାଇନ (ଅଧିନାୟିକା), ସୁଜି ବେଟ୍ସ, ଇଡେନ କାରାସନ, ଫ୍ଲୋରା ଫେଭୋନଶିରେ, ଇଜି ଗାଜେ, ମାଡି ଗ୍ରୀନ, ବ୍ରୁକ୍ ହାଲିଡେ, ବ୍ରେ ଇଲିଙ୍ଗ, ପୋଲି ଇଂଲିଶ, ବେଲା ଜେମ, ଜେସ କେର୍, ରୋସମାରୀ ମାଇର୍, ଜର୍ଜିଆ ପ୍ଲିମର ଓ ଲି ତହୁହୁ।

## ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

# ଭାରତର ପ୍ରଥମ ପଦକ ନିଶ୍ଚିତ କଲେ ନୂପୁର



ଲଣ୍ଡନ, ୧୦।୯ (ଏଜେନ୍ସି): ଲିଭରପୁଲରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ପଦକ ନିଶ୍ଚିତ କରିଛି। ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗରେ ନୂପୁର ଶିଓରାନ ୪-୧ରେ ଉଜବେକିସ୍ତାନର ଓଲଟିନୀ ସୋତିମବୋଏଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପହଞ୍ଚି ନୂପୁର କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ନୂପୁର ବିଶ୍ୱ ବକ୍ସିଂ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବୁଧବାର ରାତିରେ ଦୁଇଥରର ବିଶ୍ୱ ଚାମ୍ପିଅନ ଭାରତର ନିଖିତ ଜରିନ ତୁର୍କିର କାକିରୋଗଲୁଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ।

## ଏସିଆ କପ୍

# କୁଲଦୀପଙ୍କ କମାଲ୍; ୟୁଏଇ ଧରାଶାୟୀ

ଦୁବାଇ, ୧୦।୯ (ଏଜେନ୍ସି):



କୁଲଦୀପଙ୍କୁ ବଧାଇ ଜଣାଉଛନ୍ତି ସୂର୍ଯ୍ୟ କୁମାର

ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣର ଦ୍ୱିତୀୟ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଘରୋଇ ୟୁଏଇ ସାମ୍ନାସାମ୍ନି ହୋଇଛନ୍ତି। ବୁଧବାର ସ୍ଥାନୀୟ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରିପୋର୍ଟ ଲେଖାହେଲା ବେଳକୁ ୟୁଏଇ ୧୩.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୫୭ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଦୁଇ ଓପନର ଆଲିସାନ୍ ସରାଫୁ (୨୨) ଓ ଅଧିନାୟକ ମହମ୍ମଦ ୱାସିମ୍(୧୯) କେବଳ ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ କୁଲଦୀପ୍ ଯାଦବ ସର୍ବାଧିକ ୪ଟି ଓ ଶିଭମ୍ ଦୁବେ ୩ଟି ୱିକେଟ ନେଇଛନ୍ତି। ଯଶପ୍ରୀତ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି।

ବୁଧବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପାଇଁ ଦୁଇ ଓପନର୍ ଅଧିନାୟକ ମହମ୍ମଦ ୱାସିମ ଓ ଆଲିସାନ ଶରଫୁ ଭଲ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍‌ରେ ୨୬ ରନ ଉଠାଇଥିଲେ। ତେବେ ୪ର୍ଥ ଓଭରର ୪ର୍ଥ ବଲ୍‌ରେ ବୁମ୍‌ରାଙ୍କ ଏକ ଚମତ୍କାର ୟର୍କରକୁ ଖେଳି ନ ପାରି ଆଲିସାନ ୨୨ ରନରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ୟୁଏଇର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବ୍ୟାଟର୍ ମହମ୍ମଦ ଜୋହେବ ୨ ରନ କରି ବରୁଣ ଚକ୍ରବର୍ତ୍ତୀଙ୍କୁ ବଡ଼ ସଟ୍ ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ବୋଲିଂ କରିବାକୁ ଆସିଥିବା କୁଲଦୀପ ଯାଦବ ତାଙ୍କ ରିଷ୍ଟ ସ୍ପିନରେ ୟୁଏଇ ବ୍ୟାଟର୍‌ଙ୍କୁ ଅଡୁଆରେ ପକାଇଥିଲେ। ତାଙ୍କର ପ୍ରଥମ ଶିକାର ହୋଇଥିଲେ ରାହୁଲ ଚୋପ୍ରା (୩ ରନ)। ଏହାପରେ ଧୈର୍ଯ୍ୟର ସହ ଖେଳୁଥିବା ଅଧିନାୟକ ୱାସିମ ୧୯ ରନ କରି କୁଲଦୀପଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିଭଳି ବାମହାତୀ ବ୍ୟାଟର୍ ହର୍ଷିତ କୌଶିକ ମଧ୍ୟ କୁଲଦୀପଙ୍କୁ ସ୍ପିନକୁ ବୁଝି ନ ପାରି ୨ ରନରେ କ୍ଲିନ ବୋଲ୍ଡ ହୋଇଥିଲେ।

**ଆଜିର ମ୍ୟାଚ୍**

DP WORLD ASIA CUP 2025

**ବାଂଲାଦେଶ-ହଂକଂ**

ଭେନ୍ୟୁ : ଆବୁଧାବି

ଖେଳ ଆରମ୍ଭ : ରାତି ୮ଟା

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

# ସୂର୍ଯ୍ୟକୁମାରଙ୍କ ରେକର୍ଡ ଭାଙ୍ଗିଲେ ଓମାରଜାଇ



ଆବୁଧାବି, ୧୦।୯ (ଏଜେନ୍ସି): ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଆଫଗାନିସ୍ତାନ ୯୪ ରନର ବୃହତ୍ ବ୍ୟବଧାନରେ ହଂକଂକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୮ ରନର ବିଶାଳ ସ୍କୋର କରିଥିଲା। ଜବାବରେ ହଂକଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯ ୱିକେଟ୍‌ରେ ୯୪ ରନ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ଆଫଗାନିସ୍ତାନ ଅଲ୍‌ରାଉଣ୍ଡ ଅଜମାତୁଲ୍ଲା ଓମାରଜାଇଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଓମାରଜାଇ ଆଫଗାନିସ୍ତାନ ଇନିଂସରେ ବ୍ୟାଟିଂକ୍ରମର ୬ଷ୍ଠ ସ୍ଥାନରେ ଆସି ୨୧ ବଲରେ ୫୩ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ୫ଟି ଛକା ଓ ୨ଟି ଚୌକା ମାରିଥିଲେ। ଏସିଆ କପ୍ ଇତିହାସରେ ଏହା ଦ୍ରୁତତମ ଅର୍ଦ୍ଧଶତକ ହେବାର ରେକର୍ଡ ହୋଇଛି। ପୂର୍ବରୁ ଏସିଆ କପ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନାମରେ ରହିଥିଲା। ୨୦୨୨ ସଂସ୍କରଣରେ ସୂର୍ଯ୍ୟକୁମାର ହଂକଂ ବିପକ୍ଷରେ ୨୨ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏବେ ଓମାରଜାଇ ତାଙ୍କୁ ପଛରେ ପକାଇଦେଇଛନ୍ତି।

# ୟୁଏଇ ଦଳରେ ୬ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୧୦।୯ (ଏଜେନ୍ସି): ଚଳିତ ଏସିଆ କପ୍‌ରେ ଭାରତ ବୁଧବାର ତା'ର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) କୁ ଭେଟିଛି। କିନ୍ତୁ ୟୁଏଇ ଦଳରେ ଅଧାରୁ ଅଧିକ ଖେଳାଳି ଭାରତୀୟ ବଂଶୋଦ୍ଭବ ବୋଲି ଖୁବ୍ କମ୍ ପ୍ରଶଂସକ ଜାଣିଥିବେ। ୟୁଏଇ ଦଳରେ ସାମିଲ ହୋଇଥିବା ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ହେଲେ ସିମରନଜିତ୍ ସିଂହ, ହର୍ଷିତ କୌଶିକ, ଧ୍ରୁବ ପରାସର, ଆଲିସାନ ଶରାଫୁ, ଆର୍ଯ୍ୟାଂଶ ଶର୍ମା ଓ ରାହୁଲ ଚୋପ୍ରା। ଆର୍ଯ୍ୟାଂଶ ଓ ରାହୁଲ ୱିକେଟକିପର ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ନିଜ ପରିବାର ସହ ୟୁଏଇରେ ଅବସ୍ଥାପିତ ଓ ନିଜ ପ୍ରଦର୍ଶନ ଓ ଦକ୍ଷତା ବଳରେ ଜାତୀୟ ଦଳରେ ସ୍ଥାନ ହାସଲ କରିଛନ୍ତି।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଲା ଇକ୍ୱେଡର



ତାରକ୍ୱି, ୧୦।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବୁଧବାର ସ୍ଥାନୀୟ ମୌନମେଣ୍ଟାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ଇକ୍ୱେଡର ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଇଞ୍ଜୁରୀ ଟାଇମରେ ଘରୋଇ ଇକ୍ୱେଡରକୁ ଏକ ପେନାଲ୍ଟି ମିଳିଥିଲା। ଏହି ଫ୍ରି କିକ୍‌ର ଭରପୁର ଫାଇଦା ଉଠାଇ ଭାଲେନସିଆ ଏନ୍ନର ଘରୋଇ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଏହାପରେ ବଳକା ୪୫ ମିନିଟ୍‌ରେ ଆର୍ଜେଣ୍ଟିନା ଗୋଲକୁ ଶୁଝାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଆର୍ଜେଣ୍ଟିନାର ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚରେ ଖେଳୁ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆର୍ଜେଣ୍ଟିନା ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୨ ବିଜୟ, ୪ ପରାଜୟ ଓ ୨ଟି ଡ୍ର ସହ ୩୮ ପଏଣ୍ଟ ସହ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍‌ରେ ସ୍ଥାନ ସୁରକ୍ଷିତ କରିନେଇଛି।

## ହଂକଂ ଓପନ

# ସିଜନରେ ଷଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚଳିତ ବର୍ଷ ଜାରି ରହିଛି। ପୁଣିଥରେ ସିନ୍ଧୁ ଚଳିତ ସିଜନରେ ଏକ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ହଂକଂ ଓପନ୍ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମରେ ବିଶ୍ୱ ମାନ୍ୟତାର ୨୭ତମ ସ୍ଥାନରେ ରହିଥିବା ଡେନମାର୍କର ଲିନ କ୍ରିଷ୍ଟୋଫରସେନଙ୍କ ନିକଟରୁ ହାରିଯାଇଛନ୍ତି। ଫଳରେ ୧୪ତମ ମାନ୍ୟତା ସିନ୍ଧୁ ଚଳିତ ବର୍ଷ ୬ଷ୍ଠଥର ଲାଗି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଲିନ୍‌ଙ୍କ ବିପକ୍ଷରେ ୬ଷ୍ଠ ମୁକାବିଲାରୁ ସିନ୍ଧୁ ପ୍ରଥମ ପରାଜୟବରଣ କରିଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ଅଗ୍ରଗତି କରିଛନ୍ତି। ଲକ୍ଷ୍ୟ ୨୨-୨୦, ୧୬-୨୧, ୨୧-୧୫ ଗେମରେ ଚାଇନିଜ ତାଇପେଇର ୱାଙ୍ଗ ଜୁ ୱିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଏଚଏସ୍ ପ୍ରଣୟ ଓ କିରନ ଜର୍ଜ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।



## ମହିଳା ଏସିଆ କପ୍ ହକି: ଦ.କୋରିଆ ୨-୪ ଗୋଲ୍‌ରେ ପରାସ୍ତ

# ସୁପର୍-୪ରେ ଭାରତର ବିଜୟ ଅଭିଯାନ

ହାଙ୍ଗଝୋଉ, ୧୦।୯ (ଏଜେନ୍ସି):



ଚାଇନାରେ ଚାଲିଥିବା ମହିଳା ଏସିଆ କପ୍ ହକି ୧୧ତମ ସଂସ୍କରଣର ସୁପର୍-୪ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ୪-୨ ଗୋଲ୍‌ରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ବୈଷ୍ଣବୀ ବିଥାଲ, ସଙ୍ଗୀତା କୁମାରୀ, ଲାଲରେମସିଆମି ଓ ଋତୁଜା ଦାଦାସୋ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏଥିସହ ୩ ପଏଣ୍ଟ ପାଇ ୪ ଦଳୀୟ ଟେବଲ ତାଲିକାର ଶୀର୍ଷରେ ରହିଛି। ସୁପର୍-୪ରେ ଭାରତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଗୁରୁବାର ଚୀନ ଓ ଶନିବାର ଜାପାନ ବିପକ୍ଷରେ ଖେଳିବ। ରବିବାର ସୁପର୍-୪'ର ଦୁଇ ଶୀର୍ଷ ଦଳ ମଧ୍ୟରେ ଫାଇନାଲ ଖେଳାଯିବ।

ସୁପର୍-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ବୁଧବାର ଅପରାହ୍ଣରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ବୈଷ୍ଣବୀ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରରେ ଏହି ଅଗ୍ରଣୀକୁ ଭାରତ ବଜାୟ ରଖିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୩୩ତମ ମିନିଟରେ ଫିଲ୍ଡ ଗୋଲ୍ ଜରିଆରେ ସଙ୍ଗୀତା କୁମାରୀ ଭାରତକୁ ୨-୦ରେ ଆଗୁଆ କରାଇଥିଲେ। ସେହି ସମାନ ମିନିଟ୍‌ରେ କିନ୍ତୁ ଦକ୍ଷିଣ କୋରିଆ କାଉଣ୍ଟର ଆଟାକ୍ କରି ଗୋଟିଏ ଗୋଲ୍ ଶୁଝିଦେଇଥିଲା। କିମ୍ ୟୁଜିନ ପେନାଲ୍ଟି କର୍ଣ୍ଣରରୁ ଏହି ଗୋଲ୍‌ଟି ଦେଇଥିଲେ। ଏହାପରେ ୪୦ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ୍ ବଳରେ ଭାରତ ଅଗ୍ରଣୀକୁ ୩-୧କୁ ବୃଦ୍ଧି କରାଇଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ୫୩ତମ ମିନିଟ୍‌ରେ କିମ୍ କୋରିଆ ପାଇଁ ୨ୟ ଗୋଲ୍ ଦେଇ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଶେଷ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଋତୁଜା ଏହାକୁ ଗୋଲରେ ରୂପାନ୍ତରିତ କରି ଭାରତକୁ ୪-୨ ଗୋଲରେ ବିଜୟୀ କରାଇଥିଲେ।

# କେଭିଏଲ୍‌ରେ ଭାଗନେବେ ୭୬ଟି ଦଳ

କଟକ,୧୦।୯ (ସମିସ): ଖୁବଶୀଘ୍ର କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ଆରମ୍ଭ ହେବ। ଏଥିନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେବେ। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ମୁକାବିଲା ହେବ। ଏଥିରେ ଚାମ୍ପିଅନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଆସାମ ଯାତ୍ରା କରିବ। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଗେଷ୍ଟହାଉସ୍‌ରେ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲ୍ଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ନାରଙ୍ଗବସ୍ତ ଇନଚାର୍ଜ ସୁଶାନ୍ତ ମାଝୀ ଉପସ୍ଥିତ ରହି ଲିଗ୍‌କୁ ସଫଳ କରିବା ଦିଗରେ ମତବ୍ୟକ୍ତ କରିଥିଲେ। ପରେ ଯାଜପୁରରେ, ଅନୁଗୋଳରେ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ସବୁ ଖେଳାଯିବ। ଦିବ୍ୟବ୍ରତ ପଣ୍ଡା, ଆଇନଜୀବୀ ବସନ୍ତ ଦାସ ପ୍ରମୁଖ ଲିଗ୍ ପରିଚାଳନାରେ ସହଯୋଗ କରିବେ।

ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜନ ବାବଦରେ ଆଲୋଚନା କରାଯାଇଥିଲା। ଜାତୀୟସ୍ତରର ପ୍ରଶିକ୍ଷକଙ୍କୁ ନେଇ ଗ୍ରାମାଞ୍ଚଳରେ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର କରାଯିବ। ବୈଠକରେ କେଭିଡିସିର କଟକ ଜିଲ୍ଲା ଇନଚାର୍ଜ ଅମର ଭଞ୍ଜ, ଢେଙ୍କାନାଳ ଇନଚାର୍ଜ ରାକେଶ ପ୍ରଧାନ, ଜାତୀୟସ୍ତରର ଖେଳାଳି ମହମ୍ମଦ ଓବେଦୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ। ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ବୈଠକ ପରିଚାଳନା କରିଥିଲେ।

# ଆଜିଠୁ ଦୁଲୀପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ, ୧୦।୯ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିର ଫାଇନାଲ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ପୂର୍ବରୁ ସେମିଫାଇନାଲରେ ଉତ୍ତରାଞ୍ଚଳ ବିପକ୍ଷରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପାଳି ଅଗ୍ରଣୀ ରହି ଫାଇନାଲରେ ପହଞ୍ଚିଛନ୍ତି। ତେବେ ଭାରତର ପ୍ରମୁଖ ଖେଳାଳି ବର୍ତ୍ତମାନ ଏସିଆ କପ୍ ଏବଂ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ସିରିଜରେ ବ୍ୟସ୍ତ ରହିଥିବାରୁ ଦୁଲୀପ୍ ଟ୍ରଫି ଫାଇନାଲରେ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ଇଣ୍ଡିଆ-ଏ ଦଳରେ ସାମିଲ ହୋଇଥିବାରୁ ଏନ୍. ଜଗଦୀଶନ ଓ ଦେବଦତ୍ତ ପାଡିକଲ ଫାଇନାଲ ଲଢ଼େଇରେ ଦକ୍ଷିଣାଞ୍ଚଳ ପକ୍ଷରୁ ଖେଳିବେ ନାହିଁ। ତେଣୁ ଫାଇନାଲ ଲାଗି ଦକ୍ଷିଣାଞ୍ଚଳ ଦଳରେ କର୍ଣ୍ଣାଟକର ଆର. ସ୍ମରଣ ଓ ତାମିଲନାଡୁର ଆନ୍ଦ୍ରେ ସିଦ୍ଧାର୍ଥଙ୍କୁ ସାମିଲ କରାଯାଇଛି। ସେହିଭଳି କେନ୍ଦ୍ରାଞ୍ଚଳ ଦଳରେ ୪ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ନଚିକେତ ଭୁତେ, କୁମାର କାର୍ତ୍ତିକେୟ, କୁଲଦୀପ ସେନ ଓ କୁକନା ଅଜୟ ସିଂ। ୟଶ ଠାକୁର ହର୍ଷ ଦୁବେ, ଖଲିଲ ଅହମ୍ମଦ ଓ ମାନବ ସୁତାରଙ୍କ ସ୍ଥାନରେ ଏମାନେ ଖେଳିବେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS